

ସଞ୍ଜୟଙ୍କ ସହ
କାମ କରିବିନି
ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-107 • MONDAY • 13 OCTOBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୧୦୭ • ସୋମବାର • ୧୩ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


### ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ଜଙ୍ଗଲରୁ ଧରାହେଲେ ୩ ଅଭିଯୁକ୍ତ

- ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ଡ୍ରୋନ୍
- ଦୁର୍ଗାପୁର ଯିବ ଓଡ଼ିଶା ମହିଳା କମିସନ ଟିମ୍
- ଶୁଣୁନାହାନ୍ତି ପଶ୍ଚିମବଙ୍ଗ ମହିଳା କମିସନ



■ ଭୁବନେଶ୍ୱର/ଜଳେଶ୍ୱର, ୧୨।୧୦ (ସମିସ): ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ମେଡିକାଲ କଲେଜରେ ଦ୍ୱିତୀୟ ବର୍ଷର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଅଭିଯୁକ୍ତ ଅପୁ ବାଉରୀ (୨୧), ଫିର୍ଦ୍ଦୋଶ ଶେଖ୍ (୨୩) ଏବଂ ରିଆଜୁଦ୍ଦିନ (୩୧)କୁ ଗିରଫ କରିଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହ ସ୍ଥାନୀୟ କିଛି ଲୋକଙ୍କ ବୟାନ ଆଧାରରେ ମୋଟ ୫ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗିଥିବା ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମୋବାଇଲ ଟ୍ରାକିଂ କରି ପାରାନଗଞ୍ଜ ଜଙ୍ଗଲରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଜେରା କରୁଛି। ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଜଙ୍ଗଲ ମଧ୍ୟରେ ଡ୍ରୋନ୍ ସହାୟତାରେ ଖୋଜା ଚାଲିଛି।

ଏହି ଘଟଣାରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଦୁଇଜଣିଆ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କ ବାପା-ମା'ଙ୍କୁ ସାକ୍ଷାତ କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି। ପରିବାରଲୋକଙ୍କ ସନ୍ଦେହ ଥିବା ଛାତ୍ରୀଙ୍କ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି। ଅପରାଧୀଙ୍କୁ ଚିହ୍ନଟ କରିବାକୁ କ୍ୟାମ୍ପସରେ ସିସିଟିଭି ଫୁଟେଜ୍ ଏବଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି।

ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମହିଳା କମିସନ ▶ପୃଷ୍ଠା-୭

## ମମତାଙ୍କ ମନ୍ତବ୍ୟ ନେଇ ହଙ୍ଗାମା

■ ଦୁର୍ଗାପୁର, ୧୨।୧୦ (ଏଜେନ୍ସି): ଓଡ଼ିଶାର ଜଣେ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମହିଳାମାନେ ବିଳମ୍ବିତ ରାତିରେ ବାହାରେ ବୁଲିବା ଉଚିତ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଛନ୍ତି। ନାରୀମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ମମତା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ନିନ୍ଦା କଲେ ବିରୋଧୀ ଦଳ**

ଏହି କାଣ୍ଡ ପାଇଁ ସମସ୍ତ ଦୋଷ ଦୁର୍ଗାପୁରର ସଂପୃକ୍ତ ଘରୋଇ ମେଡିକାଲ କଲେଜ ଉପରେ ଲଦି ଦେଇ ମମତା କହିଛନ୍ତି ଯେ ପିଲାମାନଙ୍କର ସୁରକ୍ଷା ଦାୟିତ୍ୱ ହେଉଛି କଲେଜର। ରାତି ସାଢ଼େ ୧୨ଟା ପରେ ସଂପୃକ୍ତ ଏମ୍‌ବିବିଏସ୍ ଛାତ୍ରୀ କଲେଜ କ୍ୟାମ୍ପସ ବାହାରକୁ କେମିତି ଗଲେ ବୋଲି ପ୍ରଶ୍ନ କରିଛନ୍ତି। ମଧ୍ୟରାତିରେ ପିଲାମାନଙ୍କୁ ବାହାରକୁ ଛାଡ଼ିବା ଉଚିତ ନୁହେଁ। ଆଇନଶୃଙ୍ଖଳା ପୁଲିସର ଦାୟିତ୍ୱ ଥିଲେ ମଧ୍ୟ ସବୁ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ନୁହେଁ। ଦୁର୍ଗାପୁରର ଯେଉଁ ▶ପୃଷ୍ଠା-୭

### ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏ ଆସନ ଭାଗବଣ୍ଟା



■ ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି): ଆସନ୍ତା ମାସରେ ବିହାର ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ କ୍ଷମତାସୀନ ଏନ୍‌ଡିଏ ଅଂଶୀଦାର ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ବିଜେପି ଏବଂ ନୀତୀଶ କୁମାରଙ୍କ ଜେଡିୟୁ ୧୦୧ ଲେଖାଏଁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମେଣ୍ଟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ମିଳିଛି ୨୯ଟି ଆସନ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ସହମତି ଭିତ୍ତିରେ ଏଭଳି ଆସନ ବୁଝାମଣା ହୋଇଛି ବୋଲି ବିଜେପିର ବିହାର ପ୍ରଭାରୀ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ବୁଝାମଣା ଅନୁଯାୟୀ ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଜେଡିୟୁ ଏବଂ ବିଜେପି ଉଭୟ ୧୦୧ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ।

**୧୦୧ ଲେଖାଏଁ ଆସନରେ ଲଢ଼ିବେ ବିଜେପି-ଜେଡିୟୁ**

**ଚିରାଗଙ୍କୁ ୨୯, ମାନ୍‌ଝି ଓ କୁଶୱାହଙ୍କୁ ୬ ଲେଖାଏଁ ଆସନ**

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୦୫ ପରେ ପ୍ରଥମ ଥର ଲାଗି ଜେଡିୟୁ ଏବଂ ବିଜେପି ସମାନ ଆସନରେ ଲଢ଼ିବେ। ଏହାପୂର୍ବରୁ ଜେଡିୟୁ ସର୍ବଦା ବିଜେପି ଅପେକ୍ଷା ଅଧିକ ଆସନରେ ଲଢୁଥିଲା। ଗତ ୪ଟି ନିର୍ବାଚନରେ ଜେଡିୟୁ ବଡ଼ ଭାଇର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ଗତ ୨୦୨୦ ନିର୍ବାଚନରେ ଜେଡିୟୁ ୧୧୫ଟିରେ ପ୍ରାର୍ଥୀ ଦେଇଥିବା ବେଳେ ବିଜେପି ୧୧୦ଟି ଆସନରେ ଲଢ଼ିଥିଲା। ▶ପୃଷ୍ଠା-୭

### ଆଜି ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି; ଦ୍ୱୈତ ଦାୟିତ୍ୱରେ ଓଡ଼ିଶା ସିଇଓ

# ନିରପେକ୍ଷତାକୁ ନେଇ ପ୍ରଶ୍ନ

■ ଭୁବନେଶ୍ୱର, ୧୨।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପୂର୍ବରୁ ଉପନିର୍ବାଚନ ତାରିଖ ଘୋଷଣା ହେବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ନିର୍ବାଚନ ପ୍ରକ୍ରିୟା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସର୍ବଦଳୀୟ ବୈଠକଠାରୁ ଆରମ୍ଭ କରି ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନଙ୍କ "ଦ୍ୱୈତ ଦାୟିତ୍ୱ'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବରିଷ୍ଠ ଆଇଏଏସ୍ ଅଧିକାରୀ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନ୍ୟ ଏକ ସରକାରୀ ପଦବୀରୁ ▶ପୃଷ୍ଠା-୭

**ଚାପ ଯୋଗୁଁ ପ୍ରଭାବିତ ହୋଇପାରେ ଏସ୍‌ଆଇଆର୍**

# ବିଜେପିରେ 'ପୋଷା ପୁଅ'; ନୂଆପଡ଼ାରେ ବିଭାଜନ

**ଦଳର ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ କରାଯାଉଛି ଅବହେଳା**

**ବସନ୍ତ ଓ ପୁଅ ଅଭିନନ୍ଦନଙ୍କ ପଦକ୍ଷେପକୁ ନେଇ ଚିନ୍ତାରେ ଦଳ**

**ଦଳୀୟ ପଦକ୍ଷେପକୁ ପ୍ରସନ୍ନ, ଯଦୁମଣିଙ୍କ ସମର୍ଥକଙ୍କ ବିରୋଧ**

■ ଭୁବନେଶ୍ୱର, ୧୨।୧୦ (ସମିସ): ଘରେ ନ ପଶୁଣୁ ବିଜେପି ନେତାଙ୍କ ମୁଣ୍ଡରେ ଚାଳ ବାଜିଛି। ପରଲୋକଗତ ବିଜେଡି ନେତା ରାଜେନ୍ଦ୍ର ଢୋଲକିଆଙ୍କ ପୋଷ୍ୟ ପୁତ୍ର ଜୟ ଢୋଲକିଆଙ୍କୁ ଦଳରେ ମିଶାଇ ନୂଆପଡ଼ା ବାଜି ଜିତିବାକୁ ଯୋଜନା କରିଥିବା ବିଜେପିକୁ ଲାଗିଛି ବଡ଼ ଝଟ୍‌କା। ଜୟଙ୍କୁ ଦଳକୁ ଆଣି ଟିକଟ ଦେବା ପ୍ରସଙ୍ଗକୁ ବରିଷ୍ଠ ନେତାମାନେ ପସନ୍ଦ କରୁ ନ ଥିବାବେଳେ ନୂଆପଡ଼ାରୁ ଆଶାୟୀ ଥିବା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମନ୍ତବ୍ୟ ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇଛି। ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ନେତାଙ୍କୁ ଉପେକ୍ଷା କରାଯାଉଥିବା ସଂକ୍ରାନ୍ତରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ପୁଣିଥରେ ସତ୍ୟ ସାବ୍ୟସ୍ତ ହୋଇଛି। ଜୟଙ୍କ ଯୋଗଦାନ ବିଜେପି ପାଇଁ ରାସ୍ତା ସହଜ କରିବା ପରିବର୍ତ୍ତେ ଅଧିକ ଜଟିଳ କରିଛି। ନୂଆପଡ଼ା ସମେତ ରାଜ୍ୟବ୍ୟାପୀ କର୍ମୀ ମହଲରେ ଏପରି ମିଶ୍ରଣକୁ ନାପସନ୍ଦ କରିଛନ୍ତି।

ଜୟଙ୍କ ଯୋଗଦାନ ପୂର୍ବରୁ ଶନିବାର ବସନ୍ତ ପଣ୍ଡାଙ୍କ ସହ ଘଣ୍ଟା ଘଣ୍ଟା ଧରି କବାଟ କିଳା ଆଲୋଚନା କରିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମେ ଜୟଙ୍କ ବିଜେପି ଯୋଗଦାନକୁ ପୂରାଜୋରରେ ବିରୋଧ କରିଥିଲେ ବସନ୍ତ। ନିଜ ପୁଅର ଭବିଷ୍ୟତକୁ ନେଇ ବସନ୍ତ ଚିନ୍ତା ପ୍ରକଟ କରିବା ସହ ଏପରି ମିଶ୍ରଣକୁ ସେ ଗ୍ରହଣ କରିପାରିବେ ନାହିଁ ବୋଲି ମନମୋହନ-ମାନସଙ୍କୁ ସଫାସଫା କହିଥିଲେ। ତେବେ ପୁଅଙ୍କୁ ଥଇଥାନ ସଂକ୍ରାନ୍ତରେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ବସନ୍ତ ମିଶ୍ରଣ ସଭାକୁ ଆସିବା ସହ ମଞ୍ଚକୁ ଚଢ଼ିଥିଲେ। ମାତ୍ର ମିଶ୍ରଣ ପର୍ବ ପରେ ବିଭିନ୍ନ ଗଣମାଧ୍ୟମକୁ ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ ▶ପୃଷ୍ଠା-୭

# ଆଜି ଉତ୍ତର ଓଡ଼ିଶାରୁ ମେଲାଣି ନେବ ମୌସୁମୀ

■ ଭୁବନେଶ୍ୱର, ୧୨।୧୦ (ସମିସ): ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବ। ମୁଖ୍ୟତଃ ଉତ୍ତର ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ। ଗତ ଦୁଇ ଦିନ ହେବ ରାଜ୍ୟରୁ ବର୍ଷାର ପରିମାଣ କମିଯାଇଛି। ଏହାସହିତ ଆଗକୁ ବିଶେଷ ପାଣିପାଗଜନିତ ନିୟାମକ ସକ୍ରିୟ ନ ଥିବାରୁ ବର୍ଷାର ସମ୍ଭାବନା ମଧ୍ୟ କମ୍ ରହିଛି। ତେଣୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଆକାଶ ନିର୍ମଳ ରହିବ। ଦିନବେଳା ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ବାୟୁମଣ୍ଡଳରେ ଜଳୀୟବାଷ୍ପ କମିଯିବା ହେତୁ ତାପମାତ୍ରା ମଧ୍ୟ ହ୍ରାସ ପାଇବ। ଏହି ସମୟରେ ରାତିରେ କାକର ପଡ଼ିବା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୨୩-୨୫ ▶ପୃଷ୍ଠା-୭

**ରାତିରେ ରାଜୁତି କରିବ କୁହୁଡ଼ି ଓ କାକର**

# ଜାଲରେ ପଡ଼ିଲେ ୯୦ଟି ବିରଳ ତେଲିଆ ମାଛ

**କୋଟିଏ ଟଙ୍କାରେ କିଣିନେଲା ଔଷଧ କମ୍ପାନୀ**



■ ବାଲେଶ୍ୱର(ଉତ୍ତର), ୧୨।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସୀମାନ୍ତ ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀଙ୍କ ଜାଲରେ ଆଜି ବିରଳ ପ୍ରଜାତିର ତେଲିଆ(ଭୋଲା) ମାଛ ଲାଗିଛି। ଏହାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଦୀଘା ମୁହାଣରେ ଟ୍ରଲର୍ ଲାଗିବା ପରେ ଏହି ପ୍ରଜାତିର ୯୦ଟି ମାଛ ନିକଟସ୍ଥ ବଜାରକୁ ଆସିଥିଲା। ପ୍ରତ୍ୟେକ ମାଛର ଓଜନ ୩୦ରୁ ୩୫ କେଜି ହୋଇଥିଲା ବେଳେ ଏହା ଏକ କୋଟି ଟଙ୍କାରେ ନିଲାମ ହୋଇଥିଲା। କୋଲକାତାର ଏକ ଔଷଧ କମ୍ପାନୀ ଏହାକୁ କିଣି ନେଇଥିବା ଜଣାପଡ଼ିଛି। ଟ୍ରଲର୍‌ରୁ ମାଛଗୁଡ଼ିକ ଆସିବା ପରେ ଏହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସୂଚନାଯୋଗ୍ୟ, ଏହି ମାଛର ଚର୍ବି ଏବଂ ଅନ୍ୟାନ୍ୟ ଅଂଶ ବିଭିନ୍ନ ଜୀବନ ରକ୍ଷାକାରୀ ଔଷଧ ▶ପୃଷ୍ଠା-୭




# ପୁଣି ଥରେ ଉଦାହରଣ ସୃଷ୍ଟିକଲା କେରଳ

## ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟ ଭାବେ ହଟାଇଲା 'ଅତି ଦାରିଦ୍ର୍ୟ'

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** କେରଳ ପୁଣି ଥରେ ଦେଶ ତଥା ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆ ପାଇଁ ଉଦାହରଣ ସୃଷ୍ଟି କରିଛି। ସରକାର ଓ ସାମାଜିକ ଭାଗୀଦାରିରେ କେରଳ ପୁଣିଥରେ ଦେଶର ରୋଲ ମଡେଲ ହେବାକୁ ଯାଉଛି। ଦକ୍ଷିଣ ଭାରତର ଏହି ରାଜ୍ୟ ଅତି ଦାରିଦ୍ର୍ୟକୁ ହଟାଇବାରେ ସକ୍ଷମ ହୋଇଛି। ଅବଶ୍ୟ ଆସନ୍ତା ନଭେମ୍ବରରେ ଏ ନେଇ ଆନୁଷ୍ଠାନିକ ଘୋଷଣା ହେବ। ଅତି ଦାରିଦ୍ର୍ୟକୁ ହଟାଇବାରେ କେରଳ ଦକ୍ଷିଣଏସିଆରପ୍ରଥମରାଜ୍ୟରମାନ୍ୟତାପାଇବ।ଜାତିସଂଘ ଅନୁସାରେ ଦିନକୁ ୧୫୮.୧୦ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଅତି ଦରିଦ୍ର ବୋଲି କୁହାଯାଏ। କିନ୍ତୁ କେରଳ ଏହି ସୀମା ଅତିକ୍ରମ କରିଛି ବୋଲି ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ କହିଛନ୍ତି। କେରଳ ଖାଦ୍ୟ, ଆୟ, ସ୍ୱାସ୍ଥ୍ୟ ଓ ବାସଗୃହକୁ ଆଧାର କରି ବିଭିନ୍ନ ଯୋଜନା କରିଥିଲା ଓ ଏହାକୁ ମାନବୀୟ ଗାରିମାର ଆଖ୍ୟା ଦେଇଥିଲା। ଏହି ପ୍ରକ୍ରିୟାରେ ସାମାଜିକ ସଂଗଠନଗୁଡିକର ତରଫରୁ ଅଭୂତପୂର୍ବ ସହାୟତା ମିଳିଥିଲା।

କେରଳରେ ୭୩ ହଜାର ମାଇକ୍ରୋ ଯୋଜନା କରିଥିଲା ଓ ବିଭିନ୍ନ ପରିବାରର ଆବଶ୍ୟକତା ଅନୁଯାୟୀ ସହାୟତା ପ୍ରଦାନ କରାଯାଇଥିଲା। ଏ ନେଇ ଖର୍ଚ୍ଚ ହେଉଥିବା ଅର୍ଥ ଓ ସାହାଯ୍ୟର ହିସାବ ମଧ୍ୟ ରଖାଯାଉଥିଲା। ୪ ବର୍ଷ ମଧ୍ୟରେ କେରଳ ଶେଷରେ ଏହି ଏଥିରେ ସଫଳତା ହାସଲ କରିଥିଲା।

୨୦୨୧ରେ ଲୋକଙ୍କୁ ଅତି ଦାରିଦ୍ୟରୁ ବାହର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏଥିପାଇଁ ୧,୩୦୦ ସର୍ଭେୟରଙ୍କୁ ୧୪ଟି ଜିଲ୍ଲାରେ ନିୟୋଜିତ କରିଥିଲେ। ଯେଉଁ ଲୋକମାନେ ଖାଦ୍ୟ, ସ୍ୱାସ୍ଥ୍ୟ, ଆୟ ଓ ବାସଗୃହର ଅଭାବ ଦେଇ ଗତି କରୁଥିଲେ ସର୍ଭେୟରମାନେ ସେମାନଙ୍କୁ ଚିହ୍ନଟ କରିଥିଲେ। ଏହି ପ୍ରକ୍ରିୟାରେ ୱାର୍ଡ ଓ ବିଭିନ୍ନ ଡିଭିଜନର ଭାଗୀଦାରୀର ନାମାଙ୍କନ, ସବ-କମିଟି ଦ୍ୱାରା ସର୍ଟଲିଷ୍ଟିଂ, ମୋବାଇଲ ଆପ୍ ଦ୍ୱାରା ସାକ୍ଷାତକାର ଓ ଗ୍ରାମସଭା ଦ୍ୱାରା ଫାଇନାଲ ଭେରିଫିକେଶନକୁ ସାମିଲ କରାଯାଇଥିଲା। ଏହି କ୍ରମରେ ୧,୦୩, ୦୯୯ ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୮୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିଲେ। ୨୪ ପ୍ରତିଶତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାଥିଲା। ୨୧ ପ୍ରତିଶତ ଲୋକ ଖାଦ୍ୟାଭାବେ ଦେଇ ଗତି କରୁଥିଲେ। ୧୫ ପ୍ରତିଶତ ଲୋକଙ୍କୁ ପାଖରେ ବାସଗୃହ ନଥିଲା। ଏହାପରେ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। କୋଟିୟମ ଜିଲ୍ଲାରେ ୯୭୮ ମାଇକ୍ରୋ ପ୍ଲାନ ସହ ଏହାର ଶୁଭାରମ୍ଭ କରାଯାଇଥିଲା। ଶେଷରେ ଏହା ପର୍ଯ୍ୟାୟ କ୍ରମେ ସଫଳତା ହାସଲ କରିଥିଲା।




## ତାଲିବାନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆଗରେ ବସିଲେ ମହିଳା

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ରବିବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ମହିଳା ସାମ୍ବାଦିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମହିଳା ସାମ୍ବାଦିକମାନେ ପ୍ରଥମ ଧାଡ଼ିରେ ହିଁ ବସିଥିଲେ। ଏହାପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଡକାଯାଇ ନଥିଲା ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ନ ଡାକିବା ନେଇ ମୁତ୍ତାକି ସଫେଇ ଦେଇଥିଲେ। ସମୟ କମ୍ ଥିବାରୁ ସାମ୍ବାଦିକଙ୍କର ଏକ ଛୋଟିଆ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବୈଷୟିକ ତ୍ରୁଟି ବୋଲି କୁହାଯାଇପାରେ। ଏହା ପଛରେ ଅନ୍ୟ କୌଣସି କାରଣ ନଥିଲା ବୋଲି ମୁତ୍ତାକି ସ୍ପଷ୍ଟ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସେ ମହିଳାଙ୍କ ଶିକ୍ଷା, ଭାରତୀୟ ଦୂତାବାସ ପୁଣି ଆରମ୍ଭ କରିବା, ଭାରତ ସହିତ ବ୍ୟବସାୟ ଓ ବାଣିଜ୍ୟ ନେଇ ସାକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ।

## ଭାରତ- ଆଫଗାନ୍ ବିବୃତିକୁ ପାକିସ୍ତାନର ବିରୋଧ

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଅକ୍ଟୋବର ୧୦ରେ ଭାରତ ଓ ଆଫଗାନିସ୍ତାନ ଦେଇଥିବା ମିଳିତ ବିବୃତିକୁ ପାକିସ୍ତାନ କଡ଼ା ବିରୋଧ କରିଛି। ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ଭାରତ ଗସ୍ତ ଅବସରରେ ନୂଆଦିଲ୍ଲୀରେ ଦୁଇଦେଶ ମିଳିତ ବିବୃତି ଦେଇଥିଲେ। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଏହି ବିବୃତି ନେଇ କଡ଼ା ଆପତ୍ତି କରାଯାଇଛି। କାଶ୍ମୀରକୁ ଭାରତ ଅଂଶ ବୋଲି ଏହି ବିବୃତିରେ ଦର୍ଶାଯାଇଛି। ଏହା ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବର ଉଲ୍ଲଙ୍ଘନ ବୋଲି ପାକିସ୍ତାନ କହିଛି। ଏହି ମିଳିତ ବିବୃତିରେ ଗତ ଏପ୍ରିଲରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଆଫଗାନିସ୍ତାନ କଡ଼ା ଭାଷାରେ ନିନ୍ଦା କରିଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ। ଦୁଇ ଦେଶ ସବୁ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଏଥିସହ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ବିଶ୍ୱସନୀୟତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ୪ ପିଲାଙ୍କୁ ବିଷ ଦେଇ ମା'ର ଆତ୍ମହତ୍ୟା

**ସିକର,୧୨।୧୦(ଏଜେନ୍ସି):** ରାଜସ୍ଥାନର ସିକରରେ ଗୋଟିଏ ପରିବାରରେ ୪ ପିଲାଙ୍କୁ ବିଷ ଦେଇ ଜଣେ ମା' ଆତ୍ମହତ୍ୟା କରିଛନ୍ତି। ମାଙ୍କ ସହ ୩ ପୁଅ ଓ ଗୋଟିଏ ଝିଅ ଫ୍ଲାଟ୍‌ରେ ବିଷ ପିଇ ଜୀବନ ହାରିଛନ୍ତି। ଘଟଣାସ୍ଥଳରେ ୧୦ଟି ବିଷ ପ୍ୟାକେଟ ଉଦ୍ଧାର କରାଯାଇଛି। ଏଥିମଧ୍ୟରୁ ୮ଟି ବ୍ୟବହୃତ ହୋଇଛି। ସେହିପରି ଏକ ପାନୀୟ ବିଷ ମଧ୍ୟ ମିଳିଛି ବୋଲି ପୁଲିସ କହିଛି। ପତିଙ୍କ ସହ ନ ପଡିବାରୁ କିରଣ ଓରଫ୍ ପିଙ୍କି ଚୌଧୁରୀ ନାମକ ଏହି ମହିଳା ଅଲଗା ରହୁଥିଲେ। ପିଙ୍କିଙ୍କ ବୟସ ୪୦। ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଥିଲେ। ତାଙ୍କ ଫ୍ଲାଟ ଗୋଟିଏ ସପ୍ତାହ ଧରି ବନ୍ଦ ଥିଲା ଓ ସେଠାରୁ ଦୁର୍ଗନ୍ଧ ଆସୁଥିଲା। ଫଳରେ ବିଲ୍ଡିଂରେ ରହୁଥିବା ଅନ୍ୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଏହି ୫ଟି ମୃତଦେହ ଉଦ୍ଧାର କରିଥିଲା ଓ ଏଗୁଡିକ ପଚି ଯାଇଥିଲା। ପିଙ୍କି ଦୁଇଥର ବିବାହ କରିଥିଲେ। ପ୍ରଥମ ପତିଙ୍କୁ ସେ ୨୦୦୬ରେ ପ୍ରେମ ବିବାହ କରିଥିଲେ। କିନ୍ତୁ ୨୦୧୯ରେ ତାଙ୍କୁ ଛାଡ଼ପତ୍ର ଦେଇ ଆଉ ଜଣଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ପତିଙ୍କ ବିରୋଧରେ ସେ ଦୁଷ୍କର୍ମର ଅଭିଯୋଗ ଆଣିଥିଲେ ଓ ତାଙ୍କ ସହ ପିଙ୍କିଙ୍କର କୌଣସି ସମ୍ପର୍କ ନଥିଲା। ପ୍ରଥମ ପତି ଏମାନଙ୍କ ମୃତଦେହ ନେବାକୁ ମନା କରିଥିଲେ।

## ଏୟାର ଇଣ୍ଡିଆକୁ ଆରଏଟିର ଯାଞ୍ଚ ପାଇଁ ଡିଜିସିଏର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ରବିବାର ଏୟାର ଇଣ୍ଡିଆକୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁ ବୋଇଂ ୭୮୭ ବିମାନରେ କିଛିଦିନ ତଳେ ପାୱାର କଣ୍ଡିସନିଂ ମଡ୍ୟୁଲ (ପିସିଏମ୍) ବଦଳାଯାଇଛି, ସେହି ସବୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି)ର ଷ୍ଟୋୱେଜ (ଫିଟିଂ ଆଣ୍ଡ କଣ୍ଡିସନ)ର ଦ୍ୱିତୀୟଥର ପାଇଁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ଏୟାର ଇଣ୍ଡିଆର ଦୁଇଟି ବୋଇଂ ୭୮୭ ବିମାନରେ ହୋଇଥିବା ବୈଷୟିକ ଘଟଣା ଓ ଏୟାର ଇଣ୍ଡିଆର ସବୁ ୭୮୭ ଡ୍ରିମଲାଇନର ବିମାନଗୁଡିକର ଗ୍ରାଉଣ୍ଡ କରିବା ନେଇ ଫେଡେରେସନ ଅଫ୍ ଇଣ୍ଡିଆନ ପ୍ଲାଇଟ୍ସ (ଏଫ୍ଆଇପି)ର ଦାବି ପରେ ଡିଜିସିଏ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଏହି ନିର୍ଦ୍ଦେଶ ଦେଇଛି। ଅମେରିକୀୟ ବିମାନ ନିର୍ମାତା ବୋଇଂ ମଧ୍ୟ ଏହି ଭଳି ଘଟଣାକୁ ରୋକିବାକୁ ଅବଲମ୍ବନ କରିଥିବା ବିଭିନ୍ନ ଉପାୟ ନେଇ ଡିଜିସିଏ ସବିଶେଷ ରିପୋର୍ଟ ତଲବ କରିଛି। ଏହା ବ୍ୟତୀତ ବିଶ୍ୱବ୍ୟାପୀ ବୋଇଂ ୭୮୭ ସିରିଜର ବିମାନରେ ଏହି ଭଳି ଅନକମାଣ୍ଡ ଆରଏଟି ଡିପ୍ଲୟମେଣ୍ଟର ବିଭିନ୍ନ ଘଟଣା ସମ୍ପୂର୍ଣ୍ଣ ତଥ୍ୟ ଡିଜିସିଏ ମାଗିଛି। ପିସିଏମ୍ ମଡ୍ୟୁଲ ବଦଳାଇବା ପରେ ଦେଖାଦେଇଥିବା ସର୍ଭିସ ଡିଫିକଲ୍ଟିର ରିପୋର୍ଟର ସୂଚନା ମଧ୍ୟ ମଗାଯାଇଛି।

# ପାକ୍-ଆଫଗାନ ସୀମାରେ ଲଢ଼େଇ

## କାବୁଲ ଏୟାର ଷ୍ଟ୍ରାଇକ୍‌ର ପ୍ରତିଶୋଧ ● ୫୮ ପାକ୍ ସୈନ୍ୟଙ୍କୁ ମାରିଲା ତାଲିବାନ



**କାବୁଲ,୧୨।୧୦(ଏଜେନ୍ସି):**

ଆଫଗାନ୍ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଭାରତ ଗସ୍ତରେ ଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ସଂଘର୍ଷ ଚରମ ସୀମାର ପହଞ୍ଚିଛି। ପାକିସ୍ତାନ ବାୟୁସେନା ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିବା ପରେ ଆଫଗାନିସ୍ତାନ ଏହାର ପ୍ରତିଶୋଧ ନେଇଛି। ଏହି କ୍ରମରେ ଆଫଗାନିସ୍ତାନ ଆକ୍ରମଣରେ ପାକିସ୍ତାନର ୫୮ ଜଣ ସୈନ୍ୟ ନିହତ ହୋଇଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି। ଆଫଗାନିସ୍ତାନର ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏ ନେଇ ସୂଚନା ଦେଇଛନ୍ତି। କେବଳ ସେତିକି ନୁହଁ, ଆଫଗାନିସ୍ତାନ ପାକିସ୍ତାନର ୨୫ଟି ସେନା ପୋଷ୍ଟକୁ ମଧ୍ୟ ନିଜ କବ୍‌ଜାକୁ ନେଇଛି। ଆଫଗାନିସ୍ତାନ ଆକ୍ରମଣରେ ୩୦ଜଣ ପାକ୍

### କବ୍‌ଜାରେ ୨୫ ସେନା ପୋଷ୍ଟ

ସୈନ୍ୟ ମଧ୍ୟ ଆହତ ହୋଇଛନ୍ତି। ଅର୍ଦ୍ଧରାତିରେ ଆମର ଅପରେସନ ଶେଷ ହୋଇଛି। ଯଦି ପାକିସ୍ତାନ ପୁଣିଥରେ ଆଫଗାନିସ୍ତାନ ସୀମାର ଉଲ୍ଲଂଘନ କରେ ତେବେ ଆମେ ସେନା ଦେଶର ରକ୍ଷା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ରାଜଧାନୀ କାବୁଲ ଓ ଦେଶର ପୂର୍ବାଞ୍ଚଳର ଏକ ବଜାରରେ ପାକିସ୍ତାନ ବୋମା ଆକ୍ରମଣ କରିଛି ବୋଲି ଆଫଗାନ ଅଧିକାରୀମାନେ ଦାବି କରିଛନ୍ତି। ତେବେ ପାକିସ୍ତାନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ। ପାକିସ୍ତାନ ନିଜ ମାଟିରେ ଆଇଏସ୍ଆଇଏସ୍ ଆତଙ୍କବାଦୀଙ୍କୁ ଶରଣ ଦେଉଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି। ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନ ସମେତ ପୂରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛନ୍ତି ବୋଲି ମୁଜାହିଦ କହିଛନ୍ତି। ପାକିସ୍ତାନ ଏମାନଙ୍କୁ ବାହର କରୁ କିମ୍ବା ଆଫଗାନିସ୍ତାନକୁ ସମର୍ପି ଦେଉ ବୋଲି ସେ କହିଛନ୍ତି। ଆଫଗାନିସ୍ତାନରେ ହେଉଥିବା ଆକ୍ରମଣର ଷଡ଼ଯନ୍ତ୍ର ପାକିସ୍ତାନରେ ହେଉଛି ଓ ଏହାର ପ୍ରମାଣ ଆମ ପାଖରେ ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଭାରତ ଭଳି ଆଫଗାନିସ୍ତାନକୁ କଡ଼ା ଜବାବ ଦିଆଯିବ ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଆଫଗାନିସ୍ତାନ ୬ଟି ଭିନ୍ନ ସ୍ଥାନରେ ଆକ୍ରମଣ କରିଛି ବୋଲି ରେଡିଓ ପାକିସ୍ତାନ ତରଫରୁ କୁହାଯାଇଛି। ଏହି ସଂଘର୍ଷରେ ଆଫଗାନିସ୍ତାନର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦିଆଯାଇଛି ବୋଲି ପାକିସ୍ତାନ ସେନା କହିଛି। ଉଲ୍ଲେଖଥାଉ କି, ୩ ଦିନ ତଳେ ପାକିସ୍ତାନ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଭାରତ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ମୁତ୍ତାକି ପାକିସ୍ତାନକୁ ଏଭଳି ଖେଳିବା ବନ୍ଦ କରୁ ଓ ଆମକୁ ଉତ୍ତେଜିତ ନ କରୁ ବୋଲି କହିଥିଲେ। ସେପଟେ କତାର, ଇରାନ ଓ ସାଉଦି ଆରବ ସଂଯମ ଆଚରଣ ପ୍ରଦର୍ଶନ କରିବାକୁ ଉଭୟ ପାକିସ୍ତାନ ଓ ଆଫଗାନିସ୍ତାନକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ସେନା ଦାବି କରିଛି ଯେ ସେମାନଙ୍କ ଆକ୍ରମଣରେ ଆଫଗାନିସ୍ତାନ ୨୦୦ ତାଲିବାନ ସୈନ୍ୟ ପ୍ରାଣ ହରାଇଛନ୍ତି।

# ଅପରେସନ ବ୍ଲୁ-ଷ୍ଟାର୍ ଥିଲା ଭୁଲ୍ ନିଷ୍ପତ୍ତି: ଚିଦାମ୍ବରମ୍


**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ଅପରେସନ ବ୍ଲୁ-ଷ୍ଟାର୍ ନେଇ ଏକ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସେହି କହିଛନ୍ତି ଯେ, '୧୯୮୪ ଜୁନ୍‌ରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ବାହାରକୁ ବାହାର କରିବା ପାଇଁ ଅପରେସନ ବ୍ଲୁ-ଷ୍ଟାର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏହି ନିଷ୍ପତ୍ତି ଭୂଲ୍ ଥିଲା। ଏଥିପାଇଁ ଇନ୍ଦିରା ଗାନ୍ଧୀଙ୍କୁ ଜୀବନ ଦେବାକୁ ପଡ଼ିଥିଲା। କିନ୍ତୁ ଏହି ନିଷ୍ପତ୍ତି କେବଳ ତାଙ୍କର ନଥିଲା। ଏଥିରେ ସେନା, ପୁଲିସ, ଗୁଇନ୍ଦା ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଥିଲେ'। ହିମାଚଳ ପ୍ରଦେଶର କାସାଉଲିରେ ଶନିବାର ଆୟୋଜିତ 'ଖୁସୱନ୍ତ ସିଂହ ଲିଟେରେଚର ଫେଷ୍ଟିଭାଲ୍'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଜଣାଶୁଣା ସାମ୍ବାଦିକ ହରିନ୍ଦର ବାବେଜାଙ୍କ ବହି 'ଦେ ୱିଲ ସୁଟ୍ ୟୁ ମ୍ୟାଡାମ'କୁ ନେଇ ହୋଇଥିବା ଆଲୋଚନାରେ ସେ ବ୍ଲୁ-ଷ୍ଟାର୍ ବିଷୟରେ ଆଲୋକପାତ କରି ଏହି କଥା କହିଥିଲେ। ସ୍ୱର୍ଣ୍ଣ ମନ୍ଦିରକୁ ଫେରି ପାଇବାର ଏହି ପ୍ରକ୍ରିୟା ନିହାତି ଭୁଲ ଥିଲା। ତେବେ ଏଥିପାଇଁ କୌଣସି ସେନା ଅଧିକାରୀଙ୍କୁ ଅପମାନ କରିବାକୁ ଚାହୁଁନାହିଁ ବୋଲି ସେ କହିଥିଲେ। ଅପରେସନ ବ୍ଲୁ-ଷ୍ଟାର୍‌କୁ ନେଇ ଗତ ୬ ମାସ ମଧ୍ୟରେ ଦ୍ୱିତୀୟଥର ପାଇଁ ବଡ଼ ମନ୍ତବ୍ୟ ଦିଆଯାଇଛି। ଏହା ପୂର୍ବରୁ ଗତ ମେ ୪ରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲଙ୍କ ଗାନ୍ଧୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଅପରେସନ ବ୍ଲୁ-ଷ୍ଟାର୍ ଏକ ଭୁଲ ବୋଲି ସ୍ୱୀକାର କରିଥିଲେ। ୮୦ ଦଶକରେ ଯେଉଁ ତ୍ରୁଟି ହୋଇଥିଲା ତା'କୁ ସ୍ୱୀକାର କରିବାକୁ ରାଜି ଅଛି ବୋଲି ସେ କହିଥିଲେ। ଅପରେସନ ବ୍ଲୁ-ଷ୍ଟାର୍ ପରେ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ ଦେହରକ୍ଷୀମାନେ ଗୁଳିକରି ହତ୍ୟା କରିଥିଲେ। ଏହାପରେ ସାରା ଭାରତରେ ଶିଖ ବିରୋଧୀ ଦଙ୍ଗା ହୋଇଥିଲା ଓ ଏଥିରେ ୩,୦୦୦ ଶିଖଙ୍କୁ ହତ୍ୟା କରାଯାଇଥିଲା।



'ଏଥିପାଇଁ ଇନ୍ଦିରାଙ୍କୁ ଜୀବନ ଦେବାକୁ ପଡ଼ିଥିଲା'

## ବର୍ଦ୍ଧମାନ ଷ୍ଟେସନରେ ଦଳାଚକଟା: ୧୨ ଆହତ

**କୋଲକାତା,୧୨।୧୦(ଏଜେନ୍ସି):** ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳ ଷ୍ଟେସନରେ ରବିବାର ସନ୍ଧ୍ୟାରେ ହୋଇଥିବା ଦଳାଚକଟାରେ ଅତିକମ୍‌ରେ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ୪, ୬ ଓ ୭ ନଂ ପ୍ଲାଟ୍‌ଫର୍ମରେ ଏକାସଙ୍ଗେ ୩ଟି ଟ୍ରେନ୍ ଛିଡ଼ା ହୋଇଥିଲା। ନିଜ ଟ୍ରେନ୍ ଧରିବାକୁ ୩ଟି ଟ୍ରେନ୍‌ର ଯାତ୍ରୀ ଫୁଟ୍ ଓଭର ବ୍ରିଜ୍‌ରେ ଦୌଡ଼ିବାକୁ ଲାଗିଥିଲେ। ଫଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଓ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଶେଷରେ ଏହା ଦଳଚକଟାର ରୂପ ନେଇଥିଲା। ଆହତଙ୍କୁ ରେଳବାଇର ଉଦ୍ଧାରକାରୀ ଦଳ ବର୍ଦ୍ଧମାନ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି ଘଟଣା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିଛିବର୍ଷ ତଳେ ଏହି ଷ୍ଟେସନରେ ଏକ ପାଣି ଟାଙ୍କି ଭୁଶୁଡିବା ଫଳରେ ଏକାଧିକ ଲୋକ ମୃତ୍ୟୁବରଣ କରିଥିଲେ।



## ଦିଲ୍ଲୀ ଜୈନ ମନ୍ଦିରରୁ ୪୦ ଲକ୍ଷ ଟଙ୍କାର ସୁନା କଳସ ଚୋରି

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଉତ୍ତରପୂର୍ବ ଦିଲ୍ଲୀର ଜ୍ୟୋତିନଗରରେ ଜୈନ ମନ୍ଦିରରୁ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି। ସୁନା ପ୍ଲେଟ ଦିଆଯାଇଥିବା ୪୦ ଲକ୍ଷ ଟଙ୍କାର ଏକ କଳସ ମନ୍ଦିରରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଲୋକ ଯେତେବେଳେ କର୍ବାଚୌଥର ବ୍ରତ ପାଳନ କରୁଥିଲେ ସେତେବେଳେ ମନ୍ଦିରର କଳସ ଚୋରି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଏହି କଳସର ଓଜନ ୨୫ରୁ ୩୦ କେଜି ଥିଲା। ମନ୍ଦିରର ଶିଖରରେ ଥିବା ୪୦ ଲକ୍ଷ ଟଙ୍କାର ଏହି କଳସ ଚୋରି ହୋଇଛି ବୋଲି ପୁଲିସ କହିଛି। ତମ୍ବାରେ ତିଆରି ଏହି କଳସ ସୁନା ଦ୍ୱାରା ଆଚ୍ଛାଦିତ ହୋଇଥିଲା। ପୂର୍ବରୁ ମଧ୍ୟ ଲାଲକିଲ୍ଲା ନିକଟରେ ଏକ ଜୈନ ଧାର୍ମିକ ସମାରୋହରେ ପାଖାପାଖି ଏକ କୋଟି ଟଙ୍କା ମୂଲ୍ୟର ଜିନିଷ ଚୋରି ହେବା ଘଟଣା ସାମ୍ନାକୁ ଆସିଥିଲା। ଏହାର କିଛି ଦିନ ପରେ ହିଁ ଏହି ଘଟଣା ଘଟିଛି ବୋଲି ପୁଲିସ କହିଛି। ଜଣେ ଯୁବକ ବିଜୁଳି ତାରକୁ ବ୍ୟବହାର କରି ମନ୍ଦିର ଛାତ ଉପରେ ଚଢ଼ିବା ପରେ ଶିଖରରେ ପହଞ୍ଚିଥିଲା ଓ କଳସକୁ ନେଇ ପଳାଇଯାଇଥିଲା।। ଶନିବାର ସକାଳେ ଶିଖରରେ କଳସକୁ ଦେଖିବାକୁ ନ ପାଇବାରୁ ଲୋକେ ମନ୍ଦିର ପ୍ରଶାସନକୁ ସୂଚନା ଦେଇଥିଲେ। ରାତି ୧୧.୪୫ରେ ଜଣେ ଯୁବକ ମନ୍ଦିର ବାହାରେ ବୁଲୁଥିବାର ସିସିଟିଭି କ୍ୟାମେରାରେ ଦେଖାଯାଇଥିଲା। ସେ ଉପରକୁ ଚଢ଼ି କଳସ ନେଇଯାଇଛି ବୋଲି ପୁଲିସ କହିଛି। ଏବେ ଏହି ଘଟଣା ନେଇ ମାମଲା ରୁଜୁ କରାଯାଇଛି।

# ଆଜି ମୁକ୍ତ ହେବେ ଇସ୍ରାଏଲ ପଣବନ୍ଦୀ; ଶାନ୍ତି ଚୁକ୍ତି ବୈଠକରେ ଟ୍ରମ୍ପ ଉପସ୍ଥିତ



**ଗାଜା,୧୨।୧୦(ଏଜେନ୍ସି):**

ଗାଜା ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଅନୁସାରେ ସୋମବାର ସକାଳେ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହିକ୍ରମେ ୨୦ ଜୀବିତ ବ୍ୟକ୍ତି ଓ ୨୮ଟି ମୃତଦେହ ହମାସ ତରଫରୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରାଯିବ। ଅନ୍ୟପଟେ ଇସ୍ରାଏଲ ଗାଜାରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏହାପରେ ପଣବନ୍ଦୀଙ୍କୁ ଫେରାଇବା ପାଇଁ ହାମାସକୁ ୭୨ ଘଣ୍ଟା ସମୟ ଦିଆଯାଇଛି। ଇସ୍ରାଏଲ ମଧ୍ୟ ୨,୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିବ। ଏହି ପ୍ରକ୍ରିୟାକୁ ଅନ୍ତର୍ଜାତୀୟ ରେଡକ୍ରସ୍ ତଦାରଖ କରିବ ବୋଲି କୁହାଯାଇଛି। ଯଦି ସ୍ଥିତି ଅନୁକୂଳ ହୁଏ, ତେବେ ରବିବାର ରାତିରୁ ପଣବନ୍ଦୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଇଛି।

ପୁଣି ସୋମବାର ଇଜିପ୍ଟରେ ଗାଜା ଯୁଦ୍ଧ ସମାପ୍ତ କରିବା ଚୁକ୍ତି ନେଇ ଆଲୋଚନା ହେବ। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଶ୍ୱର ୨୦ରୁ ଅଧିକ ନେତା ଅଂଶଗ୍ରହଣ କରିବେ। କିନ୍ତୁ ସୋମବାର ହେବାକୁ ଥିବା ଗାଜା ଶାନ୍ତି ଚୁକ୍ତିର ଆନୁଷ୍ଠାନିକ ସମାରୋହରେ ସାମିଲ ହେବାକୁ ହମାସ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଯୋଜନାରେ କିଛି ଅଂଶ ସହ ଆମେ ସହମତ ନୁହଁ ବୋଲି ହମାସର ବରିଷ୍ଠ ନେତା ହୋସାମ ବଦ୍ରାନ୍ କହିଛନ୍ତି। ବୈଠକରେ ହମାସ ପକ୍ଷରୁ ମଧ୍ୟସ୍ଥି ସାମିଲ ହେବେ। ଇଜିପ୍ଟରେ ଆୟୋଜନ ହେବାକୁ ଥିବା ଶାନ୍ତି ଚୁକ୍ତିରେ ଭାରତ ପକ୍ଷରୁ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ସାମିଲ ହେବେ। ଏହି ଶାନ୍ତି ଚୁକ୍ତି ବୈଠକ ଲୋହିତ ସାଗରର ମନୋରମ ରିସୋର୍ଟ ଶର୍ମ-ଅଲ ଶେଖରେ ଆୟୋଜନ ହେବ। ଏଥିରେ ଯୋଗଦେବାକୁ ଆମେରିକା ସ୍ପେନ୍, ଜାପାନ, ଆଜରବୈଜାନ, ହଙ୍ଗେରୀ, ଅଲ ସାଲଭାଡୋର, ସାଇପ୍ରସ, ଗ୍ରୀସ୍, ବାହରିନ, କୁଏତ ଓ କାନାଡ଼ା ସମେତ ଅନ୍ୟ ଦେଶଗୁଡିକର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛି। ସୋମବାର ଟ୍ରମ୍ପ ଇସ୍ରାଏଲ ପହଞ୍ଚି ସଂସଦକୁ ସମ୍ବୋଧିତ କରିବେ। ବନ୍ଦୀଙ୍କୁ ମୁକ୍ତି କରିବାର ପ୍ରକ୍ରିୟା ଅବସରରେ ସେ ଇସ୍ରାଏଲରେ ରହିବେ ଓ ସେ ସବୁ ପଣବନ୍ଦୀଙ୍କୁ ଭେଟିବେ ବୋଲି ଅନୁମାନ କରାଯାଉଛି।

# ପୀତବାସଙ୍କ ମୋବାଇଲରୁ ଖୋଲୁଛି ସାଂଘାତିକ ରହସ୍ୟ!

ବ୍ରହ୍ମପୁର,୧୨।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୭ ଦିନ ବିତିବାକୁ ବସିଥିଲେ ହେଁ ଏଯାଏ ପୁଲିସ ହାତରେ ସେମିତି କିଛି ଠୋସ୍ ସୁରାକ୍ ଲାଗିନାହିଁ। କିଏ ଓ କାହିଁକି ହତ୍ୟା କଲା, ତା'ର ଖିଅ ପାଉନି ପୁଲିସ। ଅନ୍ଧାରରେ ବାଡ଼ି ବୁଲାଇବା ଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏପରିସ୍ଥଳେ, ପୁଲିସ ହେପାଜତରେ ଥିବା ପୀତବାସଙ୍କ ଦୁଇଟି ମୋବାଇଲରୁ କିଛି ସାଂଘାତିକ ରହସ୍ୟ ପୁଲିସକୁ ମିଳିଛି। ଏକାଧିକ ମହିଳା ବନ୍ଧୁଙ୍କ ସହ ସମ୍ପର୍କ ଓ ସେମାନଙ୍କ ମଧ୍ୟରେ ତିକ୍ତତା ହତ୍ୟାର କାରଣ ହୋଇଥାଇପାରେ ବୋଲି କୁହାଯାଉଛି।



କଲ୍-ଡିଟେଲ୍ସ-ରିପୋର୍ଟ (ସିଡିଆର୍) ଆଧାରରେ ପୁଲିସ ୨ଜଣ ମହିଳାଙ୍କୁ ପଚରାଉଚରା କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆଗକୁ ଅନ୍ୟମାନଙ୍କୁ ମଧ୍ୟ ପଚରାଉଚରା କରାଯାଇପାରେ।

ଅପରପକ୍ଷେ, ଏହି ଘଟଣାରେ ପୁଲିସ ଆଜି କିଛି ପୁରୁଣା ହତ୍ୟା ମାମଲାରେ ଜଡ଼ିତ ଅପରାଧୀଙ୍କୁ ଡାକି ପଚରାଉଚରା କରିଛି। ଏହି କ୍ରମରେ କୁଖ୍ୟାତ ଅପରାଧୀ ଦିଲ୍ଲୀପ ଓ ସିମ୍ପୁଙ୍କୁ ମଧ୍ୟ ଜେରା କରାଯାଉଛି। ଆମ୍ବପୁଆ ପୁଲିସ ରିଜର୍ଭ ବାରାକ୍‌ରେ ଦୁହିଁଙ୍କୁ ଜେରା କରାଯାଉଥିବା ଜଣାଯାଇଛି।

ନିଜ ଗାଁର କିଛି ଲୋକଙ୍କ ପୀତବାସଙ୍କ ଶତ୍ରୁତା ରହିଥିଲା କି, କାହା ସହ କେବେ ମାରପିଟ୍ ହୋଇଥିଲା କି, କାହାକୁ ସେ ବେଶି ବିଶ୍ୱାସ କରି ସବୁକଥା କହୁଥିଲେ; ସେନେଇ ପୁଲିସ ତାଙ୍କ ପରିବାରଲୋକ ଓ କିଛି ବନ୍ଧୁଙ୍କୁ ପଚରାଉଚରା କରିଛି। ସେହିପରି, ପୁଲିସ ହାତରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିବା ପରେ ଗୋଟିଏ ଟିମ୍ କଟକ ଓ ଏହାର ଆଖପାଖ ଅଞ୍ଚଳରେ ଛାନଭିନ କରୁଥିବା ଜଣାପଡ଼ିଛି।

ସିସିଟିଭି ଫୁଟେଜ୍ ଆଧାରରେ ସନ୍ଦିଗ୍ଧଙ୍କ ନିକଟତର ହେବାକୁ ପୁଲିସ ପ୍ରୟାସ ଜାରି ରଖିଥିବା ବେଳେ

■ ସମ୍ପର୍କ ଓ ତିକ୍ତତାର କାରଣ ଖୋଜୁଛି ପୁଲିସ
■ ୨ ମହିଳା ଓ ୨ ଅପରାଧୀଙ୍କୁ ଜେରା
■ ମୁକୁଳିଲେ ଅଟକ ଦୁଇ ଯବାନ

ପୀତବାସଙ୍କ ସଂସ୍ପର୍ଶରେ ରହୁଥିବା ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କଠାରୁ ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। ସେଥିମଧ୍ୟରେ ପୀତବାସଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ସମେତ ଏକାଧିକ ଆଇନଜୀବୀ ମଧ୍ୟ ଅନ୍ତର୍ଭୁକ୍ତ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ପଚରାଉଚରା କରାଯାଉଛି। ସେହିଭଳି, ଘଟଣା ଦିନ ଉପସ୍ଥିତ ଥିବା ତଥା ପୀତବାସଙ୍କୁ ହସ୍ପିଟାଲକୁ ନେଇଥିବା ଯୁବକ ଓ ଭିଡିଓ ଉତ୍ତୋଳନ କରିଥିବା ସାମ୍ବାଦିକଙ୍କୁ ମଧ୍ୟ ଏକାନ୍ତରେ ପଚରାଉଚରା କରିଥିବା ଜଣାପଡ଼ିଛି। ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ଘର ଓ କ୍ରସର ଓ ତତ୍‌ସଂଲଗ୍ନ ଜମି ତାଙ୍କ ଅଗୋଚରରେ ହଡ଼ପ ହୋଇଥିବା ଭଳି ନୂଆ ତଥ୍ୟ ପଦାକୁ ଆସୁଛି। ଏହାକୁ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି।

ଅପରପକ୍ଷେ, ପୁଲିସ କବ୍‌ଜାରେ ଅଟକ ୨ ଯବାନଙ୍କୁ ସନ୍ଦେହ ଦୂର ପରେ ଛାଡ଼ି ଦିଆଯାଇଛି। ଯବାନଦ୍ୱୟ ଦୁଇ ବନ୍ଧୁ ଏବଂ ସେମାନେ କୁମାର ପୂର୍ଣ୍ଣିମା ଅବସରରେ ତାସ୍ ଖେଳିବାକୁ ଏକାଠି ହୋଇଥିଲେ। ପ୍ରଥମେ ସେମାନେ ଖାଇବା ଆଣିବାକୁ ନନ୍ଦନ ହୋଟେଲକୁ ଯାଇଥିଲେ। କିନ୍ତୁ ସେତେବେଳକୁ ସେଠାରେ ପାର୍ସଲ ବ୍ୟବସ୍ଥା ବନ୍ଦ ହୋଇସାରିଥିଲା। ପରେ ସେମାନେ ଭୂପତି ହୋଟେଲକୁ ଯାଇଥିଲେ। ସେମାନଙ୍କ ସମ୍ମୁଖରେ ପୀତବାସ ନିଜ ବାଇକ୍‌ରେ ଯାଉଥିଲେ। ଯାହା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଯବାନଙ୍କ ଗାଡ଼ି ପୀତବାସଙ୍କୁ ପିଛା କରୁଥିବା ଭଳି ଭ୍ରମ ସୃଷ୍ଟି କରିଥିଲା। ପରେ ସମସ୍ତେ ଭୂପତି ହୋଟେଲକୁ ଯାଇ ସେଠାରୁ ଖାଦ୍ୟ ପାର୍ସଲ ନେଇଥିଲେ। ସେଠାରେ ପୁଣି ସମସ୍ତଙ୍କ ଫୁଟେଜ ସିସିଟିଭିରେ କଏଦ୍ ହୋଇଥିଲା। ଏହାକୁ ପୁଲିସ ତଦନ୍ତ ବେଳେ ସନ୍ଦେହ କରିଥିଲା। ତେବେ, ଘଟଣା ସହ କାହାରି କୌଣସି ପ୍ରକାରର ସମ୍ପର୍କ ନଥିଲେ ହେଁ ହତ୍ୟାକାଣ୍ଡ ଭଳି ଘଟଣାରେ ସମସ୍ତଙ୍କୁ ଅଟକ ରଖାଯାଇଥିବାରୁ ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ସେପଟେ କାଳେ ତାସ ଖେଳ କଥା ପଦାରେ ପଡ଼ିଯିବ, ସେନେଇ ମଧ୍ୟ ଯବାନଦ୍ୱୟ ବିବ୍ରତ ହୋଇପଡ଼ିଥିଲେ। ଜେରା ବେଳେ ପୁଲିସକୁ ବାରମ୍ବାର ମିଥ୍ୟା ତଥ୍ୟ ଦେଇ ଅଯଥାରେ ହରଡ଼ଘଣାରେ ପଡ଼ିଥିଲେ। ସନ୍ଦେହ ଦୂର ହେବା ପରେ ଉଭୟେ ମୁକୁଳିବା ସହ ଆଶ୍ୱସ୍ତ ହୋଇଛନ୍ତି।

## ପୁଲିସ ଏସ୍‌ଆଇ ଚାକିରି ବେପାର

# ଶଙ୍କର, ମୁନ୍ନା ସମେତ ୧୦ଜଣଙ୍କ ଆକାଉଣ୍ଟ ଅଚଳ

ଭୁବନେଶ୍ୱର, ୧୨।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପ୍ରୁଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସମେତ ୧୦ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛି। ସେହିପରି ଧରାପଡ଼ିଥିବା ୫ ଦଲାଲଙ୍କ ଫୋନ୍ ଓ ଶଙ୍କର ପ୍ରୁଷ୍ଟି ଅଫିସରୁ ଜବତ କମ୍ପ୍ୟୁଟର, ଅନ୍ୟ ଡିଭାଇସ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ଦିଆଯାଇଛି। ଏହାର ରିପୋର୍ଟ ଆସିଲେ କେଉଁମାନେ ଏହି ଦଲାଲମାନଙ୍କ ସହ ଯୋଗସୂତ୍ରରେ ଥିଲେ ତାହା ସ୍ପଷ୍ଟ ହେବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ଫେରାର ଥିବା ଶଙ୍କର ଓ ମୁନ୍ନାକୁ ଧରିବାକୁ କ୍ରାଇମବ୍ରାଞ୍ଚର ୪ଟି ଟିମ୍ ବିଭିନ୍ନ ରାଜ୍ୟକୁ ଯାଇଥିଲେ ମଧ୍ୟ ସେମାନଙ୍କ ହାତରେ କିଛି ସୁରାକ ମିଳିନାହିଁ।

ଅନ୍ୟପଟରେ ଏବେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ଆହୁରି ୧୬ ଜଣ ବ୍ୟକ୍ତିଙ୍କ ଉପରେ ନଜର ରଖିଛି। ଆଶାୟୀମାନଙ୍କ ସହ ସେମାନେ ଯୋଗାଯୋଗ କରିବା ସହ ସେମାନଙ୍କଠାରୁ ଏହି ବ୍ୟକ୍ତିମାନେ ଟଙ୍କା ଆଦାୟ କରୁଥିଲେ। ଏହି ମାମଲାରେ ଆହୁରି ବଡ଼ ବଡ଼ ମାଛ ଅଛନ୍ତି। ତେଣୁ ସେମାନଙ୍କୁ ଆଗାମୀ ଦିନରେ ଗିରଫ କରାଯିବା ପରେ ପୁରା ଘଟଣା ପଦାକୁ ଆସିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ଯିବାବେଳେ ଗିରଫ ହୋଇଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କ ଭାଗ୍ୟ ଏବେ ଝୁଲୁଛି। ସେମାନେ ଜେଲରୁ ବାହାରିବା ପରେ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେବା ଉପରେ କଟକଣା ଜାରି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଓପିଆରବି ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ସେମାନେ

■ ଫୋରେନ୍‌ସିକ୍ ଲ୍ୟାବ୍ ଗଲା ଗିରଫ ୫ ଦଲାଲଙ୍କ ମୋବାଇଲ୍ ଫୋନ୍
■ ଲ୍ୟାବ୍‌କୁ ଯାଞ୍ଚ ପାଇଁ ପଠାଗଲା ପଞ୍ଚସଫ୍ଟ ଅଫିସ୍‌ରୁ ଜବତ କମ୍ପ୍ୟୁଟର
■ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେଇ ପାରିବେ ନାହିଁ ଗିରଫ ୧୧୪

ଏଭଳି ଜାଲିଆତି କରି ଚାକିରି ପାଇବା ପାଇଁ ଆଶା କରିଥିଲେ। ତେଣୁ ସେମାନଙ୍କୁ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ନଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ। ଆହୁରି ମଧ୍ୟ କୋର୍ଟକୁ ମଧ୍ୟ ଏନେଇ କ୍ରାଇମ୍‌ବ୍ରାଞ୍ଚ ଅବଗତ କରିବେ। କୋର୍ଟ ସେମାନଙ୍କ ପରୀକ୍ଷା ଦେବା ନେଇ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ କାର୍ଯ୍ୟ ବୋଲି କହିଛନ୍ତି। ତେବେ ଏହି ପରୀକ୍ଷାର୍ଥୀମାନେ ଧରା ପଡ଼ିବା ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, କୋରାପୁଟ ଓ ବ୍ରହ୍ମପୁରରୁ ଅନ୍ୟ ରାଜ୍ୟରେ ପରୀକ୍ଷା ଅଭ୍ୟାସ ପାଇଁ ଯାଇଥିବା ଆହୁରି ପ୍ରାୟ ୩୦୦ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଏଯାଏ କୌଣସି ତଥ୍ୟ ମିଳି ନ ଥିବା କୁହାଯାଉଛି।

ମାତ୍ର ଏହି ସମଗ୍ର ଘଟଣାକୁ ନେଇ ଓପିଆର୍‌ବି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଗତକାଲି ଓପିଆରବି ଅଧ୍ୟକ୍ଷ ଏହାକୁ ଏକ ଛୋଟ ସଂଗଠନ ଓ ଏଥିରେ ୩ ଜଣ ସଦସ୍ୟ ଥିବା ଉଲ୍ଲେଖ କରି ସବୁ ଦୋଷ ଆଇଟିଆଇକୁ ଠେଲିବାକୁ ମଧ୍ୟ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ତତ୍ତ୍ୱାବଧାରକ ସଂସ୍ଥା ଭାବରେ ଆଇଟିଆଇ କାହାକୁ ପରୀକ୍ଷା ସବ୍‌ଲେଟ୍ କଲା ଓ ତାହା କିପରି ପରିଚାଳନା କରିବାକୁ ଯୋଜନା ହୋଇଛି ସେ ସମ୍ପର୍କରେ ଓପିଆରବି ଖବର ରଖିବା କଥା, ମାତ୍ର ସେହି ଦାୟିତ୍ୱରେ ଖିଲାପ ହୋଇଥିବା ସ୍ପଷ୍ଟ ହୋଇ ଯାଇଛି। ପୁନଶ୍ଚ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାର ଛାପା, ପରୀକ୍ଷା କେନ୍ଦ୍ର ମନୋନୟନ ଆଦି କାର୍ଯ୍ୟ ଆଇଟିଆଇରୁ ସିଲିକନ୍ ଓ ସିଲିକନ୍‌ରୁ ପଞ୍ଚସଫ୍ଟକୁ ପ୍ରଦାନ କରାଯାଇଥିବା ସତ୍ତ୍ୱେ ଓପିଆରବି କାହିଁକି ଚୁପ୍ ବସିଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

# ସୂଚନା ଅଧିକାର ଆଇନକୁ ପଙ୍ଗୁ କରୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, ୧୨।୧୦ (ସମିସ): ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ। ସରକାରଙ୍କ କାର୍ଯ୍ୟ ପଦ୍ଧତିରେ ସ୍ୱଚ୍ଛତା



ଆସିବା ସହ ସରକାରଙ୍କ ଉତ୍ତରଦାୟିତ୍ୱ ବଢ଼ିବା ଲକ୍ଷ୍ୟ ନେଇ ୟୁପିଏ ସରକାର ଏହି ଆଇନ ପ୍ରଣୟନ କରିଥିଲେ। ମାତ୍ର ବର୍ତ୍ତମାନର ବିଜେପି ସରକାର ଏହାକୁ ପଙ୍ଗୁ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ସୂଚନା ଅଧିକାର ଆଇନର ୨୦ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଏହା କହିଛନ୍ତି।

ଭକ୍ତ କହିଛନ୍ତି, ୟୁପିଏ ସରକାର ଅମଳରେ ୨୦୦୫ମସିହାରେ ଆର୍‌ଟିଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା। କିନ୍ତୁ, ବିଜେପି ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କାଟି ଚାଲିଛି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି ଯେ ବର୍ତ୍ତମାନ ସୂଚନା ଆଇନ ଅନ୍ତର୍ଗତ ୨୩ ଲକ୍ଷ ମାମଲା ଏବଂ ୪ ଲକ୍ଷ ଅପିଲ ବିନା ଫୈସଲାରେ ପଡ଼ି ରହିଛି। କେନ୍ଦ୍ରୀୟ ସୂଚନା କମିଶନ ଓଡ଼ିଶାର କମିଶନରେ ଠିକ୍ ଭାବରେ ନିଯୁକ୍ତି ମଧ୍ୟ କରୁନାହାନ୍ତି। ମୋଟାମୋଟି ବିଜେପି ସରକାର ଉକ୍ତ ଆଇନକୁ ଅକାମୀ କରିବାରେ ଲାଗିଛନ୍ତି ବୋଲି ଶ୍ରୀ ରାୟ ମତବ୍ୟକ୍ତ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ସୂଚନା ଆଇନ ସଂଶୋଧନ ଫଳରେ ଓଡ଼ିଶା ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ବର୍ଷକୁ ୬ହଜାର ଆବେଦନ ନାକଚ କରିଦିଆଗଲା ଏବଂ କୈଫିୟତ ଦିଆଗଲା ଯେ ତଥ୍ୟ ମାଗିଲା ବେଳେ କୌଣସି ସ୍ୱଷ୍ଟତା ନାହିଁ। ଆଇନକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନିଆନଯିବା ଯୋଗୁଁ ସାଧାରଣ ଜନତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେବା ସହ ସୂଚନା କର୍ମୀ ହତ୍ୟାର ଶିକାର ହେଉଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ଭଇଁଷା ପୁରୁଣା ଡାକ୍ତରଖାନାରୁ ୩ଟି କଙ୍କାଳ ଠାବ

ପାଟଣାଗଡ଼, ୧୨।୧୦(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗାଁର ପୁରୁଣା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ କୋଠାର ୱାସ୍‌ରୁମରୁ ରବିବାର ୩ଟି କଙ୍କାଳ ଠାବ ହୋଇଛି। ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏ ସମ୍ପର୍କରେ ପାଟଣାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

୬ବର୍ଷ ହେଲା ବନ୍ଦ ପଡ଼ିଥିବା ଭଇଁଷା ଗାଁର ଏହି ପୁରୁଣା ଗୋଷ୍ଠୀ

■ ପୁଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ
■ ପାଖରେ ପଡିଛି ମାଙ୍କଡ଼ ବାଳ ଓ ଲାଞ୍ଜ

ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ ୱାସ୍‌ରୁମ୍ ଭିତରେ ୩ଟି କଙ୍କାଳ ପଡ଼ିଥିବା ଜଣେ ବ୍ୟକ୍ତି ଦେଖିବା ପରେ ପ୍ରଥମେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଅବଗତ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରିଥିଲେ। ତେବେ କଙ୍କାଳର ଆଖପାଖ ସ୍ଥାନରେ ମାଙ୍କଡ଼ର ବାଳ ଓ ଲାଞ୍ଜ ପଡ଼ିଥିବାରୁ ତାହା ମାଙ୍କଡ଼ର କଙ୍କାଳ ବୋଲି ଅନୁମାନ କରାଯାଉଛି। ତେବେ ଏହି ପରିତ୍ୟକ୍ତ ୱାସ୍‌ରୁମ ଭିତରେ କେବେଠାରୁ ଏହି କଙ୍କାଳ ପଡ଼ିଛି, ଯଦି ଏହା ମାଙ୍କଡ଼ର କଙ୍କାଳ, ତେବେ ତାହା ଏହି ପରିତ୍ୟକ୍ତ ୱାସରୁମ ଭିତରକୁ କିଭଳି ଆସିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବାଲି ଚାଲାଣକୁ ବିରୋଧ କରିବାରୁ ମାଡ଼

ସାରସକଣା, ୧୨।୧୦ (ସମିସ): ବେଆଇନ ବାଲିଚାଲାଣକୁ ବିରୋଧ କରିବାରୁ ଯୁବକଙ୍କୁ ମାଡ଼। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍ ଜାମଶୋଳାଠାରେ ଏଭଳି ଘଟଣା ଘଟିଛି।



ଝାରପୋଖରିଆ ଥାନା ଅଧୀନ ଜାମଶୋଳାଠାରେ ଦିନକୁ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ବେଆଇନ ବାଲି ଘାଟରୁ ଶହଶହ ଟ୍ରକ୍ ବାଲି ଉଠୁଛି। ଏନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବିରୋଧ କରି ଗତକାଲି ବିଳମ୍ବିତ ରାତିରେ ବାଲି ଚୋରାଚାଲାଣ ହେଉଥିବା ସମୟରେ ଏକ ହାଇୱାକୁ ଅଟକାଇଥିଲେ। କିନ୍ତୁ ବାଲିମାଫିଆମାନେ ସେମାନଙ୍କୁ ମାଡ଼ ମାରି ହାଇୱା ନେଇ ପଳାଇବାରୁ ଯୁବକଜଣଙ୍କ ପୁଲିସକୁ ଖବର ଦେଇଥିଲେ। ତେବେ ମାଡ଼ ମାରିଥିବା ଯୁବକଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଅଭିଯୋଗ କରିଥିବା ଯୁବକ ବିକାଶ ରଞ୍ଜନ ସାହୁଙ୍କୁ ଥାନାକୁ ନେଇ ଯାଇଥିଲା। ପୁଲିସର ଏପରି ନିଷ୍କ୍ରିୟତା ଯୋଗୁଁ ଶାନ୍ତ ଝାରପୋଖରିଆ ଅପରାଧପ୍ରବଣ ହୋଇପଡ଼ିଲାଣି। ପୁଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନର ବିଜୁ ଜନତା ଦଳ ଥାନା ଘେରଉ କରିବ ବୋଲି କହିଛନ୍ତି ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି।

ସୂଚନାଯୋଗ୍ୟ, ଜାମଶୋଳାଠାରେ ବାଲିମାଫିଆଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ଶହଶହ ଟ୍ରକ୍ ବାଲି ଚୋରାରେ ଚାଲାଣ କରୁଛନ୍ତି। ନଦୀକୂଳିଆ ଗ୍ରାମବାସୀ ବିରୋଧ କଲେ, ସେମାନଙ୍କୁ ନାଲିଆଖି ଦେଖାଉଛନ୍ତି। ଏପରିକି, ବୋମା ପକାଇ ଜୀବନରୁ ମାରିବା ପାଇଁ ମଧ୍ୟ ଧମକ ଦେଉଛନ୍ତି।

# 'ନୂଆପଡ଼ାରେ ବିଜେପି ହିଁ ବିଜେପିକୁ ହରାଇବ'

ଭୁବନେଶ୍ୱର,୧୨।୧୦(ସମିସ): ଜୟ ଢୋଲକିଆଙ୍କୁ ଦଳରେ ସାମିଲ କରିଥିବା ଯୋଗୁଁ ବିଜେପିର କ୍ଷତି ହେବ। ନୂଆପଡ଼ାରେ ବିଜେପିକୁ ବିଜେପି ହିଁ ହରାଇବ। ବିଜେଡିରୁ ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ଜୟ ଢୋଲକିଆଙ୍କ ପାଇଁ ଲୋକଙ୍କ ମନରେ ସହାନୁଭୂତି ସୃଷ୍ଟି ହୋଇଥିଲା। ମାତ୍ର ସେ ବିଜେପିରେ ମିଶିବା ପରେ ନିନ୍ଦିତ ହୋଇଛନ୍ତି। ତେଣୁ ଆଉ ତାଙ୍କୁ ସହାନୁଭୂତି ମିଳିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବିଜେପିରେ ଜୟ ଢୋଲକିଆ ସାମିଲ ହେବା ପରେ ଭକ୍ତ ଭବିଷ୍ୟବାଣୀ କରି କହିଛନ୍ତି ଯେ ସେଠାରେ ବିଜେପିର ନିଶ୍ଚୟ ପରାଜୟ ହେବ। ଜୟ ଢୋଲକିଆ ନିଜ ବାପାଙ୍କର ଗୁଣ ଚରିତ୍ରକୁ ହତ୍ୟା କରି ସେ ବିଜେପିରେ ସାମିଲ ହୋଇଛନ୍ତି। ସେ ବିଜେଡିରେ ରହିଥିଲେ ହୁଏତ କିଛି ଅନୁକମ୍ପା ଭୋଟ୍ ପାଇଥା'ନ୍ତେ। ମାତ୍ର ଆଉ ତାଙ୍କୁ ସେହି ଭୋଟ୍ ମିଳିବ ନାହିଁ। ଏହାବ୍ୟତୀତ ବିଜେପି ଲୋକମାନେ ମଧ୍ୟ ସେଠାରେ ଦଳ ଛାଡୁଛନ୍ତି। ତେଣୁ ବିଜେପି ଓ ବିଜେଡି ମିଶି ବିଜେପିକୁ ସେଠାରେ ପରାସ୍ତ କରିବେ ବୋଲି ଭକ୍ତ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ମଧ୍ୟ ନୂଆପଡ଼ାରେ ବିଜେପରି ପରାଜୟକୁ କେହି ଅଟକାଇ ପାରିବେ

■ ବସନ୍ତ ପଣ୍ଡା କଂଗ୍ରେସକୁ ସହଯୋଗ କରିବେ: ସୁର
■ ବିଜେଡି ଛାଡ଼ିଥିବାରୁ ଜୟଙ୍କୁ ମିଳିବନି ଅନୁକମ୍ପା ଭୋଟ: ଭକ୍ତ
■ ଆସନ୍ତା ୧୯ରେ ପ୍ରାର୍ଥିପତ୍ର ଦାଖଲ କରିବେ ଘାସିରାମ

ନାହିଁ ବୋଲି କହିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି, ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ତାଙ୍କ ପୁଅ ସେଠାରେ ବିଜେପିକୁ ହରାଇବେ। ତାଙ୍କ ପୁଅକୁ ଟିକଟ ଦିଆନଯିବା ଯୋଗୁଁ ବସନ୍ତଙ୍କ ପୁଅଙ୍କ ରାଜନୈତିକ ଭବିଷ୍ୟତ ନଷ୍ଟ ହୋଇଯିବ। ତେଣୁ ସେ ସେ କଂଗ୍ରେସକୁ ସହଯୋଗ କରିବେ ଓ ଘାସିରାମଙ୍କର ବିଜୟ ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଜୟ ଢୋଲକିଆଙ୍କର ଗୁଜରାଟରେ ବ୍ୟବସାୟ ରହିଛି। ତାଙ୍କ ବ୍ୟବସାୟକୁ ରକ୍ଷା କରିବାକୁ ସେ ବିଜେପିକୁ ଯାଇଛନ୍ତି। ତେଣୁ ନୂଆପଡ଼ାରେ ବିଜେପି ହାରିବ ଓ କଂଗ୍ରେସ ବିପୁଳ ଭୋଟ୍‌ରେ ଜିତିବ ବୋଲି ସୁର କହିଛନ୍ତି।

ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଆସନ୍ତା ୧୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ ଘାସିରାମ ଜଣେ ସାଲିସ୍‌ବିହୀନ ରାଜନେତା। ସେ ଲୋକଙ୍କ ସୁଖଦୁଃଖର ସାଥୀ। ତେଣୁ ତାଙ୍କର ଏଠାରେ ବିଜୟ ସୁନିଶ୍ଚିତ। ଆସନ୍ତା ୧୯ ତାରିଖରେ ଏକ ବିରାଟ ଶୋଭାଯାତ୍ରାରେ ଘାସିରାମ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି।

■ ପାଣି ଭିତରେ ବଲ୍ ଖେଳ ହେଲା କାଳ

# ପାଣିରେ ବୁଡ଼ି ଜଣେ ମୃତ; ଜଣେ ନିଖୋଜ

ଫୁଲନଖରା,୧୨।୧୦(ସମିସ): ୪୨ମୌଜା ବସନ୍ତ କୁଣ୍ଡଳ ନିକଟସ୍ଥ କାଠଯୋଡି ସିଡୁଆ ନଦୀରେ ଦୁଇ ଜଣ ନାବାଳକ ବୁଡି ଯାଉଥିବାର ଦେଖି ସ୍ଥାନୀୟ କିଛି ଲୋକ ଜଣକୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ରବିବାର ଛୁଟି ଦିନ ଥିବାରୁ ଦିନ ପ୍ରାୟ ୧୧ଟା ସୁଦ୍ଧା କୁଳସରିଚୁଆଁ ନିକଟସ୍ଥ ଦେବୀ ନଦୀକୁ ଦୁଇ ସାଙ୍ଗ ଗୁରୁ ପ୍ରସାଦ ନାୟକ (୧୪) ଓ ସାଇଶୁଭମ୍ ବାରିକ(୧୪) କ୍ରିକେଟ୍ ବଲ୍ ନେଇ ଗାଧୋଇବାକୁ ଆସିଥିଲେ। ପାଣି ଭିତରେ ହସଖୁସିରେ ବଲ୍ ଫୋପଡା ଫୋପଡି ଖେଳୁଥିଲେ। ବଲ ଫୋପଡା ଫୋପଡି ଖେଳୁଥିବା ସମୟରେ ବଲ୍‌ଟି ଗଭୀର ଜଳ ଭିତରକୁ ଚାଲି ଯାଇଥିଲା। ଉଭୟେ ବଲ୍‌ଟି ଆଣିବାକୁ ଯାଇ ଗଭୀର ପାଣି ଭିତରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ପିଲା ଦୁଇଟି ବୁଡି ଯାଉଥିବାର ଦେଖି ଗୁରୁ ପ୍ରସାଦକୁ ପାଣିରୁ ଉଦ୍ଧାର କରିଥିବା ବେଳେ ସାଇଶୁଭମ୍ ପ୍ରଖର ସ୍ରୋତରେ ନିଖୋଜ ହୋଇଯାଇଥିଲା। ଉଦ୍ଧାର କରାଯାଇଥିବା ଗୁରୁପ୍ରସାଦକୁ ତୁରନ୍ତ ବଡ ମେଡିକାଲ୍‌କୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ବେଳେ କଟକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଜଣକୁ ଖୋଜାଖୋଜି କରିଥିଲେ। ମେଡିକାଲ୍‌ରେ ପହଞ୍ଚିବା ପରେ ସେଠାରେ ଡାକ୍ତର ଗୁରୁପ୍ରସାଦଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ୫ଟା ସୁଦ୍ଧା ସାଇ ଶୁଭମଙ୍କର କୌଣସି ସନ୍ଧାନ ମିଳି ନ ଥିବା ବେଳେ ବସନ୍ତକୁଣ୍ଡଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

■ ସରକାରଙ୍କ ନିକଟରେ 'ପିଷ୍ଟା'ର ଦାବି

# ଅଣଶିକ୍ଷା କାର୍ଯ୍ୟରୁ ଶିକ୍ଷକଙ୍କୁ ମୁକ୍ତ କର

ଭୁବନେଶ୍ୱର,୧୨।୧୦(ସମିସ): ପ୍ରାଥମିକ ଶିକ୍ଷକଙ୍କୁ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଉଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ବେଳେ ଅଣଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷାଦାନକୁ ବ୍ୟାପକ ପ୍ରଭାବିତ କରୁଛି। ଫଳରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ସମ୍ପ୍ରତି ଉଲ୍ଲାସ ପୋର୍ଟାଲରେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସାକ୍ଷରତା ଓ ପାଠପଢ଼ା ବିଷୟରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ଶିକ୍ଷକଙ୍କୁ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଖରାଛୁଟି ପରେ ଦୀର୍ଘ ୪ମାସ ହେଲା ଠିକ୍ ଭାବେ ପାଠପଢ଼ା ହେଉନଥିବା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷକଙ୍କୁ ବହୁତ ଅଣଶିକ୍ଷା କାର୍ଯ୍ୟ ଦିଆଯାଉଥିବାରୁ ସେମାନେ ଶିକ୍ଷାଦାନ ପାଇଁ ସମୟ ପାଉ ନାହାନ୍ତି। ସ୍ୱଳ୍ପ ଶିକ୍ଷକରେ ଶିକ୍ଷାଦାନ କରୁଥିବା ବେଳେ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସେମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଏବେ ପୁଣି ଉଲ୍ଲାସ ପୋର୍ଟାଲରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ କେତେବେଳେ ଉଲ୍ଲାସ ସର୍ଭେ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି, ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ନାହିଁ, କେବଳ ଅଣଶିକ୍ଷା କାର୍ଯ୍ୟ କରି ତା'ର ଫଟୋ ଉପରିସ୍ଥ ଅଧିକାରୀଙ୍କୁ ଦେବାରେ ସମୟ ଅପଚୟ ହେଉଛି। ଶିକ୍ଷା ଅଧିକାର ନିୟମ-୨୦୦୯ ଓ ଅଧିନିୟମ-୨୦୧୦ ଧାରା ୨୭ର ଏହା ଉଲ୍ଲଂଘନ ଦର୍ଶାଇବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟାରେ ନିୟୋଜିତ କରିବା ଯୋଗୁଁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଦୁର୍ବଳ ହେଉଛି ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି। ଉଲ୍ଲାସ ସର୍ଭେରୁ ଶିକ୍ଷକଙ୍କୁ ବାଦ୍ ଦେବା ପାଇଁ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଦାବି କରିଛନ୍ତି।

# କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ?

ପୁରୀ, ୧୨।୧୦ (ସମିସ): ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଠନ ହୋଇଛି। ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହେବାର ପାଖାପାଖି ବର୍ଷେ ପରେ ନୂଆ କମିଟି ଗଠନ କରାଯାଇଛି। ହେଲେ, ଗତ କମିଟି ନେଇଥିବା ଅନେକଗୁଡ଼ିଏ ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସେଥିମଧ୍ୟରୁ ସେବାୟତଙ୍କ ପାଇଁ ଘର ଏବଂ ଶ୍ରୀମନ୍ଦିର ଆଦର୍ଶନ ଗୁରୁକୁଳ ଅନ୍ୟତମ। ସେବାୟତଙ୍କ ଜୀବନଜୀବିକା ପାଇଁ ଏହି ଦୁଇ ପ୍ରସ୍ତାବ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ନୂଆ କମିଟି ପ୍ରଥମ ବୈଠକରେ ଏହା ଉପରେ ବିଧିବଦ୍ଧ ଭାବେ ଆଲୋଚନା ହୋଇନାହିଁ। ପ୍ରଶ୍ନ ଉଠୁଛି, କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ। ପୁଣି ସେବାୟତଙ୍କ ପାଇଁ ବାସଗୃହ ତିଆରି ହେବ ନା ନାହିଁ, ତାହାକୁ ନେଇ ବି ସେବାୟତ ଦ୍ୱନ୍ଦ୍ୱରେ।

ସେବାୟତ ଘରର ପିଲାମାନେ ମହାପ୍ରଭୁଙ୍କ ସେବାପୂଜା ସାଙ୍ଗକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେପରି ନିଜକୁ ପ୍ରତିଷ୍ଠିତ କରିପାରିବେ, ସେଥିପାଇଁ ଅଣ୍ଟା ଭିଡ଼ିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ସେମାନଙ୍କ ଲାଗି ଆବଶ୍ୟକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳର ପରିକଳ୍ପନା କରିଥିଲା। ସେବାୟତ ପିଲାମାନେ ଗୁରୁକୁଳରେ ଶିକ୍ଷା ସହ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଅଧିକ ଜ୍ଞାନ ହାସଲ କରିପାରିବେ ବୋଲି ଲକ୍ଷ୍ୟ ରହିଥିଲା। ୨୦୨୨-୨୩ ଶିକ୍ଷାବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

## ସେବାୟତଙ୍କ ବାସଗୃହ ବି ଅଟକି ଯାଇଛି

ଗୁରୁକୁଳ ନିର୍ମାଣ ପାଇଁ ମାଟିତୋଟା ମୌଜାରେ ୧୭ ଏକର ଜମି ଚିହ୍ନଟ ସରିଛି। ପୂର୍ବ ରାଜ୍ୟ ସରକାର ଗୁରୁକୁଳ ସ୍ଥାପନ ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିଲାଗି, ପରିଚାଳନା କମିଟି ଅଧୀନରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସୋସାଇଟି ଗଠନ କରାଯିବ। ଗୁରୁକୁଳ ପରିଚାଳନା ଲାଗି ସୋସାଇଟି ଏବଂ ବିର୍ଲା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏଠାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେବ। ଏହି ଗୁରୁକୁଳରେ ୫୦ ପ୍ରତିଶତ ସେବାୟତ ପିଲା, ଯେଉଁମାନେ ଏଠାରେ ରହି ପାଠ ପଢ଼ିବେ। ସେହିପରି ପୁରୀ ଆଖପାଖର ୫୦ ପ୍ରତିଶତ ପିଲା ମଧ୍ୟ ପଢ଼ିପାରିବେ। ସେବକ ପିଲାଙ୍କୁ କୌଣସି ପ୍ରକାର ଫି' ଦେବାକୁ ପଡ଼ିବ ନାହିଁ। ସିବିଏସ୍‌ଇ ପାର୍ଟନରେ ଶିକ୍ଷାଦାନ କରାଯିବ। କିନ୍ତୁ, ସେବକ ପିଲାମାନେ ଫର୍ମାଲ ଶିକ୍ଷା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଜ୍ଞାନ ଆହରଣ କରିପାରିବେ ବୋଲି ଚୂଡ଼ାନ୍ତ କରାଯାଇଥିଲା। ହେଲେ ଏହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି।

ସେହିପରି ସେବାୟତଙ୍କୁ ଘର ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଥିଲା ପୂର୍ବ ପରିଚାଳନା କମିଟି। ମହାପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା କରୁଥିବା ଅନେକ ସେବାୟତଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। ନିଷ୍ଠାର ସହ ନୀତିକାନ୍ତି କରୁଥିଲେ ବି ସେମାନଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଉପରେ ଭଲ ଛାତଟିଏ ନାହିଁ। ତଥାପି ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ରଖି ନିଜ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି ଅନେକ ସେବାୟତ। ତେଣୁ ସେହି ସେବାୟତ ପରିବାରଙ୍କୁ ବାସଗୃହ ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା। ଏଥିଲାଗି ହରଚଣ୍ଡୀ ସାହି ମୌଜାରେ ୩.୧୮ ଏକର ଜମି ଚିହ୍ନଟ ହୋଇଥିଲା। ଏହି ଜମି ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବା ପରେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଡିଜାଇନ୍ ପ୍ରସ୍ତୁତ ପାଇଁ କୁହାଯିବ। ସେହିପରି କେଉଁ ଆଧାରରେ ସେବାୟତଙ୍କୁ ଘର ଦିଆଯିବ, କେଉଁମାନେ ପାଇବାକୁ ଯୋଗ୍ୟ ଏ ସବୁ ବିଷୟରେ ଆଲୋଚନା କରାଯାଇ ସ୍ଥିର ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୦୦ ଆପାର୍ଟମେଣ୍ଟ କରାଯିବା ଲାଗି ଆକଳନ କରାଯାଇଥିଲା। ଜଣଙ୍କୁ ୬୦୦ରୁ ୬୫୦ ବର୍ଗଫୁଟ୍‌ରେ ଘର ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ଜମି ଆଇନ ବିବାଦରେ ଛନ୍ଦି ହୋଇଯାଇଛି। ଜଣେ ବ୍ୟକ୍ତି ହାଇକୋର୍ଟରୁ ଷ୍ଟେ'ଅର୍ଡର୍ ଆଣିଥିବା ବେଳେ ଆଗକୁ ବଢ଼ିପାରିନି ପ୍ରକ୍ରିୟା। ଇତିମଧ୍ୟରେ ଉକ୍ତ ଦୁଇଟି ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେଇଥିବା ପରିଚାଳନା କମିଟି କାର୍ଯ୍ୟକାରୀ ଗତବର୍ଷ ଅଗଷ୍ଟ ୧୧ତାରିଖରେ ଶେଷ ହୋଇଥିଲା। ତେବେ ନୂଆ କମିଟି ପାଇଁ ଏହି ଦୁଇଟି ପ୍ରକଳ୍ପ ନିଶ୍ଚିତ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି।





## ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ସୁଚିସ୍ମିତାଙ୍କୁ 'ଆଇଆଇଡିଏଫ୍ ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର,୧୨।୧୦(ସମିସ):

ଦୁଇ ଦିବସୀୟ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଉଦଯାପିତ ହୋଇଯାଇଛି। ଓଡିଶୀର ଜନ୍ମଭୂମି ଓଡ଼ିଶାରେ ଭାରତନାଟ୍ୟମର ପ୍ରସାର ପାଇଁ ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସାଧନାରତ ଗୁରୁ ସୁଚିସ୍ମିତା ସେନ୍ ବିଶ୍ୱାସଙ୍କୁ "ଆଇଆଇଡିଏଫ ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଏଥିସହ ଗୋଟିପୁଅ ପାଇଁ ଗୁରୁ ଗୌତମ ମହାପାତ୍ରଙ୍କୁ ଆଇଆଇଡିଏଫ ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅତିଥିଭାବେ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଛଉ ବିଶାରଦ ସଦାଶିବ ପ୍ରଧାନ, ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଭରତ ଚରଣ ଗିରି, ଗୁରୁ ପିତାମ୍ବର ବିଶ୍ୱାଳ, ଓସ୍ତାଦ୍ ବିସମିଲ୍ଲା ଖାଁ ପୁରସ୍କାର ପ୍ରାପ୍ତ ଓଡ଼ିଶୀ ଶିଳ୍ପୀ ପ୍ରଭାତ କୁମାର ସ୍ୱାଇଁ।





ସାଂସ୍କୃତିକୀର ସଭାପତି ଡ. ରୀନା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପାଞ୍ଚଜଣ ଶିଳ୍ପୀଙ୍କୁ ଯୁବ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ଛଉ ପାଇଁ ବୈଭବ ରଣା, କଥକ ପାଇଁ ଲିଖିତା ସେଠୀ, ଭାରତ ନାଟ୍ୟମ ପାଇଁ ସାଧନା ଘୋଷ, ଅନନ୍ୟା ମହାନ୍ତି ଏବଂ ଅନଘା ଶର୍ମା ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ଦିବସରେ କଥକ, ଛଉ, ଭାରତନାଟ୍ୟମ୍, ଝୁମର, ମୋହିନୀ ଆଟମ୍, ସମ୍ବଲପୁରୀ, ଓଡ଼ିଶୀ, ମଣିପୁରୀ, ସମକାଳୀନ ଆଦି ଶୈଳୀରେ ଏକକ, ଯୁଗଳ ଓ ଦଳଗତ ନୃତ୍ୟରେ ଶତାଧିକ ନୃତ୍ୟ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବର ପ୍ରତିଷ୍ଠାତା ଶ୍ୟାମହରି ଚକ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦୁଇ ଦିବସୀୟ ନୃତ୍ୟ ମହୋତ୍ସବରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ପଶ୍ଚିମ ବଙ୍ଗରୁ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବକୁ ସଂଘମିତ୍ରା ମୁଦୁଲି, ଡ. ମିନତୀ ମଲ୍ଲିକ, ସୁଚେତା ମିଶ୍ର, ସ୍ମୃତି ଶିଖା ମହାପାତ୍ର, ଦୀନବନ୍ଧୁ ପତ ପ୍ରମୁଖ ପରିଚାଳନା କରିଥିଲେ।

## ଜୀବନର କେତେ ରଙ୍ଗ: ପଥରକୁ ପରଖୁଥିବା ମଣିଷ ସୁରେନ୍ଦ୍ର

ଭୁବନେଶ୍ୱର,୧୨।୧୦(ସମିସ): ପଥର ପରଖ ତାଙ୍କୁ ଜଣା। ସେଥିରେ ପ୍ରସ୍ତୁତ ସାମଗ୍ରୀକୁ ନେଇ ତାଙ୍କ ବ୍ୟବସାୟ। ଏହି ସାମଗ୍ରୀର ଆବଶ୍ୟକତା ବଢିଲେ ତାଙ୍କର ଦି ପଇସା ରୋଜଗାର ହୁଏ। ଘରେ ବ୍ୟବହୃତ ହେଉଥିବା ବିଭିନ୍ନ ସାମଗ୍ରୀର ସ୍ଥାନ ଆଜି ବି ପଥର ବ୍ୟତୀରକେ ଆଉ କିଏ ନେଇ ପାରିନାହିଁ। ପଥର ପରଖିବା ଠାରୁ ନେଇ ଏଥିରୁ ପ୍ରସ୍ତୁତ ହେଉଥିବା ଭିନ୍ନ ବସ୍ତୁ ଯାଏଁ ଖୁବ୍ ପରିଶ୍ରମ କରିବାକୁ ପଡ଼େ। ପରେ ଯାଇ ବିକ୍ରିହେବା ପରେ ମିଳୁଥିବା ଦି ପଇସାରେ ଚଳେ ସୁରେନ୍ଦ୍ର ପାତ୍ରଙ୍କ ପରି ବ୍ୟବସାୟୀଙ୍କ ଘର।



ରାଜଧାନୀର ଧର୍ମବିହାରସ୍ଥିତ ରାସ୍ତାର ପାଶ୍ୱର୍ରେ ମେଲିଛି ସୁରେନ୍ଦ୍ରଙ୍କ ଏହି ପଥର ସାମଗ୍ରୀର ଆସର। ଯେଉଁଠି ରହିଛି ପଥରରେ ନିର୍ମିତ ହେମଦସ୍ତା, ଶିଳ, ଚକି, କଳା ମୁଗୁନି, ଚନ୍ଦନ ପେଡ଼ି ଆଦି କେତେ ଘରକରଣା ସାମଗ୍ରୀ। ସକାଳୁ ରାତି ଯାଏ ସେଇଠି ପସରା ମେଲାଇ ବସିଥାନ୍ତି। ଗ୍ରାହକଙ୍କ ସହ ତାଙ୍କ ହସ ମଜା ଭରା କଥା ଲୋକଙ୍କୁ ବେଶ ପସନ୍ଦ। କେବଳ ସ୍ୱାଦ ବା ପରମ୍ପରା ପାଇଁ ନୁହେଁ ଦୈନନ୍ଦିନ ଜୀବନରେ ବିଭିନ୍ନ ଘର କାମରେ ଏ ସବୁର ବ୍ୟବହାର ହିଁ ତାଙ୍କ ରୋଜଗାରର ମାଧ୍ୟମ। ହେଲେ ସମୟ ସହ ଧୀରେ ଧୀରେ ଏସବୁର ବ୍ୟବହାର କମିବାରୁ ତାଙ୍କ ବେପାର ବି ମାନ୍ଦା ଚାଲୁଛି। ସେ ଦୀର୍ଘ ୩୫ ବର୍ଷ ଧରି ଏହି ବ୍ୟବସାୟକୁ ସାଥୀ କରିଛନ୍ତି। ବିଭିନ୍ନ ଘରକରଣା ସାମଗ୍ରୀ ପାଇଁ ବଉଳମାଳା, କଳା ମୁଗୁନି, ଧଳା ବଗଡ଼ା ଭଳି ପଥରକୁ ବ୍ୟବହାର କରାଯାଇଥାଏ। ବର୍ତ୍ତମାନ ପଥର ମିସ୍ତ୍ରିଙ୍କ ସଂଖ୍ୟା ଆଗ ଅପେକ୍ଷା କମିଯାଉଥିବାରୁ ଉପକରଣ ତିଆରି ମଧ କମିଯାଉଛି। ଫଳରେ ସକାଳୁ ସଞ୍ଜ ବିତିଗଲେ ବି ଗ୍ରାହକଙ୍କ ଦେଖା ମିଳୁନି। ଯଦିଓ ପଥର ସାମଗ୍ରୀକୁ ନେଇ ଲୋକଙ୍କ ପୂରାପୂରି ଚାହିଦା କମିନାହିଁ ତଥାପି ଆଗଭଳି ବ୍ୟବସାୟ ବି ନାହିଁ। ଏସବୁ ମେସିନ୍ ବ୍ୟସ୍ତବହୁଳ ଜୀବନରେ ଘର କାମକୁ ହାଲୁକା କରିଛି ସତ କିନ୍ତୁ ପରମ୍ପରା ଓ ସ୍ୱାଦ ଦୃଷ୍ଟିରୁ ଶିଳ ଓ ଚକିର ମୋହ ଏବେ ବି ଲୋକଙ୍କ ମଧ୍ୟରେ ରହିଛି। ସେଥିପାଇଁ ତାଙ୍କ ପାଖକୁ ଆସୁଥିବା କିଛି ପୁରୁଣା ଗ୍ରାହକ ହିଁ ନିୟମିତ ତାଙ୍କ ପାଖକୁ ଆସୁଛନ୍ତି।

## ଶ୍ରମିକଙ୍କ କାର୍ଯ୍ୟ ସମୟ ୮ ରୁ ୧୦ଘଣ୍ଟା ବୃଦ୍ଧିକୁ ବିରୋଧ

ଭୁବନେଶ୍ୱର, ୧୨।୧୦ (ସମିସ): ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଦୈନିକ ଆଠଘଣ୍ଟା କାର୍ଯ୍ୟ ସମୟକୁ ବୃଦ୍ଧିକରି ଦଶଘଣ୍ଟା ଧାର୍ଯ୍ୟ କରିବା ଓ ରାତ୍ରି ସମୟରେ ମହିଳାମାନଙ୍କୁ କାର୍ଯ୍ୟ କରିବାକୁ ଆଇନ ପ୍ରଣୟନ କରିବା ଘଟଣାକୁ ଏଆଇଟିୟୁସି ଦୃଢ଼ ବିରୋଧ କରିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୁଦ୍ଧରେ ରାଜ୍ୟବ୍ୟାପୀ ଏଆଇଟିୟୁସି ତରଫରୁ ବ୍ୟାପକ ଆନ୍ଦୋଳନ ପାଇଁ ରବିବାର ଅନୁଷ୍ଠିତ ପରିବର୍ଦ୍ଧିତ ରାଜ୍ୟ କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ଭୁବନେଶ୍ୱରସ୍ଥ ଭଗବତୀ ଭବନ ସଭାଗୃହରେ ଏଆଇଟିୟୁସିର ରାଜ୍ୟ ସଭାପତି ତଥା ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ପରିଷଦର ବୈଠକରେ ଏହି ଚରମ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ପ୍ରସ୍ତାବ କ୍ରମେ ଏଆଇଟିୟୁସି ଏକକଭାବେ ଓ ମିଳିତ ଭାବେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯିବ ବୋଲି ପ୍ରସ୍ତାବ ଆଗତ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ରାଶି ଆଇନ୍ ଅନୁସାରେ ପ୍ରଦାନ, ସ୍କିମ୍ ୱାର୍କର, ଅଙ୍ଗନୱାଡି, ଆଶା, ମଧ୍ୟାହ୍ନଭୋଜନ ପାଚିକାଙ୍କୁ ୱାର୍କର ମାନ୍ୟାତା, ଉଦ୍ୟାନ ସାଥୀଙ୍କୁ ବର୍ଷସାରା କାମ ଦେବା, ବଜାର ଦର ଅନୁସାରେ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ଓ ଅନ୍ୟାନ୍ୟ ଦାବି ଉପରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ। ବରିଷ୍ଠ ଉପସଭାପତି ପ୍ରଶାନ୍ତ ପାଟଯୋଶୀ ଓ ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି ତଥା ସିପିଆଇର ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ରଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସୁର ଜେନା, ହରପ୍ରିୟା ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୂର୍ବଶତ୍ରୁତାରୁ ଖଣ୍ଡା ଚୋଟ; ଜଣେ ଗିରଫ

ଭୁବନେଶ୍ୱର,୧୨।୧୦(ସମିସ): ପୂର୍ବଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୀମଟାଙ୍ଗୀ ଖଣ୍ଡୁଆଳ ସାହିର କିଶୁ ଓରଫ୍ କିଶନ ବେହେରା (୧୯)। ପୁଲିସ ସୂଚନାନୁସାରେ, ଗତ ଜାନୁୟାରୀ ମାସରେ କିଶୁର ଭାଇ ରାଜାକୁ ଏୟାରପୋର୍ଟ ଥାନା ପୁଲିସ ଏକ ଛୁରାମାଡ଼ ମାମଲାରେ ଗିରଫ କରିଥିଲା। ରାଜା ଗିରଫ ହେବା ପଛରେ ଖଣ୍ଡୁଆଳ ସାହିର ବାଦଲ ନାଏକଙ୍କର ଭୂମିକା ଥିବା ସନ୍ଦେହ କରି କିଷୁ ତାଙ୍କୁ ଗାଳିଗୁଲଜ କରି ଆସୁଥିଲା। ଗତ ଅଗଷ୍ଟ ମାସ ୧୬ ତାରିଖ ରାତିରେ ବାଦଲ ତାଙ୍କ ବନ୍ଧୁଙ୍କୁ ଆଣିବା ପାଇଁ ଭୀମଟାଙ୍ଗି ନିକଟରେ ଅପେକ୍ଷା କରିଥିବାବେଳେ କିଷୁ ଓ ତା'ର ସହଯୋଗୀ ବାଇକରେ ଆସି ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିଲେ। ବାଦଲ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବାଦଲ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ ଅଭିଯୁକ୍ତମାନେ ତାଙ୍କ ବାଇକକୁ ଭଙ୍ଗାରୁଜା କରିବା ସହ ଧମକ ଦେଇ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ବାଦଲଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଜି କିଶୁକୁ ଗିରଫ କରିବା ସହ ଖଣ୍ଡା ଜବତ କରିଛି।



## ଝୁଲନ୍ତା ମୃତଦେହର ମିଳୁନି ପରିଚୟ

ଭୁବନେଶ୍ୱର, ୧୨।୧୦ (ସମିସ): ଆନନ୍ଦବଜାର ନିକଟ ମନ୍ଦିର ନିକଟସ୍ଥ



ଗଛରୁ ଝୁଲନ୍ତା ମୃତଦେହ ଠାବ ହେବା ଘଟଣାକୁ ୩ ଦିନ ବିତିଛି। ଘଟଣାର ୩ ଦିନ ପରେ ମଧ ଯୁବକଙ୍କ ପରିଚୟ ପାଇ ପାରିନାହିଁ ସହିଦନଗର ଥାନା ପୁଲିସ। ପକେଟରୁ ମୋବାଇଲ କି କୌଣସି ପରିଚୟପତ୍ର ମିଳି ନ ଥିବାରୁ ମୃତକଙ୍କ ପରିଚୟ ପାଇବା ପୁଲିସ ପାଇଁ କାଠିକର ପାଠ ହୋଇଛି। ମୃତକ ଜଣକ ଏକ ଗୋଲାପୀ ରଙ୍ଗର ଟି-ସାର୍ଟ ଓ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଛନ୍ତି। ଉଚ୍ଚତା ୫ ଫୁଟ୍ ୫ ଇଞ୍ଚ୍ ହୋଇଥିବା ବେଳେ ବୟସ ୩୦ ବର୍ଷ ହେବ ବୋଲି ପୁଲିସ କହିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ସଂରକ୍ଷଣ ଗୃହରେ ରଖାଯାଇଛି। ପରିଚୟ ପାଇବା ପାଇଁ ବିଭିନ୍ନ ଥାନାକୁ ଫଟୋ ଓ ସବିଶେଷ ତଥ୍ୟ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ଜୟପ୍ରକାଶଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୨।୧୦(ସମିସ): ଲୋକତନ୍ତ୍ର ସେନାନୀ ସଂଘ ଓଡ଼ିଶା ପ୍ରଦେଶ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୩ତମ ଜୟନ୍ତୀ ରେଡ଼କ୍ରସ୍ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ଜୟପ୍ରକାଶ ନାରାୟଣଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକତନ୍ତ୍ର ସେନାନୀ ସଂଘ, ଓଡ଼ିଶା ପ୍ରଦେଶର ସଭାପତି ତଥା ପୂର୍ବତନ ଶିକ୍ଷା ମନ୍ତ୍ରୀ ବିଦ୍ୟାଧର କୁଅଁର ସଭାପତିତ୍ୱ କରିଥିବା ସହ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣର ପ୍ରମୁଖ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ଜଗଦେବ ଏବଂ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା ଯୋଗ ଦେଇଥିଲେ। ସଂଘର କର୍ମକର୍ତ୍ତା ଭୁବନାନନ୍ଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ଜେନା, ଉମାକାନ୍ତ ଦାସ, ଅତସୀ ସ୍ୱାଇଁ ଏବଂ ଗଦାଧର ମିଶ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଜୟପ୍ରକାଶଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେନାନୀ ସଂଘର ବରିଷ୍ଠ ସଦସ୍ୟ ହରିହର ସାହୁ ଏବଂ ବିଶ୍ୱନାଥ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସେନାନୀ ମାନେ ଯୋଗଦେଇଥିଲେ। ପରିଶେଷରେ ରାମ ରତନ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରେ କଟକରେ କାଳୀ ପୂଜା, ୨୪ରେ ଭସାଣି

କଟକ,୧୨।୧୦(ସମିସ): ଚାଉଳିଆଗଞ୍ଜ ପୂଜା ମଣ୍ଡପ କାର୍ଯ୍ୟାଳୟ ଠାରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟକାରୀ ସଦସ୍ୟ, ତଥା କାଳୀ ଏବଂ କାର୍ତ୍ତିକେଶ୍ୱର ପୂଜା ଆୟୋଜନ କରୁଥିବା ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ନେଇ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ କାଳୀପୂଜା ଏବଂ କାର୍ତ୍ତିକେଶ୍ୱର ପୂଜା ସମ୍ପର୍କରେ ବିବରଣୀ ପାଠ କରିଥିଲେ। ବୈଠକରେ ଆସନ୍ତା ୨୦ ତାରିଖ ସୋମବାର ଦିନ କାଳୀ ପୂଜା କରାଯିବ ଏବଂ ୨୪ ଶୁକ୍ରବାର ଦିନ ଭସାଣି ଉତ୍ସବ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଆସନ୍ତା ୧ ତାରିଖରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ କରାଯାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ ତାରିଖ ଏବଂ ୭ ତାରିଖ ୨ ଦିନ ଧରି କାର୍ତ୍ତିକେଶ୍ୱର ଭସାଣି କରାଯିବ। କଟକର ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ଭାବେ ଏକ ଉଚ୍ଚସ୍ତରୀୟ ସଦଭାବନା ବୈଠକ କରିବାକୁ ଦୃଢ଼ ଦାବି ଉପସ୍ଥାପନା କରାଯାଇଥିଲା।

# ଖତ ଖାଉଛି ଇ-ଟଏଲେଟ୍

### ଶୌଚ ପାଇଁ ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର, ୧୨।୧୦(ସମିସ):

କଟକ ବଡ଼ମ୍ବା ଅଞ୍ଚଳରୁ ରାଜଶ୍ରୀ ପାତ୍ର ନାମକ ଜଣେ ମହିଳା ଲିଙ୍ଗରାଜ ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥିଲେ। ଦର୍ଶନ ସରିବା ପରେ ସେ ଶୌଚାଳୟ ଖୋଜିଥିଲେ। ମନ୍ଦିର ପରିସରରେ ଥିବା ଶୌଚାଳୟ ବନ୍ଦ ହୋଇ ପଡ଼ିଥିବାରୁ ତାଙ୍କୁ ପୁଣି ପାର୍କିଂ ପଟକୁ ଯିବାକୁ ପଡ଼ିଲା। ହେଲେ ସେଠାରେ ଲୋକ ଗହଳି ଥିବାରୁ ପୁଣି ଅପେକ୍ଷା କରିବାକୁ ପଡ଼ିଥିଲା। ଏମିତି କିଛି ସମୟ ପରେ ସେ ଶୌଚାଳୟ ବ୍ୟବହାର କରିଲେ। କେବଳ ରାଜଶ୍ରୀ ନୁହନ୍ତି ତାଙ୍କ ପରି ଅନେକ ଶ୍ରଦ୍ଧାଳୁ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପାଇଁ ଆସିଲେ ଶୌଚାଳୟର ଅସୁବିଧା ଭୋଗୁଛନ୍ତି। ହେଲେ ରଥ ରୋଡ଼ରେ ଇ-ଶୌଚାଳୟ ପଡ଼ି ପଡ଼ି କଳଙ୍କି ଲାଗିବା ସହ ଗଛଲତା ମାଡ଼ିଗଲାଣି। କିନ୍ତୁ ଲୋକଙ୍କ ବ୍ୟବହାରରେ ଆସୁନାହିଁ। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳରେ ବୃଦ୍ଧିଜୀବୀ।

କାର୍ତ୍ତିକ ମାସ ଚାଲିଥିବାରୁ ଲିଙ୍ଗରାଜଙ୍କର ବଡ଼ ବେଶ ବା ରାଜରାଜେଶ୍ୱର ବେଶ ଦିନକୁ ଦୁଇଥର ଅନୁଷ୍ଠିତ ହେଉଅଛି। ଏହି ଦୁର୍ଲ୍ଲଭ ବେଶକୁ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ପୁରୁଣା ଭୁବନେଶ୍ୱରକୁ ଛୁଟି ଆସୁଛନ୍ତି। ଏହି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅନେକ ବୟସ୍କ ଓ ଛୋଟ ଛୁଆ ମଧ ରହୁଛନ୍ତି। କିନ୍ତୁ ଶୌଚାଳୟର ଅସୁବିଧା ଭୋଗିବା ସହ ଏକ ତିକ୍ତମନ ଭାବ ନେଇ ଫେରୁଛନ୍ତି।

ରୁକୁଣା ରଥଯାତ୍ରା ସମୟରେ ବିଏମ୍‌ସି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଗହଳିକୁ ଦେଖି ଇ-ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ହେଲେ ରଥଯାତ୍ରା ସରିବାର ପ୍ରାୟ ସାତ ମାସରୁ ଅଧିକ ସମୟ ହେଲାଣି ହେଲେ ଇ-ଶୌଚାଳୟ ଏବେ ବି ରଥରୋଡ଼ରେ ପଡ଼ି ରହିଛି। ଶୌଚାଳୟଟି ରହିଲେ ମଧ ଏହା ବ୍ୟବହାର ଉପଯୋଗୀ ହୋଇନାହିଁ। କେବଳ ପଡ଼ି ପଡ଼ି ଖତରା ହେଲାଣି। ହେଲେ ରଥରୋଡ଼ ଦେଇ ଲିଙ୍ଗରାଜ ମନ୍ଦିରକୁ ଅନେକ ଅଫିସର, କର୍ମଚାରୀ ଯିବା ଆସିବା କରୁଛନ୍ତି କିନ୍ତୁ ଏହି ଇ-ଶୌଚାଳୟ ଉପରେ କାହାର ନଜର ପଡୁ ନ ଥିବା ଅଭିଯୋଗ ହେଉଛି।

ଏହି ଇ-ଶୌଚାଳୟକୁ ବିଏମ୍‌ସି କେବଳ ଯାନିଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା କରିଥାଏ। ପର୍ବ ସରିଲେ ଇ-ଶୌଚାଳୟ ସ୍ଥାନାନ୍ତରଣ କରିବା କଥା। କିନ୍ତୁ ଏହା ଏଭଳି ଅବ୍ୟବସ୍ଥିତ ଅବସ୍ଥାରେ ପଡ଼ି ରହିଛି। ଯାହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏ ନେଇ ବିଏମ୍‌ସିକୁ ଜଣାଇ ଦିଆଯିବ ବୋଲି ୱାଡର୍‌ମେମ୍ବର ଶିବ ପ୍ରସାଦ ବେହେରା କହିଛନ୍ତି।



## ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୧୨।୧୧ (ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ଭୁବନେଶ୍ୱରସ୍ଥିତ ବଡ଼ଗଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶ୍ୱର ମହାନଗରର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୁଖ ସସ୍ମିତା ମଙ୍ଗରାଜ ଓ ଅନେକ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପ୍ରମୁଖ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ଅନେକ ସାଧାରଣ ନାଗରିକ ମଧ ସାମିଲ ହୋଇଥିଲେ। ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି କେନ୍ଦ୍ରରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନ ର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏଠାରେ ଉପସ୍ଥିତ ଥିବା ସାଧାରଣ ନାଗରିକ ମାନେ ଏହାକୁ ସ୍ୱାଗତ କରିବା ସହିତ ଲୋକମାନଙ୍କ ପାଇଁ ନିଶୁଳ୍କ ସେବା କୁ ପ୍ରସଂଶା କରିଛନ୍ତି। ଏଭଳି ଭୁବନେଶ୍ୱରରେ ଅନ୍ୟ ସ୍ଥାନ ରେ ମଧ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସଂଗଠନ ର ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି।

# ଭୁବନେଶ୍ୱର ସିଟି



## ମହିଳାଙ୍କୁ ୮ ଲକ୍ଷର ଚୂନ; ପ୍ରେମିକ ଗିରଫ

ଭୁବନେଶ୍ୱର, ୧୨।୧୦ (ସମିସ): ମହିଳାଙ୍କ ଠାରୁ ୮ ଲକ୍ଷ ଟଙ୍କା ଠକି ନେଇଥିବା ପ୍ରେମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନିଆଳି ଥାନା ଅଞ୍ଚଳର ରାଜେଶ ମଲ୍ଲିକ ଓରଫ୍ ବବୁଲ (୨୫)।

ପୁଲିସ ସୂଚନା ଅନୁସାରେ, ୨୦୨୦ ମସିହାରେ ଜଣେ ବିବାହିତା ମହିଳାଙ୍କ ସହ ବବୁଲର ପରିଚୟ ହେବାପରେ ଉଭୟ ଏକାଠି ରହୁଛନ୍ତି। ବବୁଲ ପୋଷାକ ବ୍ୟବସାୟ ଆରମ୍ଭ ପାଇଁ ମହିଳାଙ୍କୁ ଟଙ୍କା ବ୍ୟବସ୍ଥା କରିବାକୁ ପ୍ରବର୍ତ୍ତାଇଥିଲା। ମହିଳା ଜଣକ ସୁବାସ ନଗରର ସୁବ୍ରତଙ୍କ ଠାରୁ ୫ ଲକ୍ଷ ଓ ନିଜ ମାଆଙ୍କ ଠାରୁ ୨ ଲକ୍ଷ ୭୫ ହଜାର ଟଙ୍କା ଋଣ ଆଣି ବବୁଲକୁ ଦେଇଥିଲେ। ୧୫ ଦିନ ମଧ୍ୟରେ ଟଙ୍କା ଫେରସ୍ତ କରିବା ପ୍ରତିଶ୍ରୁତି ଦେଇ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଟଙ୍କାଟିଏ ଫେରାଇ ନ ଥିଲା ବବୁଲ। ମହିଳା ଜଣକ ଟଙ୍କା ଦାବି କରିବାରୁ ବବୁଲ ଏକ ବ୍ୟାଙ୍କ ଚେକ୍ ଦେଇଥିଲା। କିନ୍ତୁ ବ୍ୟାଙ୍କ ଖାତାରେ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ସେହି ଚେକ୍ ବାଉନ୍ସ ହୋଇଥିଲା।



ପର ଟଙ୍କା ମାଗିବାରୁ ବବୁଲ ମନା କରିବା ସହ ଧମକ ଦେଇଥିଲା। ମହିଳା ଜଣକ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବବୁଲକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଟିଏ ବ୍ୟାଙ୍କ ଚେକ୍ ଜବତ କରାଯାଇଛି।

# ଭଡ଼ାରେ ଲାଗୁଛି ବ୍ୟାଙ୍କ୍ ଆକାଉଣ୍ଟ

ଭୁବନେଶ୍ୱର,୧୨।୧୦(ସମିସ):

ଭଡ଼ାରେ ଲାଗୁଛି ବ୍ୟାଙ୍କ୍ ଆକାଉଣ୍ଟ। ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ସତ। କାରଣ ଏହି ଆକାଉଣ୍ଟକୁ ନେଇ ଅପରାଧୀମାନେ ବ୍ୟବହାର କରୁଛନ୍ତି। ବିଶେଷକରି ସାଇବର ଠକ, ଗ୍ୟାଙ୍ଗଷ୍ଟାର ଏବଂ କିଛି ସରକାରୀ କର୍ମଚାରୀ ବ୍ୟବହାର କରୁଛନ୍ତି। କେତେଟା ଟଙ୍କା ଲୋଭରେ କିଛି ବ୍ୟକ୍ତି ଏହି ଆକାଉଣ୍ଟ ବିକ୍ରି କରୁଛନ୍ତି। ଏହା ବାବଦରେ ସେମାନେ ମାସକୁ ଆସୁଥିବା ଟଙ୍କାରୁ ୧୦ ପ୍ରତିଶତ ନେଉଛନ୍ତି। ଅନେକ ମଧ୍ୟ ୫ ପ୍ରତିଶତ ନେଇ ଆକାଉଣ୍ଟ ଦେଉଛନ୍ତି। ନିକଟରେ ଚନ୍ଦକା ଥାନା ପୁଲିସ ଏକ ରାକେଟକୁ ଗିରଫ କରିବା ପରେ ଭଡ଼ାରେ ବ୍ୟାଙ୍କ୍ ଆକାଉଣ୍ଟ ଲାଗୁଥିବା ଜଣାପଡ଼ିଛି। ରାଜ୍ୟ ବାହାରର ଏକ ସାଇବର ଠକଙ୍କୁ କିଛି ବ୍ୟକ୍ତି ଆକାଉଣ୍ଟ ଭଡ଼ାରେ ଲଗାଇଥିଲେ। କିନ୍ତୁ ଠକ କିଛି ମାସ ଟଙ୍କା ନଦେବାରୁ ସେମାନଙ୍କ ମଧ୍ୟରେ ବିବାଦ ହେବାରୁ ଘଟଣା ପଦାକୁ ଆସିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ ଏକାଧିକ ମାମଲାରେ ଏହି ଆକାଉଣ୍ଟ ଭଡ଼ାରେ ଲାଗୁଛି। ଆହୁରି ମଧ୍ୟ କିଛି ସରକାରୀ କର୍ମଚାରୀ ଏହି ଆକାଉଣ୍ଟ ନେଇ କଳାଧନ ରଖୁଛନ୍ତି। ଏହା ବାବଦକୁ ଆକାଉଣ୍ଟ ଯାହା ନାମରେ ରହିଛି ତାଙ୍କୁ ୪ ପ୍ରତିଶତ ଟଙ୍କା ଦେଉଉଛି। ଅନେକ ଗ୍ୟାଙ୍ଗ୍‌ଷ୍ଟାର ଏହି ଆକାଉଣ୍ଟ ଭଡ଼ାରେ ନେଇ ଅନ୍ୟକୁ ଧମକାଇ ଏହି ଆକାଉଣ୍ଟକୁ ବଟି ଆଣୁଛନ୍ତି। ବଡ଼ କଥା ହେଲା ଆତଙ୍କବାଦୀମାନେ ଏହି ଆକାଉଣ୍ଟ ଭଡ଼ାରେ ନେଇ ଦେଶ ବିରୋଧୀ କାର୍ଯ୍ୟ ପାଇଁ ଫଣ୍ଡିଂ ଆଣୁଛନ୍ତି।

ଯେଉଁମାନେ ଆକାଉଣ୍ଟ ଭଡ଼ାରେ ଦେଉଛନ୍ତି, ସେମାନେ ଏକାଧିକ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲିଛନ୍ତି। ଏହି ଆକାଉଣ୍ଟ ଖୋଲିବାରେ ମୁଖ୍ୟ ସହାୟ ହେଉଛି ବେନାମୀ ସିମ୍। ଶହେ ଟଙ୍କାରେ ସିମ୍ କିଣି ଏକାଧିକ ବ୍ୟାଙ୍କ୍ ଆକାଉଣ୍ଟରେ ଏହାର ଫୋନ୍ ନମ୍ବର ଦେଇ ଲିଙ୍କ୍ କରୁଛନ୍ତି। ଏସବୁ ପରେ ବି ପୁଲିସ ଏବେ ପ୍ରି ଆକ୍ଟିଭ୍ ସିମ୍‌କୁ ବିକ୍ରି ଉପରେ ରୋକ ଲଗାଇବାକୁ ଚେଷ୍ଟା କରୁଛି। ୬ ମାସରେ ୧୫ ହଜାର ପ୍ରି-ଆକ୍ଟିଭ୍ ସିମ୍ ପୁଲିସ ବନ୍ଦ କରିଛି। କ୍ରାଇମ୍‌ବ୍ରାଞ୍ଚ ଟେଲିକମ୍ କମ୍ପାନୀ ସହ ଏକାଧିକ ଥର ଆଲୋଚନା କରି ଏହି ପ୍ରି ଆକ୍ଟିଭ୍ ସିମ୍ ବିକ୍ରି ବନ୍ଦ କରିବାକୁ ତାଗିଦ କରାଯାଇଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚର ନିର୍ଦ୍ଦେଶକୁ ଟେଲିକମ୍ ସଂସ୍ଥା ମାନୁନାହାନ୍ତି। ଟାର୍ଗେଟ ପାଇଁ ଟେଲିକମ୍ କମ୍ପାନୀର କର୍ମଚାରୀ ଏହାକୁ ବିନା ଡକ୍ୟୁମେଣ୍ଟରେ ବିକ୍ରି କରି ଦେଉଛନ୍ତି। ଯାହାକୁ ନେଇ ସାଇବର ଠକ ସିମ୍ ବକ୍ସରେ ପକାଉଛନ୍ତି। ଯେଉଁ ବକ୍ସରେ ୧୦୦ରୁ ଅଧିକ ସିମ୍ ପଡିପାରିବ। ଏଥିରେ ଓଟିପି ସେୟାର କରିବା ଠାରୁ ଆରମ୍ଭ କରି ଲୋକଙ୍କୁ ଫୋନ୍ କରି ସାଇବର ଠକେଇ କରିବାରେ ବ୍ୟବହାର କରାଯାଉଛି।

ଗୋଟିଏ ଥର ଟେଲିକମ କମ୍ପାନିଠାରୁ ସିମ୍ କାର୍ଡ କିଣି ଡକ୍ୟୁମେଣ୍ଟ ଦେଲା ପରେ ଆପଣ ବି ଜାଣି ନ ଥିବେ, ଆପଣଙ୍କ ଡକ୍ୟୁମେଣ୍ଟରେ ବଜାରରେ ଅନେକ ଲୋକ ସିମ୍ କାର୍ଡ ବ୍ୟବହାର କରାଯାଉଛି। ଚନ୍ଦକା ପୁଲିସ ସାଇବର ଠକଙ୍କୁ ବାନ୍ଧିଲା ପରେ, ଏହି ପ୍ରି ଆକ୍ଟିଭେଟେଡ୍ ସିମ୍ କାର୍ଡ ବା ଫେକ ସିମକାର୍ଡର ଷଡ଼ଯନ୍ତ୍ର ପଦାକୁ ଆସିଥିଲା। ମଣିଷ ଏକ ହୋଇଥିବା ବେଳେ ତାଙ୍କ ନାମରେ ଏକାଧିକ ସିମକାର୍ଡ ଅନେକ। ଇଣ୍ଡିଆନ ସାଇବର କ୍ରାଇମ କୋ-ଅର୍ଡିନେସନରୁ ମିଳିଥିବା ସୂଚନା ମୁତାବକ ପଶ୍ଚିମବଙ୍ଗ ଓ ଆସାମ ସମେତ ଭୁବନେଶ୍ୱର ପାଲଟିଛି ଫେକ୍ ସିମ୍ ହବ୍। ପୁଲିସ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ସାଇବର ସ୍କାମ୍ ଓ ଲୋନ ଫ୍ରଡ୍ ପାଇଁ ଫେକ୍ ସିମ୍ ବ୍ୟବହାର। ପ୍ରତି ସେକେଣ୍ଡରେ କେହି ନା କେହି ସାଇବର ଠକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ପ୍ରତିଦିନ ଦେଶରେ ୭୦ ହଜାର ପାଖାପାଖି ସାଇବର ସମ୍ପର୍କିତ ଅଭିଯୋଗ ହେଉଛି। ତଥ୍ୟ ଅନୁସାରେ ୨୦୨୩ରେ ୨ ଲକ୍ଷ ୯୫ ହଜାର ୪୬୧ ଟି ସିମ୍ ବ୍ଲକ୍ କରାଯାଇଥିଲା। ଏହା ସହ ଲିଙ୍କ୍ ଥିବା ୨୮୧୦ ଟି ୱେବସାଇଟ୍, ୫୯୫ ମୋବାଇଲ୍ ଆପ୍ଲିକେସନ୍, ୪୬ ହଜାର ୨୨୯ ଆକାଉଣ୍ଟ ନମ୍ବରକୁ ବ୍ଲକ କରାଯାଇଛି। ଓଡ଼ିଶାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଟ୍ରାଇ ଓ ମୋବାଇଲ କମ୍ପାନି ସହ ବାରମ୍ବାର ଆଲୋଚନା ସତ୍ତ୍ୱେ ରାସ୍ତାକଡ଼ରେ ସିମ୍ କାର୍ଡ ବିକ୍ରି ହେଉଛି। ଡିଜିଟାଲ ଆରେଷ୍ଟଠୁ ଆରମ୍ଭ କରି ବ୍ୟାଙ୍କ ଖାତା ଅପଡେଟ ହେଉ କିମ୍ବା ସୁନ୍ଦରୀ ତରୁଣୀଙ୍କ ଫଟୋ ଲଗାଇ ହନିଟ୍ରାପ। ଏସବୁ ଠକେଇ ମାତ୍ରାଧିକ ପ୍ରି ଆକ୍ଟିମ୍ ସିମ୍ ବ୍ୟବହାର ପାଇଁ ହେଉଛି। କେବେ ଏହି ପ୍ରି-ଆକ୍ଟିଭ୍ ସିମ୍ ଉପରେ ରୋକ ଲାଗିବା ତାହାକୁ ପ୍ରଶ୍ନ ଉଠୁଛି।

**କାରବାରର ୧୦ ପ୍ରତିଶତ ନେଉଛନ୍ତି କମିଶନୀ**

**ରାଜଧାନୀ ପାଲଟିଛି ଫେକ୍ ସିମ୍ ହବ୍**

**କାମ ଦେଉନି ଟେଲିକମ୍ କମ୍ପାନୀ-କ୍ରାଇମ୍‌ବ୍ରାଞ୍ଚର ଆଲୋଚନା**



## ମସାଜ କରିବା ଆଳରେ ୨୬ ଲକ୍ଷ ଠକେଇ

ଭୁବନେଶ୍ୱର,୧୨।୧୦(ସମିସ): ମସାଜ କରିବା ଆଳରେ ୨୬ଲକ୍ଷ ସାଇବର ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ଠକାମିର ଶିକାର ରାଜୁ ବେହେରା ଏନେଇ ଥାନରେ ଅଭିଯୋଗ କରିବା ପରେ ତଦନ୍ତକରୁଛି ପୁଲିସ। ରାଜୁ ନୂଆପଲ୍ଲୀରେ ପରିବାର ସହ ରହୁଛନ୍ତି। ଗତ କିଛିଦିନ ହେବ ତାଙ୍କ ଦେହ ଘୋଳାପୋଡ଼ା ହେଉଥିଲା। ତେଣୁ ସେ ମସାଜ ନେବ ପାଇଁ ଅନଲାଇନ୍‌ରେ ଖୋଜିଥିଲେ। ଏହାପରେ ତାଙ୍କୁ ଅନ୍‌ଲାଇନରୁ ଏକ ନମ୍ବର ପାଇ କଲ୍ କରିଥିଲେ। ଠକ ତାଙ୍କୁ ପ୍ରଥମେ ୫ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ରାଜୁ ଟଙ୍କା ଦେବା ପରେ ଅଭିଯୁକ୍ତ ପୁଣି ତାଙ୍କୁ ଟଙ୍କା ମାଗିଥିଲେ। ଏହିଭଳି ବିଭିନ୍ନ ପ୍ରକାର ଧମକ ଦେଖାଇ ୨୬ଲକ୍ଷ ଟଙ୍କା ଠକି ନେଇଥିଲେ।

## ବିଦ୍ୟୁତ୍ ଆଘାତରେ ହଷ୍ଟେଲ୍ କେୟାର୍ ଟେକର୍ ମୃତ

ଯାଁଳା,୧୨।୧୦(ସମିସ): ଏଗାର କିଲୋଭୋଲ୍ଟ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଇନଫୋସ୍ୟାଲି ଥାନା ଗଙ୍ଗପଡା ପଞ୍ଚାୟତ ଗମେଇ ଗ୍ରାମର ଟୁଲୁ ମହାରଣା (୩୭)। ମିଳିଥିବା ସୂଚନା ଅନୁସାରେ ଗମେଇ ଗ୍ରାମରେ ଭଡା ଘରେ ଏକ ଘରୋଇ ହଷ୍ଟେଲ ଚାଲିଥିଲା। ବର୍ଷା ଯୋଗୁ ହଷ୍ଟେଲ ଛାତ ଶିଉଳି ହୋଇଯାଇଥିଲା। ରବିବାର ସକାଳେ ଟୁଲୁ ଛାତ ଉପରକୁ ଯାଇ ଶିଉଳି ଛଡାଇବା କାମ କରୁଥିଲେ। ଟୁଲୁ କାମ କରୁଥିବା ବେଳେ ତାଙ୍କ ହାତ ଉକ୍ତ ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ତେଣୁ ବିଦ୍ୟୁତ୍ ଆଘାତରେ ଟୁଲୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଇନଫୋସ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲେ। ଅପରାହ୍ନରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

## ମାତୃତ୍ୱ ଛୁଟି ନେବା ବେଳେ ଏସ୍‌ଆଇଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୨।୧୦(ସମିସ): ଜିଆରପି ଥାନା ଆରମ୍ଭ କରିଛି ନୂଆ ପରମ୍ପରା। କର୍ମଚାରୀଙ୍କ ଭିତରେ ସମନ୍ୱୟ ରଖିବା ପାଇଁ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମାତୃତ୍ୱ ଛୁଟି ନେବା ବେଳେ ସବ୍ ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପିଠାମିଠାରେ ଭାସିଲା ଥାନା। ମାତୃତ୍ୱ ଛୁଟିରେ ଯିବା ପୂର୍ବରୁ ସୁଶାନ୍ତି ସିଂଙ୍କୁ ମିଳିଲା ଅଜସ୍ର ସ୍ନେହ। ଥାନା ଅଧିକାରୀ ଓ କର୍ମଚାରୀ ମିଶି ସୁଶାନ୍ତିଙ୍କୁ ଖୁଆଇଲେ ପିଠା ଓ ମିଠା। ହୃଦୟସ୍ପର୍ଶୀ ଓ ଆଦୀୟ ପରିବେଶ ଦେଖି ଭାବ ବିହ୍ୱଳ ହେବା ସହ ସୁଶାନ୍ତିଙ୍କ ଆଖି ହୋଇଯାଇଥିଲା ଛଳଛଳ। ସମସ୍ତେ ଖୁସି ଥିବା ବେଳେ ସବୁ ଥାନାରେ ଏପରି ହେବା ଦରକାର ବୋଲି କହିଛନ୍ତି ସୁଶାନ୍ତି। ଏନେଇ ଜିଆରପି ଅଧିକାରୀ କହିଛନ୍ତି ଯେ, ଏଭଳି କରିବା ଦ୍ୱାରା ଅନ୍ୟ ଷ୍ଟାଫ୍‌ଙ୍କ ମନରେ କାର୍ଯ୍ୟ କରିବାର ପ୍ରେରଣା ମିଳିବା ସହ ଆମେ ସମସ୍ତଙ୍କ ସହ ରହିଛୁ ବୋଲି ହୃଦବୋଧ କରିବେ। ଆହୁରି ମଧ୍ୟ ତାଙ୍କର ପିଲା ମଧ୍ୟ ପୁଲିସରେ ଚାକିରି କରୁ ବୋଲି କାମନା କରୁଛୁ ବୋଲି ସେ କହିଛନ୍ତି।

## ଏକ ନମ୍ବର ପରିବା ମାର୍କେଟରେ ଶୌଚାଳୟ ନିର୍ମାଣ

ଭୁବନେଶ୍ୱର,୧୨।୧୦(ସମିସ): ରାଜଧାନୀ ହାଟ କଞ୍ଚା ପରିବା ମହାଜନ ସଂଘ ଶୌଚାଳୟ ନିର୍ମାଣ କରିଛି। ପ୍ରକାଶ ଥାଉ କି ସର୍ବ ପୁରାତନ ଏକ ନମ୍ବର ପରିବା ମାର୍କେଟକୁ ଦୈନିକ ହଜାର ହଜାର ଗ୍ରାହକ ଆସୁଛନ୍ତି। ସହର ମଧ୍ୟଭାଗରେ ଥିବା ଏହି ମାର୍କେଟ ଚାରିପଟେ ସରକାରୀ ଘର ଥିବାରୁ ଗ୍ରାହକମାନେ ପରିଶ୍ରା ଯିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜଧାନୀର ସର୍ବପୁରାତନ ହାଟ ଏକନମ୍ବର ହାଟ ଉପରେ କେବଳ ଭୁବନେଶ୍ୱର ନୁହେଁ ବରଂ ଆଖପାଖ ଲୋକେ ମଧ୍ୟ ନିର୍ଭର କରୁଛନ୍ତି। ଦୈନିକ ଏଠାକୁ ହଜାର ହଜାର ଲୋକେ ଆସୁଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ମହାଜନ ସଂଘ ନିଷ୍ପତି ନେଇଥିଲା ବୋଲି ସଂଘ ପକ୍ଷରୁ କୁହାଯାଇଛି। ବିଶେଷ କରି ଖରାଦିନେ ପିଇବା ପାଣି ସୁବିଧା ଓ ପରିସ୍ରାଗାର ନିର୍ମାଣ ମୁଖ୍ୟତଃ ଆବଶ୍ୟକ ଥିଲା। ଯାହାକୁ ସଂଘ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ନିର୍ମାଣ କରୁଛି।

## ରାଜଧାନୀରେ ୪୬ ହଜାର ବୁଲାକୁକୁର




ଭୁବନେଶ୍ୱର, ୧୨।୧୦ (ସମିସ): ରାଜଧାନୀ ଭୁବନେଶ୍ୱରର ଦୁଇଟି ପର୍ଯ୍ୟାୟରେ ହୋଇଥିବା ବୁଲାକୁକୁର ଗଣନା ଶେଷ ହୋଇଛି। ବିଏମ୍‌ସିର ୩ଟିଯାକ ଜୋନ୍‌ରେ ପ୍ରଥମ ପର୍ଯ୍ୟାୟର କୁକୁର ସଂଖ୍ୟା ୪୬ ହଜାର ଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଥରେ ଗଣନା ହୋଇଥିଲା ବେଳେ କୁକୁର ସଂଖ୍ୟା ପାଖାପାଖି ସମାନ ଥିବା ଜଣାପଡ଼ିଛି। ଦୁଇଥର ଗଣିଲେ ବି କୁକୁର ସଂଖ୍ୟା ସମାନ ରହିଛି। ତେବେ ରାଜଧାନୀର କୁକୁର ସଂଖ୍ୟା ୪୬ ହଜାର ବୋଲି ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ରିପୋର୍ଟ ମୁତାବକ ଉତ୍ତର ଜୋନ୍‌ରେ ୧୬ ହଜାର କୁକୁର ଗଣତି କରାଯାଇଥିଲା ବେଳେ, ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୧୫ ହଜାର କୁକୁର ଅଛନ୍ତି। ସେହିପର ଦକ୍ଷିଣ-ପୂର୍ବ ଜୋନରେ ଦକ୍ଷିଣ-ପୂର୍ବ ଜୋନରେ ମଧ୍ୟ ପାଖାପାଖି ୧୫ ହଜାର କୁକୁର ରଖିବା ଗଣନାରୁ ଜଣାପଡ଼ିଛି।

ଭୁବନେଶ୍ୱର ସହରରେ ପ୍ରାୟ ୮୫ହଜାର କୁକୁର ଥିବା ନେଇ ଅନୁମାନ କରାଯାଇଥିଲା। ହେଲେ କୁକୁର ସଂଖ୍ୟା ଅନୁମାନର ବି ଅଧାରେ ପହଞ୍ଚିଛି। ଏହାକୁ ନେଇ ଏବେ ଚିନ୍ତାରେ ବିଏମ୍‌ସି। କଣ ଗଣନା ଠିକ୍ ଭାବେ ହେଲା ନାହିଁ ନା ମନଇଚ୍ଛା କୁକୁର ଗଣନା କରି ବିଏମ୍‌ସି ନିଜର ଦାୟୀତ୍ୱ ଛଡାଇ ଦେଲା। ରାଜଧାନୀରେ ଦୀର୍ଘବର୍ଷ ଧରି କୁକୁର ବନ୍ଧ୍ୟାକରଣ ବନ୍ଦ ଥିଲା। କେତେତେବେ ହାଇକୋର୍ଟରେ ମାମଲା ଚାଲିଥିବାରୁ ବନ୍ଧ୍ୟାକରଣ ଉପରେ ରହିତାଦେଶ ଜାରି ହୋଇଥିଲା। ପୁଣି କେତେବେଳେ ଉପଯୁକ୍ତ ସଂସ୍ଥା ନ ମିଳିବାରୁ କୁକୁର ବନ୍ଧ୍ୟାକରଣକୁ ବନ୍ଦ କରାଯାଇଥିଲା।

## ୪୪୦ ଲିଟର ମଦ ଜବତ; ଦୁଇ ଗିରଫ

ଭୁବନେଶ୍ୱର, ୧୨।୧୦ (ସମିସ): ବସ୍ତିରେ ମଦ ତିଆରି କରି ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାନ୍ତାଳ ବସ୍ତିର ରବି ହୋ (୩୨) ଓ ସୋନିଆ ବେଶ୍ରା (୩୭)। ପୁଲିସ ସୂଚନାନୁସାରେ, ବେଆଇନ ମଦ ତିଆରି କରି ବିକ୍ରି ଚାଲିଥିବା ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲା। ଲକ୍ଷ୍ମୀପୁର ସାନ୍ତାଳ ବସ୍ତିରୁ ରବିକୁ ଅଟକ ଯାଞ୍ଚ କରିଥିଲା। ତଲାସୀ ସମୟରେ ତାଙ୍କ



ହେପାଜତରୁ ୧୦ଟି ପ୍ଲାଷ୍ଟିକ୍ ବାଲ୍ଟିରେ ଥିବା ୨୦୦ ଲିଟର ଦେଶୀମଦ ଜବତ କରିଥିଲେ। ସେହିପରି ଅନ୍ୟ ଏକ ଟିମ୍ ସୋନିଆ ଘରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଗ୍ରାହକମାନେ ପଳାଇ ଯାଇଥିବା ବେଳେ ସୋନିଆକୁ ଅଟକ ରଖିଥିଲା। ଯାଞ୍ଚ ସମୟରେ ତାଙ୍କ ଘରୁ ୧୨ଟି ପ୍ଲାଷ୍ଟିକ୍ ବାଲ୍ଟିରେ ଥିବା ୨୪୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଦୁଇଟି ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


# ଅପ୍‌ଡେଟ୍ ହେଉନି 'ସୁଯୋଗ'; ଅଟକିଯାଉଛି ପ୍ଲାନ୍ ଆପ୍ରୁଭାଲ୍

ଭୁବନେଶ୍ୱର,୧୨।୧୦(ସମିସ):

ଘରର ପ୍ଲାନ୍ ଆପ୍ରୁଭାଲକୁ ନେଇ ସରକାରୀ ନିୟମ ବଦଳି ଗଲା। ୩୦ଫୁଟିଆ ନୁହେଁ ବରଂ ୨୦ଫୁଟ୍ ରାସ୍ତା ଥିଲେ ବି ପ୍ଲାନ୍ ଆପ୍ରୁଭାଲ ସମ୍ଭବ ବୋଲି ନିୟମରେ ପରିବର୍ତ୍ତନ ଅଣାଗଲା। କିନ୍ତୁ ସୁଯୋଗ ପୋର୍ଟାଲ ପୁରୁଣା ନିୟମକୁ ଜାବୁଡ଼ି ଧରିଛି ବସିଛି। ୪ ମାସ ହେବ ଏହାର ସଫ୍ଟୱେର ଅପଡେଟ୍ ନ ହେବାରୁ ଲୋକେ ପରିବର୍ତ୍ତିତ ନିୟମର ଫାଇଦା ଉଠାଇ ପାରୁନାହାନ୍ତି। ୩୦ ଫୁଟିଆ ରାସ୍ତା ନ ଥିଲେ ସୁଯୋଗ ପୋର୍ଟାଲରେ ବଡ଼ ପ୍ଲଟ୍‌ର ଲେଆଉଟ୍ ଆପ୍ରୁଭାଲ ବେଳେ ଏସବୁ ଖୋଜ ହେଉଛି। ଏଣୁ ପ୍ଲାନ୍ ଆପ୍ରୁଭାଲ ପାଇଁ ସରଳୀକରଣ ନିୟମ କେବଳ ସରକାରୀ




ଦସ୍ତାବିଜରେ ସୀମିତ ରହିଗଲା ଲାଗୁଛି। ତେବେ ସୁଯୋଗ ପୋର୍ଟାଲକୁ ପରିଚାଳନା କରୁଥିବା ସଂସ୍ଥା କ'ଣ ପାଇଁ ନିଜର ସଫ୍ଟୱେର ଅପଡେଟ୍ କରୁନାହିଁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଜଣେ ଆବେଦନକାରୀ କହିଛନ୍ତି ବଡ଼ ପ୍ଲଟ୍‌କୁ ଭାଗ ଭାଗ କରାଯିବା ପରେ ଏହାର ଲେ-ଆଉଟ୍ ପ୍ରସ୍ତୁତ କରାଯାଏ। ଏହି ଲେ-ଆଉଟ୍‌ରେ ମୁଖ୍ୟ ରାସ୍ତାରୁ ଗଳି ରାସ୍ତା ବାହାର କରାଯାଏ। ଗଳିରାସ୍ତାଗୁଡ଼ିକର ଚଉଡ଼ା ଯଦି ୨୦ଫୁଟ୍‌ରୁ ରହୁଛି ତେବେ ତେବେ ସୁଯୋଗ ପୋଟାଲ ଏହି ଲେଆଉଟ୍‌କୁ ଖାରଜ କରି ଦେଉଛି। ଯଦି ଲେ-ଆଉଟ୍‌ରେ ରାସ୍ତାର ଚଉଡ଼ା ୩୦ଫୁଟ୍ ଦର୍ଶାଯାଉଛି ତେବେ ଏହି ଲେ-ଆଉଟ୍‌କୁ ମଞ୍ଜୁର ମିଳିଯାଉଛି। ଏକକ ପ୍ଲଟ୍‌ରେ ଏହି ଅସୁବିଧା ଦେଖାଯାଉ ନ ଥିଲା ବେଳେ ବିଶେଷ ଭାବେ ବଡ଼ ପ୍ଲଟ୍‌ରେ ପ୍ଲାନ୍ ଆପ୍ରୁଭାଲ ପାଇଁ ଏଭଳି ଅସୁବିଧା ଦେଖାଯାଉଛି। ଲୋକେ ପ୍ଲାନ୍ ଆପ୍ରୁଭାଲ ନେଇ ପାରୁ ନାହାନ୍ତି। ଏହାକୁ ନେଇ ଅସନ୍ତୋଷ ବଢୁଥିଲାବେଳେ ପୌରାଞ୍ଚଳ ପ୍ରଶାସନ କିନ୍ତୁ ନିରବ ରହୁଛି।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡିଏ (ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ରୁଲ୍‌କୁ ସଂଶୋଧନ କରାଯାଇଥିଲା। କୌଣସି ବିଲ୍ଡିଂର ପ୍ଲାନ୍ ଆପ୍ରୁଭାଲ ପାଇଁ ପୂର୍ବରୁ ୩୦ଫୁଟ୍ ସାଧାରଣ ରାସ୍ତା ବାଧ୍ୟତାମୂଳକ ଥିଲା। ହେଲେ ସଂଶୋଧିତ ନିୟମ ଅନୁଯାୟୀ ଏହାକୁ ୨୦ ଫୁଟ୍ କରାଗଲା। ଯାହାଦ୍ୱାରା ଲୋକେ ଉପକୃତ ହୋଇପାରିବେ। ହେଲେ ଲୋକେ ହଇରାଣ ହେଉଥିଲେ ମଧ୍ୟ ଏହାକୁ ପରିଚାଳିତ କରୁଥିବା ଘରୋଇ ସଂସ୍ଥା ବିରୋଧରେ ସେଭଳି କୌଣସି କଡ଼ା ଆଭିମୁଖ୍ୟ ଗ୍ରହଣ କରୁ ନାହିଁ। ଏପରିକି ଏହା କେବେ ଠିକ୍ ହେବ ତାହା ମଧ୍ୟ ସ୍ପଷ୍ଟ ହେଉ ନାହିଁ। ଏଣୁ ତୁରନ୍ତ ଏହାକୁ ଠିକ୍ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଉଛି।

# ସମ୍ପାଦକୀୟ



ପ୍ରକୃତି ସବୁବେଳେ ଉତ୍ସାହର ରଙ୍ଗ ପରିଧାନ କରେ।
-ଆର ୱାଲ୍‌ଡୋ ଇମରସନ୍

## ଗଣତନ୍ତ୍ରକୁ ନୋବେଲ୍ ସ୍ୱୀକୃତି

ଗତ ୧୧ ତାରିଖରେ ଆଞ୍ଚଳିକ ଗଣମାଧ୍ୟମରେ ଗଣତନ୍ତ୍ର ସମ୍ପର୍କିତ ଦୁଇଟି ବିପରୀତଧର୍ମୀ ଖବର ପ୍ରକାଶ ପାଇଛି। ଭେନେଜୁଏଲାରେ ଗଣତନ୍ତ୍ର ଶାସନର ପ୍ରତିଷ୍ଠା ପାଇଁ ଦୀର୍ଘବର୍ଷ ଧରି ସଂଗ୍ରାମ କରିଆସୁଥିବା ମାରିନା କୋରିନା ମାଚାଡ଼ୋଙ୍କୁ ଚଳିତ ବର୍ଷର ଶାନ୍ତି ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଅପରପକ୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଆମ ବରଗଡ଼ ଜିଲ୍ଲାର ଜଣେ ସରପଞ୍ଚ ବ୍ୟବସ୍ଥାଚକ୍ରରେ ଅତିଷ୍ଠ ହୋଇ ପଦବୀରୁ ଇସ୍ତଫା ଦେଇଛନ୍ତି ଏବଂ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରୁ ନିଜକୁ ଦୂରେଇ ନେଇ ପୁରୁଣା ପେସା(ଅଟୋଚାଳକ)କୁ ଆପଣେଇ ନେବାକୁ ଉଚିତ ମଣିଛନ୍ତି। ଆନ୍ତର୍ଜାତିକ ଓ ଆଞ୍ଚଳିକ ପରି ଆକାଶପାତାଳସ୍ତରୀୟ ଏହି ଦୁଇଘଟଣାରେ ଅନେକ ସଂଗତି ଓ ବିରୋଧାଭାସ ରହିଛି, ଯାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁଦୂରବିସ୍ତାରୀ ଓ ପ୍ରଭାବଶାଳୀ ସଂକେତ ଦେଉଛି।

ଏହା ଅସ୍ୱୀକାର କରିବାର ନାହିଁ ଯେ 'ଗଣଙ୍କ ଦ୍ୱାରା' ପ୍ରତିଷ୍ଠିତ ଗଣତନ୍ତ୍ର ଆଉ ଗୋଟାପଣେ 'ଗଣଙ୍କର' ନ ହୋଇ ଶାସକ-ସ୍ୱାର୍ଥକୈନ୍ଦ୍ରିକ ହେବାରେ ଲାଗିଛି। ପ୍ରଚ୍ଛନ୍ନ ଅର୍ଥବଳ, ବାହୁବଳ ଓ ଗୋଷ୍ଠୀତନ୍ତ୍ର ପ୍ରଭାବରେ ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଅବାଧ ଓ ସ୍ୱଚ୍ଛ ବୋଲି ଜୋର ଦେଇ କହି ହେଉନାହିଁ। ଆଜିର ଶାସନ ବ୍ୟବସ୍ଥାରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ କାୟାବିସ୍ତାର କରିଚାଲିଥିବାରୁ ସ୍ୱାଭାବିକ ଭାବେ ସ୍ୱଚ୍ଛ, ନିରପେକ୍ଷ, ସାଧୁ, ସଚ୍ଚୋଟ ଜନପ୍ରତିନିଧିଟିଏ ବ୍ୟବସ୍ଥା ଉପରୁ ଆସ୍ଥା ତୁଟାଇ ଦେଉଛି, ଯାହା ବରଗଡ଼ ଜିଲ୍ଲା ବରହାଗୋଡ଼ାରେ ଦେଖିବାକୁ ମିଳିଛି। ଏଭଳି ଘଟଣାର ପୌନଃପୁନିକତା ଯୋଗୁଁ ଗଣତନ୍ତ୍ର ଉପରୁ ଜନତାଙ୍କ ଆସ୍ଥା ଓ ଭରସା ତୁଟି ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଗଣତନ୍ତ୍ରବିରୋଧୀ ମାନସିକତାକୁ ଜନ୍ମ ଦେଉଛି। ତେବେ ସାମ୍ପ୍ରତିକ ବିଶ୍ୱରେ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ବିକଳ୍ପ କ'ଣ? ଏହି ଦ୍ୱନ୍ଦ୍ୱରୁ ମୁକୁଳିବାର ପ୍ରୟାସରେ ମାରିନାଙ୍କ କାହାଣୀ ଏବଂ ତାଙ୍କ ସଂଗ୍ରାମକୁ ନୋବେଲ୍ କମିଟିର ସ୍ୱୀକୃତି ଆଲୋକବର୍ତ୍ତିକାଟିଏ ହୋଇଛି।

ଗଣତନ୍ତ୍ରରୁ ମୁହଁ ଫେରାଇନେବା ବା ପଦପଦବୀରୁ ଓହରିଯିବାର ସମସ୍ୟାର ସମାଧାନ ନୁହେଁ, ବରଂ ବ୍ୟବସ୍ଥା ଭିତରେ ରହି ଆହ୍ୱାନକୁ ସମ୍ମୁଖୀନ ହେବା ହିଁ ସର୍ବୋତ୍କୃଷ୍ଟ ପନ୍ଥା। ଏହି ଅବସରରେ ନୋବେଲ୍ କମିଟି ଉଲ୍ଲେଖ କରିଥିବା ଉକ୍ତି ପ୍ରଣିଧାନଯୋଗ୍ୟ ଏବଂ ସାମ୍ପ୍ରତିକ ବିଶ୍ୱରେ ଅତୀବ ଗୁରୁତ୍ୱପୂର୍ଣ୍ଣ - 'ନିରବ ରହିବାର ବିକଳ୍ପକୁ ପ୍ରତ୍ୟାଖ୍ୟାନ କରିବା, ବିପଦ ଆଶଙ୍କା ସତ୍ତ୍ୱେ ଲଢ଼ିବା ଏବଂ ସ୍ୱାଧୀନତାକୁ କାହାର ଅନୁମୋଦନ ରୂପେ ଗ୍ରହଣ ନ କରିବା ବ୍ୟକ୍ତିଗତ ଚିନ୍ତାଧାରା ଉପରେ ନିର୍ଭରଶୀଳ'। ମେରିଆଙ୍କ ଜୀବନ ମଧ୍ୟ କମ୍ ସଂଘର୍ଷପୂର୍ଣ୍ଣ ନୁହେଁ। ବରହାଗୋଡ଼ା ସରପଞ୍ଚ ଶରତ କୁମ୍ଭାରଙ୍କ ଭଳି ମେରିଆଙ୍କ ଜୀବନ ପ୍ରତି ମଧ୍ୟ ପାଦେ ପାଦେ ବିପଦ ରହିଆସିଛି। ତାଙ୍କ ଉପରେ ଆକ୍ରମଣ ହୋଇଛି, ମାସ ମାସ ଧରି ସେ ଅଜ୍ଞାତବାସରେ ରହିଛନ୍ତି। ତଥାପି ଡରି ନ ଯାଇ ସଂଘର୍ଷ ଜାରି ରଖିଛନ୍ତି। ବୁଲେଟ୍(ଗୁଳି) ନୁହେଁ, ବାଲୋଟ୍(ଭୋଟଦାନ) ହିଁ ଶ୍ରେଷ୍ଠ ଓ ଶକ୍ତିଶାଳୀ - ଏହା ଘୋଷଣଶ ସେ ଦୃପ୍ତ କଣ୍ଠରେ ଏକଛତ୍ରବାଦୀ ଶାସକ ଆଗରେ ବାରମ୍ବାର ଉପସ୍ଥାପନ କରିଛନ୍ତି। ମହିଳା ହୋଇ ମଧ୍ୟ ମେରିଆ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଯେଉଁ ଅସୀମ ଧୈର୍ଯ୍ୟ ଓ ସାହସ ଜୁଟାଇ ପାରିଛନ୍ତି, ତାହାକୁ ନୋବେଲ୍ କମିଟି ସମ୍ମାନ ଜଣାଇଛନ୍ତି। ସାମ୍ପ୍ରତିକ ବିଶ୍ୱରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ହିଁ ସର୍ବଶ୍ରେଷ୍ଠ ବିକଳ୍ପ ଓ ସଦାଜୀବନ୍ତ - ଏହା ପରୋକ୍ଷରେ ନୋବେଲ୍ କମିଟି ୨୦୨୫ ନୋବେଲ୍ ପୁରସ୍କାର ମାଧ୍ୟମରେ ସଙ୍କେତ ଦେଇଛନ୍ତି।

## ଯୁଦ୍ଧବିରତି ଓ ଅର୍ଥନୀତି

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଚାଲିଥିବା ଦୁଇବର୍ଷର ଯୁଦ୍ଧରେ ଆପାତତଃ ବିରାମ ଲାଗିଛି। ବାହୁବଳ, ସାମ୍ପ୍ରଦାୟିକତା ଓ ଅହଂକାରର ଏହି ଲଢ଼େଇରେ ପ୍ରାୟ ୭୦ ହଜାର ନିରୀହ ଜୀବନ ଯିବା ଏବଂ ଯୁଦ୍ଧପୀଡ଼ିତଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯିବା ହିଁ ସାର ହୋଇଛି। ଯୁଦ୍ଧରେ ଭିତ୍ତିଭୂମି ଓ ମାନବିକତାର ଯେଉଁ କ୍ଷୟକ୍ଷତି ଘଟିଲା, ତାହା କୌଣସି ଯୁଦ୍ଧ ପକ୍ଷର ନୁହେଁ, ବରଂ ସମଗ୍ର ବିଶ୍ୱର, ମାନବସଭ୍ୟତାର। ଏଥିପାଇଁ ଉତ୍ତରଦାୟୀ ହେବ କିଏ? ଏହି ପ୍ରଶ୍ନର ଉତ୍ତର କ୍ରିୟା-ପ୍ରତିକ୍ରିୟା ତତ୍ତ୍ୱ ଭିତରେ ସବୁଦିନ ପାଇଁ ଲୁଚିଯିବ। ଯୁଦ୍ଧବିରତିର ଶ୍ରେୟ ଯିଏ ବା ନିଅନ୍ତୁ ନା କାହିଁକି ଏବଂ ତା'ପଛରେ ଯାହା ବି କାରଣ ଥାଉ ନା କାହିଁକି ସମଗ୍ର ଏସିଆ ଭୂଖଣ୍ଡ ପ୍ରତି ଏହା ଏକ ମଙ୍ଗଳପ୍ରଦ।

ଯୁଦ୍ଧବିରତି ମଧ୍ୟପ୍ରାଚ୍ୟ ସହିତ ଭାରତୀୟ ଅର୍ଥନୀତି ପାଇଁ ମଧ୍ୟ ପ୍ରୀତିପ୍ରଦ। ଇସ୍ରାଏଲ୍-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ନୌବାଣିଜ୍ୟ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା। ଲୋହିତ ସାଗରରେ ୟେମେନ୍ ସମର୍ଥିତ ହାଉଥି ଜଳଦସ୍ୟୁମାନଙ୍କର ଆକ୍ରମଣ ଭୟରେ ପଣ୍ୟବାହୀ ଜାହାଜମାନେ 'କେପ୍ ଅଫ୍ ଗୁଡ୍ ହୋପ୍' ପଥ ଦେଇ କାରବାର କରିବାକୁ ପଡୁଥିଲା, ଯାହାଫଳରେ ପରିବହନ ଖର୍ଚ୍ଚ ପ୍ରାୟ ତିନିଗୁଣା ବଢ଼ିଥିଲା। ଯୁଦ୍ଧବିରତି ପରେ ଲୋହିତ ସାଗର ଦେଇ ସୁଏଜ୍ କେନାଲ୍ ପଥ ବିପଦମୁକ୍ତ ହେବା ଆଶା କରାଯାଉଥିବାରୁ ସେହି ପଥ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାର ସବୁଠାରୁ ବଡ଼ ଲାଭ ଭାରତର ରପ୍ତାନୀ ବାଣିଜ୍ୟ ପାଇବ। ୟୁରୋପ, ଆମେରିକା, ଆଫ୍ରିକା, ପଶ୍ଚିମ ଏସିଆକୁ ରପ୍ତାନି ହେଉଥିବା ଭାରତୀୟ କୃଷି, ବୟନ, ଜୋତା, ସାମୁଦ୍ରିକ ଉତ୍ପାଦର ପରିବହନ ମୂଲ୍ୟ ହ୍ରାସ ପାଇଲେ ବିଶ୍ୱ ବଜାରରେ ଚାହିଦା ବଢ଼ିବ, ଯାହାର ଲାଭ ଭାରତୀୟ ଅର୍ଥନୀତିକୁ ମିଳିବ। ତେବେ ଏହାର ସ୍ଥାୟିତ୍ୱ ନିର୍ଭର କରୁଛି ଇସ୍ରାଏଲ୍-ହମାସ୍ ପ୍ରତ୍ୟର୍ପଣ ଚୁକ୍ତିର କାର୍ଯ୍ୟକାରିତା ଉପରେ। ତେଣୁ ଏବେ ଭାରତର ରପ୍ତାନି ବାଣିଜ୍ୟ କେବଳ ଏକ ଆଶାରେ ରହିଛି।

ପରିକଳ୍ପିତ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପୀୟ କରିଡର ବାସ୍ତବ ରୂପ ନେବା ପର୍ଯ୍ୟନ୍ତ ଏଭଳି ଅନିଶ୍ଚିତତା ଜାରି ରହିବ। ଭାରତର ଆଉ ଏକ ବାଧବାଧକତା ହେଉଛି ଏ ପର୍ଯ୍ୟନ୍ତ ବହିଃବାଣିଜ୍ୟ ବିଦେଶୀ ଜାହାଜ ଉପରେ ନିର୍ଭରଶୀଳ। ସେ ବାବଦରେ ଭାରତରୁ ସାମଗ୍ରିକ ଭାବେ ବାର୍ଷିକ ୭୫୦୦ ଡଲାର ବିଦେଶୀ ଜାହାଜ ଖାତାକୁ ଯାଉଛି। ତେଣୁ ଏ ଦିଗରେ ମଧ୍ୟ ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଏକ ଐତିହାସିକ ବିଡ଼ମ୍ବନା

ଆଇନର ଭୁଲ୍ ତର୍ଜମା, ରୂପାୟନରେ ପ୍ରଶାସନିକ ତ୍ରୁଟି ଏବଂ ଅଭିଯୋଗ ସମାଧାନରେ ସରକାରୀ ଅବହେଳା କିଭଳି ମହତ୍ ଉଦ୍ଦେଶ୍ୟରେ ପ୍ରଣୀତ ଆଇନ୍ ଉପରେ ଖଳନାୟକର ଅପବାଦ ଲଦି ଦିଏ ତାହାର ପ୍ରକୃଷ୍ଟ ଉଦାହରଣ ହେଉଛି ଜଙ୍ଗଲ ସୁରକ୍ଷା ଆଇନ ୨୦୦୬(ଏଫ୍‌ଆରଏ)। ଜଙ୍ଗଲ ଜମି ଉପରେ ଆଦିମ ଜନଜାତିଙ୍କର ଅଧିକାରକୁ ବୈଧ କରିବା ପାଇଁ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ(ମାନ୍ୟତା ଓ ଜଙ୍ଗଲ ଅଧିକାର)-୨୦୦୬' (ସଂକ୍ଷେପରେ 'ଜଙ୍ଗଲ ଅଧିକାର ଆଇନ-୨୦୦୬) ଦ୍ୱାରା ହିଁ ଅଧିକାଂଶ ବନବାସୀଙ୍କୁ ସେମାନଙ୍କ ପ୍ରକୃତି ମାଆ କୋଳରୁ ବିତାଡ଼ିତ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି।

ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ୨୦୧୯ ଫେବୃୟାରୀ ମାସ ୧୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଲେ ଯେ ଏଫ୍‌ଆରଏ ଆଧାରରେ ଯେଉଁ ଜନଜାତିମାନେ ଜଙ୍ଗଲ ଜମି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି ତୁରନ୍ତ ସେମାନଙ୍କୁ ଜଙ୍ଗଲରୁ ବିସ୍ଥାପିତ କରାଯାଉ। କିନ୍ତୁ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହେବା ପରେ ରାୟର ପୁନର୍ବିଚାର ଆବେଦନକୁ ନ୍ୟାୟାଳୟ ଗ୍ରହଣ କଲେ ଏବଂ ପ୍ରତ୍ୟାଖ୍ୟାତ ଦାବିଗୁଡ଼ିକର ପୁନର୍ବିଚାର କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଲେ। ଏଥିସହିତ ଜଙ୍ଗଲ ଜମିରେ ଅଧିକାର ଦାବି ଖାରଜ ହୋଇଥିବା ଜନଜାତିଙ୍କୁ ଉଚ୍ଛେଦ ରାୟ ସ୍ଥଗିତ ରହିଲା। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାରମାନେ ଖାରଜ ଦାବିଗୁଡ଼ିକର ପୁନଃସମୀକ୍ଷା କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆଦିମ ଜନଜାତିଙ୍କ ଜଙ୍ଗଲ ସମ୍ପଦ ଉପରେ ଅଧିକାରର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସତ୍ୟତମ ତଥ୍ୟ ଅନୁଯାୟୀ ତେଲଙ୍ଗାନା, ଓଡ଼ିଶା, ଗୁଜରାଟ, ମହାରାଷ୍ଟ୍ର, ଆସାମ୍, କର୍ଣ୍ଣାଟକ, ଝାଡ଼ଖଣ୍ଡରେ ସର୍ବାଧିକ ବିଚାରାଧୀନ ମାମଲା ରହିଛି। ୨୦୨୫ ଜୁନ୍ ୧ ତାରିଖ ସୁଦ୍ଧା ୫୧ ଲକ୍ଷ ୨୩ ହଜାର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଆବେଦନ ଆସିଥିବା ବେଳେ ମାତ୍ର ୨୫ ଲକ୍ଷ ୧୧ ହଜାର ଦାବିକୁ ସ୍ୱୀକୃତି ଦିଆଯାଇଛି। ୭ ଲକ୍ଷ ୪୯ ହଜାର ଦାବି ବିଚାରାଧୀନ ଥିବା ବେଳେ ୧୮ ଲକ୍ଷ ୬୨ ହଜାର ଦାବି ଖାରଜ କରାଯାଇଛି। ତେଲଙ୍ଗାନାରେ ସର୍ବାଧିକ ୩ ଲକ୍ଷ ୨୯ ହଜାର ଦାବି ବିଚାରାଧୀନ ଥିବା ବେଳେ ତା'ପଛକୁ ଓଡ଼ିଶାରେ ୧ ଲକ୍ଷ ୨୦ ହଜାର, ଆସାମ୍‌ରେ ୯୬ ହଜାର, ଗୁଜରାଟରେ ୮୪ ହଜାର, ମହାରାଷ୍ଟ୍ରରେ ୨୮ ହଜାର ଦାବି ବିଚାରାଧୀନ ରହିଛି। ପ୍ରତିଶତ ହିସାବରେ ତର୍ଜମା କଲେ ଗୋଆରେ ସର୍ବାଧିକ ୮୭%, ହିମାଚଳ ପ୍ରଦେଶରେ ୮୪.୫% ଓ ଆସାମରେ ୬୨% ଦାବି ବିଚାରାଧୀନ ରହିଛି।

ଏବେ ଓଡ଼ିଶା ବିଷୟ ଆଲୋଚନା କରିବା। ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ ୧୩ଟି ବିଶେଷ ଭାବରେ ଦୁର୍ବଳ ବା ଅବକ୍ଷୟମୁଖୀ(ପିଭିଟିଜି)। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ଆଦିବାସୀ ଜନସଂଖ୍ୟା ୯୫ ଲକ୍ଷ ୯୦ ହଜାର ୭୫୬ ରହିଥିବା ବେଳେ ମୋଟ ଜନସଂଖ୍ୟାରେ ଏମାନଙ୍କ ଭାଗ ୨୨.୮୫ ପ୍ରତିଶତ। ଓଡ଼ିଶାରେ ଅଦ୍ୟାବଧି ୪.୫୬ ଲକ୍ଷ ଜନଜାତିଙ୍କୁ ଏଫଆରଏ ବଳରେ ବ୍ୟକ୍ତିଗତ ଜମି ପଟ୍ଟା ପ୍ରଦାନ କରାଯାଇଛି। ୧୮ ହଜାର ପିଭିଟିଜି ବର୍ଗର ଜନଜାତିଙ୍କୁ ୩୧ ହଜାର ୫୪୧ ଏକର ଜଙ୍ଗର ଜମିରେ ଅଧିକାର ମିଳିଥିବା ବେଳେ ୫ ହଜାର ୮୦୭ ଗାଁକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଏବଂ ୪ ହଜାର ୨୭୮ ଗାଁକୁ ଗୋଷ୍ଠୀ ବନ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି। ବନବାସୀଙ୍କ ୩ ଲକ୍ଷ ୪୨ ହଜାର ୨୮୮ ଟି ଖତିଆନକୁ ସରକାରୀ ନଥିପତ୍ରରେ ରେକର୍ଡଭୁକ୍ତ କରାଯାଇଥିବା ସୂଚନା ମିଳିଛି। ୧ ଲକ୍ଷ ୪୪ ହଜାର ୧୭୫ ହଜାର ଦାବି ନାକଚ ହୋଇଛି। ଦାବି ଉପସ୍ଥାପନ କରିପାରିନଥିବା ଅନେକ ଜନଜାତିଙ୍କ ସଂଖ୍ୟା ଜଣାପଡ଼ିନାହିଁ। ଏହି ସମସ୍ୟାର ସମାଧାନ ବା ଦାବି ପ୍ରତ୍ୟାଖ୍ୟାତ ହୋଇଥିବା ଜନଜାତିଙ୍କୁ ଜଙ୍ଗଲରୁ ଉଚ୍ଛେଦ ଆଦେଶର ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ଏହା ଉପରେ ନିର୍ଭର କରୁଛି ଆଦିମ ଜନଜାତିଙ୍କ ଜଙ୍ଗଲ ଜମି ଉପରେ ସ୍ୱତ୍ତ୍ୱାଧିକାରର ନିଶ୍ଚିତତା ଓ ଭବଷ୍ୟତ। ସୁଖର କଥା ଇତିମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପତ୍ର ଲେଖି ବିଚାରାଧୀନ ମାମଲାଗୁଡ଼ିକର ତୁରନ୍ତ ଫଇସଲା କରିବା ଏବଂ ଏଫ୍‌ଆରଏ କାର୍ଯ୍ୟକାରିତାର ଅଗ୍ରଗତି ସମୀକ୍ଷା କରିବା ପାଇଁ କହିଛନ୍ତି।

ଜଙ୍ଗଲ ଜମିରେ ଅଧିକାର ସାବ୍ୟସ୍ତରେ ବିଫଳତା ଓ ସେମାନଙ୍କୁ ଉଚ୍ଛେଦ ଘଟଣା ପଛର ବହୁବିଧ କାରଣମାନଙ୍କ ମଧ୍ୟରୁ ଆଦିବାସୀମାନଙ୍କ ମଧ୍ୟରେ ଆଇନକାନୁନ୍ ସମ୍ପର୍କରେ ଅଜ୍ଞାନତା, ଡିଜିଟାଲ୍ ସାକ୍ଷରତା ଓ ସଚେତନତାର ଅଭାବ, ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳତା, ଦଲାଲ୍‌ରାଜ, ପ୍ରଶାନିକ ତ୍ରୁଟି, ଆଇନକାନୁନ୍ ତର୍ଜମାରେ ଦୁର୍ବଳତା, ରାଜନୈତିକ ପ୍ରଭାବ ଓ ଭୂମିକା ଆଦି ଅନ୍ୟତମ। ଏଫ୍‌ଆରଏ କାର୍ଯ୍ୟକାରିତାରେ ତ୍ରୁଟି କେବଳ ଆଦିମ ଜନଜାତି ବର୍ଗର ଜଙ୍ଗଲ ଜମି ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ସେମାନଙ୍କ ଭାଷା, ସଂସ୍କୃତି, ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଛି। ଉଦାହରଣ ସ୍ୱରୂପ ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କୁହନ୍ତି। ବିଶେଷଜ୍ଞମାନଙ୍କ ମତରେ ଏହି ଭାଷା ମଧ୍ୟରୁ ୧୩ଟି ବିଲୁପ୍ତପ୍ରାୟ। ସେଥିମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସଉରା, ଗଡ୍‌ବା, ବଡ଼ଗଡ୍‌ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ଅନ୍ୟତମ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସଉରା ଅନ୍ତର୍ଭୁକ୍ତ। ସରକାରୀ ତଥ୍ୟ ଅନୁସାରେ ଆଦିବାସୀ ଭାଷାଗୁଡ଼ିକ ମଧ୍ୟରୁ କେତେକ ବିଲୁପ୍ତ ହୋଇ ସାରିଥିବା ବେଳେ ଆଉ କେତେକ ଅତିଶୟ ବିପନ୍ନ ବର୍ଗରେ ରହିଛି। ସଂପୃକ୍ତ ଭାଷାଭାଷୀଙ୍କ ଜନସଂଖ୍ୟା ବିପଜ୍ଜନକ ଭାବେ କମିଗଲେ କିମ୍ବା ବିସ୍ଥାପନ ଯୋଗୁଁ ବାହ୍ୟ ସଂସ୍କୃତି ଓ ଭାଷାର ପ୍ରଭାବ ଅଧିକ ହେଲେ ଭାଷା ମରିଯାଏ। ଏ କ୍ଷେତ୍ରରେ ମଧ୍ୟ ସମାନ କାରଣ ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ତେବେ ଆଦିବାସୀ ମୂଳଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ପୂରଣ ଅସମ୍ଭବ ମନେହୁଏ।

ଏଫ୍‌ଆରଏ ଆଧାରରେ ଦାବିଗୁଡ଼ିକର ବିଚାର କଲା ବେଳେ କେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଇଛି, ଆଦିବାସୀମାନଙ୍କ ସ୍ୱରକୁ ଗୁରୁତ୍ୱ ଦିଆଯାଇଛି କି ନାହିଁ ବା ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଛି କି ନାହିଁ, ପ୍ରମାଣପତ୍ର ଯୋଗାଡ଼ ପାଇଁ ଆବଶ୍ୟକ ସମୟ ଦିଆଯାଇଛି କି ନାହିଁ, ସେମାନଙ୍କୁ ଆଇନ ବିଷୟରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି କି ନାହିଁ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ବୈଧ ପ୍ରଶାସନିକ ପ୍ରକ୍ରିୟା ଉପରେ ସର୍ବୋଚ୍ଚ ଅଦାଲତ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ମନ୍ତ୍ରଣାଳୟ ଜାତୀୟସ୍ତରରେ କୌଣସି ଏକକ ନିର୍ଦ୍ଦିଷ୍ଟ ନିୟମ ବା ଏକକ ଆଧାର ପ୍ରଣୟନ କରି ନଥିବା ଏବଂ ରାଜ୍ୟମାନେ ଏଫଆରଏ ଉଦ୍ଦିଷ୍ଟ ନିୟମ ଓ ସର୍ତ୍ତାବଳୀ ଅନୁପାଳନ ନ କରି ନିଜସ୍ୱ ଢଙ୍ଗରେ ନିଜ ନିଜ ସୁବିଧା ଅନୁଯାୟୀ ଦାଖଲ ଖାରଜ କରିଥିବା ଜଣାପଡ଼ିଥିଲା। ଜଙ୍ଗଲ ଜମି ଅଧିକାର ଦାବିର ବିଚାର କଲା ବେଳେ ସର୍ବେକ୍ଷଣରେ ତ୍ରୁଟି ରହିଥିବା, ସାଟେଲାଇଟ୍ ଚିତ୍ରର ଉପଯୁକ୍ତ ଅନୁଶୀଳନ କରା ଯାଇନଥିବା ମଧ୍ୟ ସାମ୍ନାକୁ ଆସିଥିଲା। ଏପରିକି ଏହି ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଥିବା ଗ୍ରାମସଭାକୁ ମଧ୍ୟ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବା ଗୁରୁତର ଅଭିଯୋଗ ଆସିଥିଲା। କେତେକ ସ୍ଥାନରେ ଭିତ୍ତିଭୂମି ବିକାଶ ଆଳରେ ବନବାସୀମାନଙ୍କୁ ଜୋରଜବରଦସ୍ତ ବିସ୍ଥାପିତ କରିଦିଆଇଥିବା ଅଭିଯୋଗ ହୋଇଛି।

ଏଫ୍‌ଆରଏର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗଣତାନ୍ତ୍ରିକ ପଦ୍ଧତିରେ ଜଙ୍ଗଲ ସମ୍ପଦ ପରିଚାଳନାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତରର ଅଧିକାରକୁ ସ୍ୱୀକୃତି ଦେବାରେ ସ୍ୱଚ୍ଛତା ଅବଲମ୍ବନ କରିବା। ଏଫଆରଏ ଏ କଥା ମଧ୍ୟ ସ୍ୱୀକାର କରିଛି ଯେ ଜଙ୍ଗଲ ଜୈବବିବିଧତାର ସୁରକ୍ଷାରେ ଜନଜାତିମାନଙ୍କର ଅବିଚ୍ଛେଦ୍ୟ ଭୂମିକା ଥିବାରୁ ସେମାନଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ଏବଂ ଜଙ୍ଗଲ ସମ୍ପଦ ଉପରେ କର୍ତ୍ତୃତ୍ୱ ପ୍ରଦାନ ଦିଗରେ ଅଗ୍ରାଧିକାର ଦେବା ବିଧେୟ। ଏହାକୁ ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ ହେବ। ଜାତିସଂଘର ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ଏହି ଐତିହାସିକ ବିଡ଼ମ୍ବନାକୁ ସୁଧାରିବା ଦିଗରେ ପଦକ୍ଷେପ ନେବା ବିଧେୟ।

(ସକାଳ ମିଡିଆ ସର୍ଭିସ୍)

## ପଦାର୍ଥ ବିଜ୍ଞାନରେ ନୋବେଲ୍ ୨୦୨୫

# ଆମେରିକାର ଆଧିପତ୍ୟ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ ଅକ୍ଟୋବର ୭ ତାରିଖରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଘୋଷଣା କରିଛି ଯେ ଏହିବର୍ଷ ପଦାର୍ଥବିଜ୍ଞାନରେ ନୋବେଲ୍ ପୁରସ୍କାର ଦିଆଯିବ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାର୍କ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲି), ମିଚେଲ ଡେଭୋରେଟ୍ (ୟେଲ ବିଶ୍ୱବିଦ୍ୟାଳୟ) ଓ ଜନ୍ ମାର୍ଟିନିସ୍ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାଂଟା ବାରବାରା)ଙ୍କୁ। ସେମାନେ ଏକ ବୈଦ୍ୟୁତିକ ସର୍କିଟରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଟନେଲିଂ ଓ ଏନର୍ଜି କ୍ୱାଣ୍ଟଇଜେସନ୍ ଦେଖାଇ ପାରିଛନ୍ତି।

କ୍ୱାଣ୍ଟମ୍ ଟନେଲିଂ କ'ଣ? ସାଧାରଣ ଭାବେ ଯଦି ଆମେ ଏକ ବଲ୍ ଉଚ୍ଚ ପାହାଡ଼ ଉପରକୁ ଫିଙ୍ଗିବା, ତେବେ ଏହା ପାହାଡ଼ ଚଢ଼ିପାରିବ ନାହିଁ, ପଛକୁ ଫେରି ଆସିବ। କିନ୍ତୁ କ୍ୱାଣ୍ଟମ୍ ଦୁନିଆରେ ଏକ କଣିକା ତରଙ୍ଗ ସ୍ୱରୂପର ବ୍ୟବହାର କରି ଏହି ପ୍ରତିବନ୍ଧକ ମାଧ୍ୟମରେ ଅନ୍ୟ ପାର୍ଶ୍ୱକୁ ପହଞ୍ଚିପାରେ। ଏହି ଅଦ୍ଭୁତ ଘଟଣାକୁ କ୍ୱାଣ୍ଟମ୍ ଟନେଲିଂ କୁହାଯାଏ। କ୍ୱାଣ୍ଟମ୍ ବିଜ୍ଞାନର ଅନ୍ୟ ମୌଳିକ ଧାରଣା ହେଉଛି ଏନର୍ଜି କ୍ୱାଣ୍ଟଇଜେସନ୍, ଯେଉଁଥିରେ ଶକ୍ତି ନିର୍ଦ୍ଦିଷ୍ଟ ସ୍ତରରେ ଥାଏ, ମଝିରେ ନୁହେଁ। ଏହା ଏକ ସିଡ଼ି ଚଢ଼ିବା ପରି ଆପଣ ଏକ ଧାପରେ ଠିଆ ହୋଇପାରିବେ, କିନ୍ତୁ ଧାପ ମଧ୍ୟରେ ନୁହେଁ। ନୋବେଲ୍ ବିଜେତାମାନେ ଏହି ଧାରଣାଗୁଡ଼ିକୁ ଏକ ସୁପରକଣ୍ଡକ୍ଟିଂ ଚିପ୍ ମାଧ୍ୟମରେ ପ୍ରୟୋଗ କରିଛନ୍ତି, ଯେଉଁଥିରେ ଜୋସେଫସନ୍ ଜଙ୍କସନ୍ ବ୍ୟବହାର ହୋଇଛି ଦୁଇଟି ସୁପରକଣ୍ଡକ୍ଟର ମଧ୍ୟରେ ଏକ ପତଳା ଇନସୁଲେଟିଂ ପ୍ରତିବନ୍ଧକ। ଏହି ସର୍କିଟ୍ ମାଧ୍ୟମରେ ଏକ ଅନ୍ତହୀନ ବିଦ୍ୟୁତ ପ୍ରବାହ ଦେଖାଯାଏ, ଯେଉଁଥିରେ କୂପର ଯୋଡ଼ି ଇଲେକ୍ଟ୍ରୋନଗୁଡ଼ିକ ଏକାଠି ଚଳାଚଳ କରନ୍ତି।

୧୯୮୪-୮୫ ମସିହାରେ ବର୍କଲିରେ ଏହି ପରୀକ୍ଷଣ ହୋଇଥିଲା, ଯେଉଁଥିରେ ମାକ୍ରୋସ୍କୋପିକ୍ ଧାରଣାରେ କ୍ୱାଣ୍ଟମ୍ ଟନେଲିଂ ଓ ଶକ୍ତି ପରିମାଣୀକରଣ ଦେଖାଯାଇଥିଲା। ଏହି ଅନୁସନ୍ଧାନ କ୍ୱାଣ୍ଟମ୍ ୨.୦ ବିପ୍ଳବର ମୂଳ ଅଂଶ ଭାବେ ଗଣ୍ୟ, ଯେଉଁଥିରେ କ୍ୱାଣ୍ଟମ୍ ଧାରଣାଗୁଡ଼ିକୁ ସୂଚନା ପ୍ରକ୍ରିୟାକରଣ, ସେନ୍ସିଂ ଓ ଯୋଗାଯୋଗରେ ବ୍ୟବହାର କରାଯିବା ସମ୍ଭାବନା ଅଛି। ଏହି ଆବିଷ୍କାର ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କ୍ରିପ୍ଟୋଗ୍ରାଫି, ଔଷଧ ଆବିଷ୍କାର ଓ ଜଟିଳ ପ୍ରଣାଳୀ ମଡେଲିଂରେ ଅଭିନବ ଅଗ୍ରଗତି ହେବା ଆଶା ରହିଛି। ଏହା ପ୍ରମାଣ କରିଛି ଯେ ପୁରୁଣା ବିଜ୍ଞାନ ଧାରଣା ମଧ୍ୟ ନୂତନ ଆବିଷ୍କାରରେ ଅଦ୍ଭୁତ ଅବତାର ନେଇପାରେ।

ଉପରୋକ୍ତ ବିଶ୍ଳେଷଣରେ ମୁଁ କିଛି ଧାରଣା ବ୍ୟବହାର କରିଛି, ଯାହା ବୈଜ୍ଞାନିକମାନଙ୍କ ନାମରେ ନାମିତ ହୋଇଛି। ଯେଉଁମାନଙ୍କ ଅବଦାନ ଉପରେ ଦୃଷ୍ଟି ବିନା ଉପର ଲିଖିତ ତଥ୍ୟ ଅବୁଝା ରହିବ। ଯେଉଁମାନଙ୍କ ଅବଦାନ ଉପରେ ଚଢ଼ି ଆଜିର ଏହି ପୁରସ୍କାର ବିଷୟ ସ୍ୱୀକୃତି ପାଇଛି ସେମାନଙ୍କୁ ମନ ପକାଇବା ଏହିକ୍ଷଣରେ ଉଚିତ ହେବ। ଜୋସେଫସନ୍ ଜଙ୍କସନ୍ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବ୍ରାଏନ୍ ଜୋସେଫସନ୍‌ଙ୍କ ନାମରେ ନାମିତ ହୋଇଛି। ଏହା ୧୯୬୦ ମସିହାରେ ଆବିଷ୍କୃତ ହୋଇଥିଲା। ଏହାକୁ ନୋବେଲ୍ ପୁରସ୍କାର ଦ୍ୱାରା ସ୍ୱୀକୃତି ଦିଆଯାଇଥିଲା। କିନ୍ତୁ ଅନ୍ୟ ଜଣେ ନୋବେଲ୍ ପୁରସ୍କାର ବିଜେତା ଜନ୍ ବାର୍ଡିନ୍ ଏହାର ଦୃଢ଼ ବିରୋଧ କରିଥିଲେ। ବାର୍ଡିନ୍ ପଦାର୍ଥ ବିଜ୍ଞାନରେ ଦୁଇଥର ନୋବେଲ ପୁରସ୍କାର ପାଇଛନ୍ତି। ପ୍ରଥମ ଥର ଉଇଲିଅମ ଶକଲି ଏବଂ ୱାଲଟେର ୱାଲଟର ବ୍ରାଟାନ ସହ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ନିମନ୍ତେ ଏବଂ ଦ୍ୱିତୀୟ ଥର ଅତିସୁପରିବାହୀ ପଦାର୍ଥରେ ତାତ୍ତ୍ୱିକ ଗବେଷଣା ନିମନ୍ତେ ତାଙ୍କର ପୋଷ୍ଟଡକ ଏଲ, ଏନ. କୁପର ଏବଂ ଡକ୍ଟୋରେଟ ଛାତ୍ର ଜେ. ଆର. ସ୍ରିଫରଙ୍କ ସହ।

ଆମେ ଅର୍ଦ୍ଧପରିବାହୀ ଚିପ୍ସ ବିଷୟରେ ଜାଣୁ। କିନ୍ତୁ ବର୍ତ୍ତମାନର ପୁରସ୍କାର ସୁପରକଣ୍ଡକ୍ଟିଂ ଚିପ୍ସକୁ ସ୍ୱୀକୃତି ଦେଇଛି। ସୁପରକଣ୍ଡକ୍ଟିଭିଟିର କାର୍ଯ୍ୟକାରିତା ଆମେରିକୀୟ ବୈଜ୍ଞାନିକ ଏବଂ ନୋବେଲ ପୁରସ୍କାର ବିଜେତା ଏଲ.ଏନ. କୁପରଙ୍କ ନାମରେ ନାମିତ ଇଲେକ୍ଟ୍ରୋନ ଯୋଡ଼ି ଉପରେ ନିର୍ଭର କରେ। ଏହାକୁ କୁପର ଯୋଡ଼ି କୁହାଯାଏ। ଏହି ଯୋଡ଼ିମାନଙ୍କ ଦୁଇଟି ଅତିସୁପରିବାହୀ ପଦାର୍ଥ ମଧ୍ୟରେ ଥିବା ପତଳା ଇନ୍‌ସୁଲେଟିଙ୍ଗ ପ୍ରତିବନ୍ଧକ ଦେଇ ଟାନେଲିଙ୍ଗକୁ ଜୋସେଫସନ୍ ଟନେଲିଂ କୁହାଯାଏ। ସୁପରକଣ୍ଡକ୍ଟିଂ ଜଙ୍କସନରେ ଟନେଲ ପ୍ରଣାଳୀ ରସିଆନ୍ ବୈଜ୍ଞାନିକ ଲେଭ୍ ଗୋର୍କୋଭଙ୍କ କାର୍ଯ୍ୟ ଦ୍ୱାରା ବୁଝାଯାଇଥିଲା, ଯାହା ବାର୍ଡିନ ଅବଗତ ନ ଥିବାରୁ ସେ ଜୋସେଫସନ୍ ଟନେଲିଂକୁ ପ୍ରାଥମିକ ଅବସ୍ଥାରେ ବିରୋଧ କରିଥିଲେ।

ବିଜ୍ଞାନ ଏକ ଏକପାଖିଆ ପ୍ରବାହ ନୁହେଁ। ଏହା କୌତୁହଳରୁ ଆସେ। ଏହା ବିବାଦ ଏବଂ ସହଯୋଗରୁ ଦୃଢ଼ୀଭୁତ ହୁଏ। ଏହା କନିଷ୍ଠମାନଙ୍କୁ ବରିଷ୍ଠଙ୍କଠାରୁ ପୃଥକ କରେ ନାହିଁ। ପ୍ରତ୍ୟେକ ସହଯୋଗୀଙ୍କ ଅର୍ଥପୂର୍ଣ୍ଣ ଅବଦାନକୁ ଗମ୍ଭୀରତାର ସହିତ ନିଏ। ଏହି ବର୍ଷର ନୋବେଲ ପୁରସ୍କାର ଏହି ଭାବନାକୁ ଦୃଢ଼ୀଭୂତ କରିଛି। ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଜ୍ଞାନରେ ଆମେରିକୀୟ ବିଶ୍ୱବିଦ୍ୟାଳୟମାନଙ୍କ ଶ୍ରେଷ୍ଠତା। ଏହି ଶ୍ରେଷ୍ଠତା ପାଇଁ ଅନ୍ୟ ଦେଶରୁ ଯାଇ ଆମେରିକାରେ ଗବେଷଣା କରୁଥିବା ବୈଜ୍ଞାନିକମାନଙ୍କ ଅବଦାନ କିଛି କମ ନୁହେଁ। ଲୌହ ପରଦା ଭିତରେ ବିଜ୍ଞାନ ସମ୍ଭବ ନୁହେଁ। ପୁନଶ୍ଚ ଅତିମାତ୍ରାର ଧାର୍ମିକ ହୋଇ ଅନ୍ଧଭାବନାକୁ ପ୍ରଶ୍ରୟ ଦେବା ବିଜ୍ଞାନକୁ ଗତିରୋଧ କରେ। ଟେକ୍ନୋଲୋଜି ବିଜ୍ଞାନରୁ ଆସିଛି। ତେଣୁ ମୌଳିକ ଗବେଷଣା ପ୍ରୟୋଗାତ୍ମକ ଉପଲବ୍ଧିର ଚାପରେ ହଜି ଯିବା ଉଚିତ ନୁହେଁ। କେବଳ ଢେଣ୍ଡୁରା ପିଟିଲେ କେହି ବିଶ୍ୱଗୁରୁ ହୋଇପାରିବେ ନାହିଁ। ପୁରାତନ ଜ୍ଞାନକୁ ଅତିମାତ୍ରାରେ ଖୋଦନ କରି ଆମେ ଶ୍ରେଷ୍ଠତା ଦେଖାଇ ପାରିବା ନାହିଁ। ନୂତନ ଜ୍ଞାନର ଆହ୍ୱାନର ସମ୍ମୁଖୀନ ହୋଇ ଆମେ ବିଜ୍ଞାନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସଫଳତା ହାସଲ କରିପାରିବା।

(ପ୍ରାକ୍ତନ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ଆମ ବୃକ୍ଷଲତା ଆମ ଜୀବନ

## ଅଗରା

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ମେକ୍ସିକୋ ଓ ଉଷ୍ଣମଣ୍ଡଳୀୟ ଆମେରିକାର କେତେକ ଅଞ୍ଚଳର ଅଗରା ଏକ ମୂଳ ଉଦ୍ଭିଦ। ଏହା ବର୍ତ୍ତମାନ ବିଶ୍ୱର ଅନେକ ସ୍ଥାନରେ ବ୍ୟାପକ ଭାବରେ ପ୍ରାକୃତିକୀକରଣ ହୋଇଛି। ଏହି ଉଦ୍ଭିଦ ପ୍ରାରମ୍ଭରେ ଏକ ଆଳଙ୍କାରିକ ଓ ଔଷଧି ଉଦ୍ଭିଦ ଭାବରେ ପ୍ରଚଳିତ ହୋଇଥିଲା। ଭାରତରେ ରଙ୍ଗର ପର୍ବ ହୋଲିକା ଦହନ ସମୟରେ, ଅଗରା ଫୁଲ ପୂଜା ପାଇଁ ଅର୍ପଣ କରାଯାଏ। ଅଗରା ବିଭିନ୍ନ ପ୍ରାକୃତିକ ଆବାସସ୍ଥାନରେ ଅନୁକୂଳିତ ହୁଏ ଏବଂ ଚାଷ ଯୋଗ୍ୟ ଜମି, ଚରା ଭୂମି ଓ ଅପଚୟ ସ୍ଥାନ, ରାସ୍ତା କଡ଼, ରେଳପଥ ଓ ବାଡ଼ ଧାଡିରେ ଏକ ଅନାବନା ତୃଣ ବା କ୍ଷୁପ ଭାବରେ ଦେଖାଯାଏ। ଏହି କଣ୍ଟାଯୁକ୍ତ ତୃଣ ସମୁଦ୍ର ସ୍ତରରୁ ୩, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ବଢ଼ିଥାଏ।

ସର୍ବାଧିକ ୧୫୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ତୃଣର କାଣ୍ଡ ସିଧା, ଶାଖାଯୁକ୍ତ, ଫିକା ନୀଳ-ସବୁଜ ବର୍ଣ୍ଣ। ପତ୍ରଗୁଡ଼ିକ ଡେମ୍ଫ ବିହୀନ, ୧୫ ସେମି ପର୍ଯ୍ୟନ୍ତ ଲମ୍ବା, କଣ୍ଟାଯୁକ୍ତ ଧାର ସହିତ ଗଭୀର ଭାବରେ ବିଭାଜିତ ହୋଇଥାଏ। ଫୁଲଗୁଡ଼ିକ ଉଭୟ ଲିଙ୍ଗୀ, ପୀତ କିମ୍ବା ଧଳା ବର୍ଣ୍ଣ, ୬ ପାଖୁଡ଼ାବିଶିଷ୍ଟ। ଫଳ କଣ୍ଟାଯୁକ୍ତ, ଅଣ୍ଡାକାର ଓ ଅନେକ ବୀଜ ଧାରଣ କରେ। ବିହନ ମୁକ୍ତ କରିବା ପାଇଁ ଅଗ୍ରଭାଗରେ ଖୋଲା ରହେ। ବିହନଗୁଡ଼ିକ ମାଟିଆ-କଳା, ପ୍ରାୟ ଗୋଲାକାର, ତେଲିଆ।

ଭାରତରେ ପାରମ୍ପରିକ ଭାବରେ ଜଣ୍ଡିସ୍ ଚିକିତ୍ସା ପାଇଁ ଅଗରା ବ୍ୟବହାର କରାଯାଏ। ଏହି ଉଦ୍ଭିଦର ବୈଜ୍ଞାନିକ ନାମ ଆର୍ଜେମୋନ୍ ମେକ୍ସିକାନା। 'ଆର୍ଜେମୋନ୍' ଶବ୍ଦଟି ଗ୍ରୀକ୍ ଶବ୍ଦ 'ଆର୍ଜେନା' ରୁ ଆସିଛି, ଯାହାର ଅର୍ଥ 'ଚକ୍ଷୁର ମୋତିଆବିନ୍ଦୁ'; ମେକ୍ସିକାନା ଶବ୍ଦଟି ମେକ୍ସିକୋରୁ ଏହାର ଉତ୍ପତ୍ତିକୁ ସୂଚିତ କରେ। ବିହନରୁ ବାହାରିଥିବା ତରଳ ରସ ଏବଂ ତେଲକୁ ଔଷଧୀୟ ଗୁଣ ବିଶିଷ୍ଟ ବୋଲି କୁହାଯାଏ। ପ୍ରସବ ପରେ ବୃକକ୍ ଯନ୍ତ୍ରଣା ଦୂର କରିବା ପାଇଁ ଏଥିରୁ ଏକ ପାନୀୟ ପ୍ରସ୍ତୁତ କରାଯାଏ। ପରିସ୍ରା କରିବାରେ ଅସୁବିଧା ହେଉଥିବା ପିଲାମାନଙ୍କୁ ପତ୍ରର ରସ ସହିତ ପାନୀୟ ଦିଆଯାଏ। ଏଥିସହିତ ଆଜ୍ମା, ମ୍ୟାଲେରିଆ, ପେଟଯନ୍ତ୍ରଣା, ଦାନ୍ତବିନ୍ଧା, କୋଷ୍ଠକାଠିନ୍ୟ, ବାତ ଆଦି ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ।

ଏହି କ୍ଷୁପଟି ଷ୍ଟାଫିଲୋକୋକସ୍ ଅରିଅସ୍, ଏସ. ଆଗାଲେକ୍ଟିଆଏଇ ଓ ଏସଚେରିଚିଆ କୋଲି ବିରୁଦ୍ଧରେ ଆଣ୍ଟିବାୟୋଟିକ୍ ଭାବରେ କାର୍ଯ୍ୟ କରେ। ଅଗରାରେ ପ୍ରୋଟୋପିନ୍, ସାଙ୍ଗୁଇନାରିନ୍, ଡାଇହାଇଡ୍ରୋସାଙ୍ଗୁଇନାରିନ୍, ଆଇସୋକ୍ୱିନୋଲାଇନ୍ ଯଥା ଡିହାଇଡ୍ରୋକୋରିଡାଲମାଇନ୍, ଜାଟ୍ରୋରାଇଜିନ୍, କଲମ୍ବାମାଇନ୍ ଓ ଅକ୍ସିବରବେରିନ୍, ଇତ୍ୟାଦି ଆଲକାଲଏଡ୍ ଥାଏ। ଏହି ଗଛରେ ଆର୍ଜେମେକ୍ସିକାଏନ୍ସ ଇ ଓ ଈ, ଆର୍ଜେମୋନିନ୍ (ଘ ମେଥ୍ ପାଭାଇନ୍), ଆର୍ଜେପାଭାଇନ୍, ଙ ଉଏ ୩ ଆର୍ଜେପାଭାଇନ୍, ଆର୍ଜେମେକ୍ସିରିନ୍, ଆର୍ଜେନାକ୍ସିନ୍, ଆର୍ଜେମେକ୍ସିକାଏନ୍ସ ଇ ଓ ଈ (ପ୍ରୋଟୋପିନ୍ ପ୍ରକାର), କୋପ୍ଟିସାଇନ୍, କ୍ରିପ୍ଟୋପିନ୍, ଆଲୋକ୍ରିପ୍ଟୋପିନ୍ ଓ ଚେଲେରିଥ୍ରାଇନ୍ ଭଳି ଅନେକ ଆଲକାଲଏଡ୍ ମଧ୍ୟ ମିଳିଛି।

ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ। ଏହାକୁ ଖାଇବା ଦ୍ୱାରା କୁଣ୍ଡାଇ, ନିମୋନିଆ ମାୟୋକାର୍ଡାଇଟିସ୍, କଞ୍ଜେଷ୍ଟିଭ୍ ହୃଦ୍ ବିଫଳତା, ଆସାଇଟ୍ସ, ସାର୍କଏଡ୍ ପରି ଚର୍ମ ପରିବର୍ତ୍ତନ, ଆଲୋପେସିଆ, ହେପାଟୋମେଗାଲି ହୋଇପାରେ। ଅଗରା ବିହନ ଦେଖିବାକୁ ସୋରିଷ ବିହନ ଭଳି। ଫଳସ୍ୱରୂପ, ଅଗରା ବିହନକୁ ସୋରିଷରେ ମିଶାଇ ଅପମିଶ୍ରଣ କରାଯାଏ, ଯାହା ଏହାକୁ ବିଷାକ୍ତ କରିଦିଏ। ଭାରତରେ ଅଗରା ତେଲକୁ ସୂର୍ଯ୍ୟମୁଖୀ ତେଲ ଏବଂ ତିଳ ତେଲ ସହିତ ମିଶ୍ରିତ କରାଯାଏ। ବିଶେଷକରି ଭାରତରେ ଅଗରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଏବଂ ଏହାର କଣ୍ଟାଯୁକ୍ତତା ଯୋଗୁଁ ଜୀବିକା ନିର୍ବାହ କରୁଥିବା ଚାଷୀଙ୍କ ପାଇଁ ଏକ ସମସ୍ୟା। ଏସିଆ, ଆଫ୍ରିକା, କାରିବିଆନ ଏବଂ ଆମେରିକା ଏବଂ ଓସେନିଆର ଅନେକ ଦେଶରେ ଏହାକୁ ଆକ୍ରମଣାତ୍ମକ କ୍ଷୁପ ଭାବରେ ଉଲ୍ଲେଖ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ, ଅଗରାକୁ ଜାତୀୟ ପରିବେଶ ପରିଚାଳନା: ଜୈବ ବିବିଧତା ଆଇନରେ ଆକ୍ରମଣକାରୀ ଭାବରେ ବର୍ଗୀକୃତ କରାଯାଇଛି। ଅପରପକ୍ଷରେ ପଶ୍ଚିମ ଆଫ୍ରିକାରେ ଏହା ଏକ ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ। ଏହାକୁ ଏହାର ବିହନ ତେଲ ପାଇଁ ଚାଷ କରାଯାଏ, ଯାହା ସାବୁନ ଉତ୍ପାଦନ ଏବଂ ଇନ୍ଧନ ପାଇଁ ବ୍ୟବହୃତ ହୁଏ।କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବାପାଟଣା ଲକ୍ଷ୍ମୀପୂଜା ଭସାଣିରେ ଉତ୍ତେଜନା

# ଫାଟିଲା ପୁଲିସ କର୍ମଚାରୀଙ୍କ ମୁଣ୍ଡ

ଜଗତସିଂହପୁର, ୧୨।୧୦(ସମିସ): କଟକରେ ଭସାଣି ଉତ୍ସବ ସମୟରେ ଘଟିଥିବା ଅଘଟଣ ମନରୁ ନ ଲିଭୁଣୁ ଜଗତସିଂହପୁର ସଦରବ୍ଲକ ଅନ୍ତର୍ଗତ ନବାପାଟଣା ଗ୍ରାମରେ ଲକ୍ଷ୍ମୀପୂଜା ଭସାଣି ସମୟରେ ଘଟିଛି ଗଣ୍ଡଗୋଳ । ଘଟଣାସ୍ଥଳରେ ସାଧାରଣ ଲୋକଙ୍କ ଆକ୍ରମଣରେ ଜଣେ ପୁଲିସ କର୍ମଚାରୀଙ୍କ

**୩ ପ୍ଲାଟୁନ୍ ସଶସ୍ତ୍ର ପୁଲିସ ମୁତୟନ**



ମୁଣ୍ଡ ଫାଟିଛି ଓ ନକୁଲୁହାଣ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି ଓ ୩ ପ୍ଲାଟୁନ୍ ସଶସ୍ତ୍ର ପୁଲିସ ମୁତୟନ କରାଯାଇଛି । ସୂଚନା ଅନୁସାରେ ରବିବାର ରାତିରେ ନବାପାଟଣା ଗ୍ରାମରେ ଭସାଣି ଶୋଭାଯାତ୍ରା ବାହାରିବା ସମୟରେ କିଛି ବ୍ୟକ୍ତି ନୃତ୍ୟ କରୁଥିଲେ । ଏହି ସମୟରେ ଜଣେ ପୁଲିସ ଯବାନ ଶୃଙ୍ଖଳା ରକ୍ଷା କରିବା ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଏକ ଲାଠିରେ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପୁଲିସ ତାଙ୍କୁ ତୁରନ୍ତ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟକୁ ଚିକିତ୍ସା ପାଇଁ ପଠାଇଥିଲା । ତାଙ୍କ ମୁଣ୍ଡରେ ୫ଟି ଷ୍ଟିଚ୍ ପଡ଼ିଛି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଏହି ଘଟଣା ପରେ ଅନ୍ୟ ଲୋକମାନେ ସମ୍ପୃକ୍ତ ଯୁବକଙ୍କୁ ନିର୍ଘାତ ମାଡ଼ ମାରିଥିଲେ ଓ ପୁଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିବା ସୂଚନା ମିଳିଛି ।

## ସରଣ୍ଡାରେ ପୁଣି ମାଓ ହିଂସା

ରାଉରକେଲା,୧୨।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ପଶ୍ଚିମସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି । ଗତକାଲି ମାଓବାଦୀମାନେ ପୁଣିଥରେ ଭୟଙ୍କର ଆଇଇଡି ବିସ୍ଫୋରଣ କରି ଏକ ମୋବାଇଲ ଟାୱାର ଉଡ଼ାଇ ଦେଇଛନ୍ତି । ଦୁଇ ଦିନ ତଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ କମ୍ପିତ ୬୦ ବାଟାଲିୟନ୍ ସିଆରପିଏଫ୍ର ଜଣେ ହେଡ୍ କନେଷ୍ଟବଳ ସହିଦ ହେବା ସହ ଦୁଇଜଣ ସିଆରପିଏଫ୍ ଅଧିକାରୀ ଗୁରୁତର ଭାବେ ଆହତ ହୋଇଥିଲେ । ସେମାନେ ନୂଆଦିଲ୍ଲୀର ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଘଟଣାବେଳେ ପୁଣି ଲାଲବାହିନୀର ବର୍ବରତା ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି । ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଝାଡ଼ଖଣ୍ଡର ଝରାଇକେଲା ଥାନା ଅଞ୍ଚଳ ସରଣ୍ଡା ଜଙ୍ଗଲର କୋଲବୋଙ୍ଗା ଗାଁରେ ପହଞ୍ଚିଥିଲେ । ପରେ ସେଠାରେ ଥିବା ଏୟାରଟେଲ ମୋବାଇଲ ଟାୱାର ନିକଟରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ କରିଥିଲେ । ଫଳରେ ମୋବାଇଲ ଟାୱାରଟି ସମ୍ପୂର୍ଣ୍ଣ ଧରାଶାୟୀ ହେବା ସହ ଧ୍ୱଂସ ହୋଇ ଯାଇଥିଲା ।

## ବିସ୍ଫୋରଣରେ ଆହତ ହାତୀର ମୃତ୍ୟୁ

ରାଉରକେଲା,୧୨।୧୦(ସମିସ): ସରଣ୍ଡା ଜଙ୍ଗଲରେ ୪ ଦିନ ତଳେ ଆଇଇଡି ବିସ୍ଫୋରଣରେ ଏକ ମାଈହାତୀ ଗୁରୁତର ହୋଇଥିଲା । ହାତୀର ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ମନୋହରପୁର ବନ ବିଭାଗ ଓ ପ୍ରାଣୀଧନ ଚିକିତ୍ସକ ହାତୀର ଚିକିତ୍ସା ଜାରି ରଖିଥିଲେ । ବନ କର୍ମଚାରୀ ହାତୀ ଉପରେ ନଜର ରଖିଥିଲେ । ମାତ୍ର ଶନିବାର ବିଳମ୍ବିତ ରାତିରେ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ

# ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୦(ସମିସ): ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ । ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ, ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍ରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ, ଯିଏ ଅନ୍ଧବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାର ଆହ୍ୱାନର ସାମ୍ନା କରିବାକୁ ସାହସ କରିଥିଲେ । ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା । ସ୍ୱାମୀ ଦୟାନନ୍ଦଙ୍କ ଦିଗ୍ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା



ପୁନଃ ବିବାହ ପ୍ରଥା ସମର୍ଥନରେ ସଚେତନତା ସୃଷ୍ଟି କରି ସମାଜକୁ ଆର୍ଯ୍ୟ ସମାଜ ଏକ ନୂଆ ବାର୍ତ୍ତା ଦେଇଥିଲା । ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ଓ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣୀ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ସପ୍ତାହକ ପରେ ବିଜେପି ପକ୍ଷରୁ ଶୋକସଭା

# ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ବ୍ରହ୍ମପୁର, ୧୨।୧୦ (ସମିସ): ବିଳମ୍ବରେ ହେଲେ ପଛେ, ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କ ଦେହାନ୍ତରେ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହିଲପାଟଣାସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଆୟୋଜିତ ହୋଇଥିଲା । ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀଙ୍କ ସହ ବହୁ ଆଇନଜୀବୀ ସାମିଲ ହୋଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରି ସ୍ମୃତିଚାରଣ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା । ତେବେ ଏହି ସଭାରେ ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି ।

ସ୍ମୃତିସଭାରେ ଓକିଲାତି ପେସାରେ ପୀତବାସଙ୍କ ଗୁରୁତୁଲ୍ୟ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ ଚକ୍ରାନ୍ତକାରୀଙ୍କୁ ଅଭିଶାପ ଦେଇଥିଲେ । ଯେଉଁମାନେ ସିଧାସଳଖ ହତ୍ୟାକାଣ୍ଡରେ ଜଡ଼ିତ, ସେମାନେ କେବଳ ମୋହରା । ତେଣୁ, ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି ।

ସେପଟେ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତିଙ୍କ ଅପରିପକ୍ୱ ବକ୍ତବ୍ୟ ଉପସ୍ଥିତ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଥିଲା । କାହ୍ନୁ କହିଥିଲେ ଯେ ପୀତବାସଙ୍କୁ ହତ୍ୟା ପାଇଁ ସୁଚିନ୍ତିତ ଯୋଜନା କରାଯାଇଥିଲା । ଗତ ୨୬ ତାରିଖରୁ ପୀତବାସଙ୍କୁ



ପିଛା କରାଯାଇ ଶେଷରେ ୬ ତାରିଖ ରାତିରେ ହତ୍ୟା କରାଯାଇଥିଲା । କେବଳ ସେତିକି ନୁହେଁ, ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପଡ଼ୋଶୀ ଆନ୍ଧ୍ରରୁ ଆସିଥିଲା । ଏଥିରେ ପୂର୍ବରୁ ଏକ ହତ୍ୟାକାଣ୍ଡରୁ ଖସି ଯାଇଥିବା ଅଭିଯୁକ୍ତଙ୍କ ସମ୍ପୃକ୍ତି ଅଛି । ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୀତବାସଙ୍କ ନିକଟରେ ଥିବାରୁ ସେଗୁଡ଼ିକୁ ହାସଲ କରିବାକୁ ଏହି ହତ୍ୟାକାଣ୍ଡ କରାଯାଇଥିବା ବେଳେ ହତ୍ୟାକାରୀମାନେ ପୀତବାସଙ୍କଠାରୁ ଉକ୍ତ ତଥ୍ୟ ଛଡ଼ାଇ ନେଇଥିବା କାହ୍ନୁ ଶୋକସଭାରେ ଓ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟାରେ କହିଛନ୍ତି । ଗୋଟିଏପଟେ, ଏକ ସମ୍ବେଦନଶୀଳ ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବା ବେଳେ କାହ୍ନୁଙ୍କ ଭଳି ବରିଷ୍ଠ ରାଜନେତାଙ୍କ ଏଭଳି ମନ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଖୋଦ୍ ବିଜେପିର କେତେକ ନେତା ।

ପୀତବାସଙ୍କ ସ୍ମୃତିରେ ଦଳ ପକ୍ଷରୁ ଶୋକସଭାର ଆୟୋଜନରେ ବିଳମ୍ବ ହୋଇଥିଲେ ହେଁ ରବିବାର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି ଜିଲ୍ଲା ସଭାପତି ସରୋଜ ସାବତ । ଅନ୍ୟମାନଙ୍କ ମଧ୍ୟରେ ଟି. ଗୋପୀ, ସୁନୀଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପରେଶ ଚନ୍ଦ୍ର ରଥ, ରାମକୁମାର ପାତ୍ର, ପଦ୍ମଚରଣ ସାହୁ, ଏସ୍. ରାଣୀ, ବାଳକୃଷ୍ଣ ସାମନ୍ତରାୟ, ଅଶୋକ କୁମାର ଶୁକ୍ଳା, ବନମାଳୀ ସେଠୀ, ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ଚିନ୍ମୟାନନ୍ଦ ମହନ୍ତ, କର୍ପୋରେଟର୍ବ ନିତା ସାହୁ, ବିଷ୍ଣୁ ସୁବୁଦ୍ଧି, କୁଞ୍ଜବିହାରୀ ପଣ୍ଡାଙ୍କ ସମେତ ବହୁ ନେତା କର୍ମୀ ଉପସ୍ଥିତ ଥିଲେ ।

## ଏସୟୁଜେର ରାଜ୍ୟସ୍ତରୀୟ ବୈଠକ

# ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ତ୍ୱରିତ ପଦକ୍ଷେପ ନିଅନ୍ତୁ

ଭୁବନେଶ୍ୱର,୧୨।୧୦(ସମିସ): ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନରେ ଅହେତୁକ ବିଳମ୍ବ କରୁଛନ୍ତି । ସମାନ ଭାବେ କାର୍ଯ୍ୟରତ ସାମ୍ବାଦିକ ଏବଂ ଅଣସାମ୍ବାଦିକ କୁହାଯାଉଥିବା ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ସମସ୍ତ



କର୍ମଚାରୀଙ୍କୁ ରାଜ୍ୟ ସରକାର ସାମ୍ବାଦିକ କଲ୍ୟାଣ ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ କରିବା ସହ ଯଥାଶୀଘ୍ର ଭତ୍ତା, ପେନସନ୍, ମୃତ୍ୟୁକାଳୀନ ସହାୟତା ରାଶି ୨୫ଲକ୍ଷ ଟଙ୍କା, ରାଜଧାନୀରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଅନ୍ତର୍ଭୁକ୍ତ ସମସ୍ତ ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତିପ୍ରାପ୍ତର ମର୍ଯ୍ୟାଦା ପ୍ରଦାନ ଇତ୍ୟାଦି ସୁବିଧା ସୁଯୋଗ ଯୋଗାଇଦେବାକୁ ରବିବାର ଷ୍ଟେଟ୍ ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଏସୟୁଜେ)ର ୩୦ଟି ଜିଲ୍ଲାର ସମସ୍ତ ସଭାପତି ଓ ସାଧାରଣ ସମ୍ପାଦକଙ୍କ ରାଜ୍ୟସ୍ତରୀୟ ବୈଠକରେ ଦାବି କରାଯାଇଛି ।

ଭୁବନେଶ୍ୱରସ୍ଥିତ ରେଡକ୍ରସଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରି କହିଲେ ଯେ ରାଷ୍ଟ୍ର ପ୍ରତି ସାମ୍ବାଦିକମାନଙ୍କ ଅବଦାନ ଅତୁଳନୀୟ । ସମସ୍ତଙ୍କୁ ସେବା ଯୋଗାଇ ଦେଉଥିବା ସାମ୍ବାଦିକ ନିଜେ କିନ୍ତୁ ଅବହେଳିତ । ଏମାନଙ୍କ ପାଇଁ ଏସୟୁଜେ ଓଡ଼ିଶା ସରକାରଙ୍କ ନିକଟରେ ଦାବି କରିବା ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ବୋଲି ଶ୍ରୀ ବାହିନୀପତି କହିଥିଲେ ।

ସଂଘର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ସାମ୍ବାଦିକ ୟୁନିୟନର ସାଂଗଠନିକ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ବରିଷ୍ଠ ଉପସଭାପତି ବାସୁଦେବ ତ୍ରିପାଠୀ, ରାଧାଶ୍ୟାମ ପ୍ରଧାନ, ମହେନ୍ଦ୍ର ଦର୍ଜୀ, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧ୍ୟକ୍ଷ ଟୁନା ଜେନା ଏବଂ ସମସ୍ତ ଜିଲ୍ଲାର ସଭାପତି, ସାଧାରଣ ସମ୍ପାଦକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କଟକ ଜିଲ୍ଲା ଶାଖା ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଶିଶିର

**ଯୋଗଦେଲେ ୩୦ ଜିଲ୍ଲା ସଭାପତି, ସମ୍ପାଦକ**

କୁମାର ଦାଶ, ବରିଷ୍ଠ ସଭ୍ୟ ନଚିକେତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**
I, **Saheba Tripathy**, S/O- Late Umashankar Tripathy, resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2277, Dated:- 09/10/2025 that now onwards I shall be known as **SAHEB TRIPATHY** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଙ୍ଗଲରୁ ଧରାହେଲେ...

କିଛି ଶୁଣୁ ନ ଥିବା ଅଭିଯୋଗ ଆଣିଛନ୍ତି ରାଜ୍ୟ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି । ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ମହିଳା କମିସନ ତାଙ୍କ ଫୋନ୍ କଲ୍ କିମ୍ବା ଇ-ମେଲ୍ର କୌଣସି ଉତ୍ତର ଦେଉନାହାନ୍ତି । ଶ୍ରୀମତୀ ମହାନ୍ତି ରବିବାର ପୀଡିତାଙ୍କ ବାପାଙ୍କ ସହିତ କଥା ହେବା ସହ ରାଜ୍ୟ ପୁଲିସ ଡିଜିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପଶ୍ଚିମବଙ୍ଗ ସରକାରଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା । ରାଜ୍ୟ ମହିଳା କମିସନ୍ର ଏକ ସ୍ୱତନ୍ତ୍ର ଟିମ୍ ଦୁର୍ଗାପୁର ଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ।।ଯେ ଗତ ୧୦ ତାରିଖ ରାତି ସାଢ଼େ ୮ ସମୟରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ପୁରୁଷବନ୍ଧୁ ତାଙ୍କୁ କଲେଜ ଫାଟକ ନିକଟରେ ଥିବା ଷ୍ଟଲ୍ରୁ ଗୁପ୍‌ଚୁପ୍ ଖାଇବାକୁ ଡାକିଥିଲେ । ଏହାପରେ, ପୁରୁଷବନ୍ଧୁ ଜଣକ ତାଙ୍କୁ ଆଗକୁ ଆଉ କିଛି ବାଟ ଯିବା ପାଇଁ କହିଥିଲେ । ଉଭୟ କଲେଜକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ୩ଶହ ମିଟର ଚାଲିଚାଲି ଯାଉଥିବା ସମୟରେ କିଛି ଯୁବକ ସେମାନଙ୍କ ପିଛା କରୁଥିଲେ । ହଠାତ୍ ପୁରୁଷବନ୍ଧୁ ଜଣକ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ । ଏହି ସମୟରେ ପିଛା କରୁଥିବା ଯୁବକମାନେ ଛାତ୍ରୀଙ୍କୁ ଘଞ୍ଚ ଜଙ୍ଗଲ ଭିତରକୁ ଟେକିନେଇ ଦୁଷ୍କର୍ମ କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପୀଡ଼ିତାଙ୍କୁ ମେଡିକାଲ କଲେଜ ଆଇସିୟୁରେ ଭର୍ତ୍ତି କରାଯାଇଛି ।

ଦୁର୍ଗାପୁର ପୁଲିସ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ସେହି ଅଞ୍ଚଳର ଭିଡିଓଗ୍ରାଫି କରିଛି । ପୁଲିସ ମେଡିକାଲ କଲେଜର କର୍ମଚାରୀ ଏବଂ ପୀଡ଼ିତାଙ୍କ ପୁରୁଷବନ୍ଧୁ ସମେତ ଅନ୍ୟ ବ୍ୟକ୍ତିଙ୍କୁ ପଚରାଉଚରା କରିଛି । ପୀଡ଼ିତା ସାମାନ୍ୟ ସୁସ୍ଥ ଅନୁଭବ କଲାପରେ ବୟାନ ରେକର୍ଡ କରାଯିବ ବୋଲି ପଶ୍ଚିମବଙ୍ଗ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ପଶ୍ଚିମବଙ୍ଗ ସରକାର ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏକ ୯ ଜଣିଆ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ଗଠନ କରିଛନ୍ତି ।

### ମମତାଙ୍କ ମନ୍ତବ୍ୟ...

ମେଡିକାଲ କଲେଜରେ ଏହି ଘଟଣା ଘଟିଛି, ତାହା ଜଙ୍ଗଲ ଅଞ୍ଚଳ ହୋଇଥିବାରୁ କା।।ଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଯତ୍ନବାନ ହେବା ଉଚିତ । ତେବେ ଏହି ଜଘନ୍ୟ କାଣ୍ଡକୁ ଉଦବେଗଜନକ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାରୁ ନଜର ହଟାଇବାକୁ ଯାଇ ମମତା ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଛନ୍ତି । ପଡ଼ୋଶୀ ରାଜ୍ୟରେ ସମୁଦ୍ରକୂଳରେ ଯୁବତୀମାନଙ୍କୁ ଦୁଷ୍କର୍ମ କରାଯାଉଛି ଏବଂ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ ପଶ୍ନ କରିଛନ୍ତି । ଓଡ଼ିଶା ସମେତ ମଣିପୁର, ବିହାର ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଏଭଳି ଜଘନ୍ୟ କାଣ୍ଡ ଘଟୁଛି ଏବଂ ସମସ୍ତ ରାଜ୍ୟ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି ।

ତେବେ ମମତାଙ୍କ ଏଭଳି ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀ ପଦରେ ଥାଇ ଏଭଳି ମନ୍ତବ୍ୟ ଦେବା ତାଙ୍କୁ ଶୋଭାପାଉନି । ନାରୀ ସୁରକ୍ଷାରେ ବିଫଳତା ପାଇଁ ଦୋଷ ସ୍ୱୀକାର କରିବା ବଦଳରେ ଅନ୍ୟ ଉପରେ ଦୋଷ ଲଦିବା ଅତି ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି । ବିଜେପି ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଉପରେ ଦୋଷ ଲଦିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ । ଏହା ନାରୀ ଜାତି ପ୍ରତି ଅପମାନ । ମମତାଙ୍କ କଥାରୁ ଜଣାପଡୁଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ଏବଂ ସେ ଅସହାୟ ହୋଇପଡ଼ିଛନ୍ତି । ତେଣୁ ସେ ତାଙ୍କ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେପି ଦାବି କରିଛି । ସିପିଏମ୍ ନେତାମାନେ ମଧ୍ୟ ମମତାଙ୍କୁ ତାଙ୍କର ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତୀବ୍ର ସମାଲୋଚନା କରିଛନ୍ତି ।

### ଏନ୍‌ଡିଏ ଆସନ...

ତେବେ ବିଜେପି ୭୪ଟି ଆସନରେ ବିଜୟୀ ହୋଇଥିବା ବେଳେ ଜେଡିୟୁ ମାତ୍ର ୪୩ଟି ଆସନ ଜିତିଥିଲା । ସେହିପରି ଏଲ୍‌ଜେପି ୧୩୫ଟି ସିଟ୍‌ରେ ଲଢ଼ିଥିଲା ଓ ମାତ୍ର ଗୋଟିଏ ସିଟ୍‌ରେ ବିଜୟୀ ହୋଇଥିଲା ।

ଜିତେନ ରାମ ମାଞ୍ଜିଙ୍କ ହିନ୍ଦୁସ୍ଥାନ ଅୱାମ ମୋର୍ଚ୍ଚା (ଏଚ୍‌ଏଏମ୍)କୁ ୬ ଓ ଉପେନ୍ଦ୍ର କୁଶୱାହଙ୍କ ପାର୍ଟି ଆରଏଲ୍‌ଏମକୁ ୬ଟି ଆସନରେ ଲଢ଼ିବାକୁ ସୁଯୋଗ ଦିଆଯାଇଛି । ୪୦ଟି ଦାବି କରୁଥିବା ମାଞ୍ଜିଙ୍କୁ ଶେଷରେ ୬ଟି ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି । ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଏଥର ବିହାର ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ହେବ । ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟ ୧୨୧ଟିରେ ନଭେମ୍ବର ୧୧ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୧୨ଟି ଆସନରେ ମତଦାନ ହେବ । ୧୪ ତାରିଖରେ ଭୋଟ ଗଣିତ ଓ ଫଳାଫଳ ଘୋଷଣା ହେବ ।

### ନିରପେକ୍ଷତାକୁ ନେଇ...

ମୁକ୍ତ ହୋଇ ନ ହୋଇଥିବା ଯୋଗୁଁ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି । ତେଣୁ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପିଡବ୍ଲୁଡି ଭୋଟର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିବା ପାଇଁ ସେ କ୍ଷମତାର ଅପବ୍ୟବହାର କରିବାର ଆଶଙ୍କା ଥିବା ଅଭିଯୋଗ ହୋଇଛି । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଣେ ଆଇଏଏସ୍ ଅଧିକାରୀ ସିଇଓ ଏବଂ ଅନ୍ୟ ଏକ ସରକାରୀ ପଦବୀରେ ଦ୍ୱୈତ ଦାୟିତ୍ୱରେ ରହିଥିଲେ, ତାଙ୍କୁ ନିର୍ବାଚନ ସମୟରେ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରାଯିବ । ମାର୍ଗଦର୍ଶିକାରେ କୁହାଯାଇଛି ଯେ, ଦ୍ୱୈତ ପଦବୀ ଧାରଣ ଦ୍ୱାରା କଲ୍ୟାଣକାରୀ ଯୋଜନା ଓ ଆଇନଶୃଙ୍ଖଳା ଇତ୍ୟାଦି ବିଷୟ ପ୍ରଭାବିତ ହୋଇପାରେ । ତେଣୁ ଅଧିକାରୀଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ ରଖିବାକୁ ନିର୍ଦ୍ଦେଶନାମା ରହିଛି । ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ୬ଟି ରାଜ୍ୟରେ ଗୃହ ସଚିବମାନଙ୍କୁ ହଟାଇବା ଏବଂ ଓଡ଼ିଶାର ସିଇଓଙ୍କୁ ଅନ୍ୟ ସରକାରୀ ପଦବୀରୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ । କିନ୍ତୁ ଓଡ଼ିଶା ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଏଥର ସେଭଳି କୌଣସି ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇ ନାହିଁ ।

ଯଦି ଜଣେ ସିଇଓ ରାଜ୍ୟ ସରକାରଙ୍କ ସହିତ ଅନ୍ୟ କୌଣସି ବିଭାଗ ଦାୟିତ୍ୱରେ ରହିଥାନ୍ତି, ତେବେ ନିର୍ବାଚନ ଆୟୋଗ ସେହି ଅଧିକାରୀଙ୍କୁ ନିର୍ବାଚନ ଅବଧି ପାଇଁ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପୂର୍ବରୁ ରାଜ୍ୟ ସରକାରମାନେ ନିଜ ଆଡୁ ସେମାନଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ କରିଥାନ୍ତି । ହେଲେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିନାହାନ୍ତି । ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ୧,୭୮୬ ଜଣ ବରିଷ୍ଠ ଭୋଟର ଏବଂ ୩,୯୮୮ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି । ଅନ୍ୟପଟେ ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ଏକ ଜଟିଳ ଏବଂ ସମୟସାପେକ୍ଷ ହୋଇଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱ ବହନ କରୁଛି । ଏ ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସିଇଓ କାର୍ଯ୍ୟାଳୟର ଅନ୍ୟ ଅଧିକାରୀଙ୍କୁ ଅନ୍ୟ ବିଭାଗର କାର୍ଯ୍ୟଚାପରୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

### ବିଜେପିରେ 'ପୋଷା ପୁଅ'...

କରିପାରିନାହାନ୍ତି, ତାହା ତାଙ୍କ ବୟାନରୁ ସ୍ପଷ୍ଟ ବାରି ହୋଇ ପଡୁଛି । ସେହିପରି କେଇଦିନ ପୂର୍ବରୁ ଅତିମାତ୍ରାରେ ସକ୍ରିୟ ଥିବା ବସନ୍ତଙ୍କ ପୁଅ ତଥା ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡା ମଧ୍ୟ ଏକପ୍ରକାର ନିରବ । ଅପରପକ୍ଷେ ଜିଲ୍ଲାସ୍ତରୀୟ ନେତା ପ୍ରସନ୍ନ ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀ ପରି ଆଶାୟୀଙ୍କୁ ଦଳ ଏଯାବତ୍ ବିଶ୍ୱାସକୁ ନେଇ ପାରିନାହିଁ । ଜୟଙ୍କୁ ଦଳରେ ସାମିଲ କରାଯିବା ପୂର୍ବରୁ ସେମାନଙ୍କ ସହ ଥରୁଟିଏ ମଧ୍ୟ ଆଲୋଚନା କରାଯାଇ ନ ଥିବା ସେମାନଙ୍କ ସମର୍ଥକ ଅଭିମାନ କରୁଛନ୍ତି । ଏପରି ନେତାଙ୍କ ହାତରେ ନୂଆପଡ଼ାରେ କିଛି ଭୋଟ ଥିବା ସମୟରେ ସେମାନଙ୍କୁ ଉପେକ୍ଷା କରାଯିବା ବିଜେପି ପାଇଁ ଆମ୍ଘାତୀ ହୋଇଥିବା ମଧ୍ୟ କୁହାଯାଉଛି । କିଛିଦିନ ପୂର୍ବରୁ ଉପନିର୍ବାଚନକୁ ନେଇ ଉତ୍ସାହିତ ନୂଆପଡ଼ା ବିଜେପି ଏବେ ରହସ୍ୟମୟ ଭାବରେ ନିରବ । ଏହା ଝଡ଼ ପୂର୍ବର ନିରବତା ହୋଇପାରିଥାଏ ବୋଲି ଆଶଙ୍କା କରୁଛନ୍ତି ରାଜନୈତିକ ସମୀକ୍ଷକ । ଏହି ସମୟରେ ଦଳରେ ଜୟ ଢୋଲକିଆଙ୍କ ଯୋଗଦାନ ପରେ ଅନେକ କର୍ମୀ ଦଳରୁ ବାହାରି ଯିବାକୁ ଖୋଲା ଧମକ ଦେଇଛନ୍ତି । ଜୟ ବିଧିବଦ୍ଧ ଭାବେ ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଏମାନଙ୍କ ପଦକ୍ଷେପ କଣ ରହିବ, ତାହାକୁ ନେଇ ସାଧାରଣରେ କଳ୍ପନା ଜଳ୍ପନା ଲାଗି ରହିଛି । ବିଶେଷକରି ବସନ୍ତ ଏବଂ ତାଙ୍କ ପୁଅ ଜୟଙ୍କୁ ଖୋଲାମନରେ ସମର୍ଥନ କରିବେ ତ ବୋଲି ଏବେ ଦଳୀୟ କର୍ମୀମାନେ ମଧ୍ୟ ପ୍ରଶ୍ନ କଲେଣି । ଯଦି ଉଭୟେ ସକ୍ରିୟତାର ସହ ପ୍ରଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ଦୂରେଇ ରୁହନ୍ତି, ତାହେଲେ ଏହା ବିଜେପି ପାଇଁ ନିଶ୍ଚୟ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି ।

### ଆଜି ଉତ୍ତର ଓଡ଼ିଶାରୁ...

ଡିଗ୍ରୀ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୧୮-୧୯ ଡିଗ୍ରୀ ମଧ୍ୟରେ ରହୁଛି । ଧୀରେ ଧୀରେ ଏହା ହ୍ରାସ ପାଇବ । ସମ୍ଭବତଃ ମାସ ଶେଷ ବେଳକୁ ରାଜ୍ୟରେ କଅଁଳ ଶୀତ ଅନୁଭବ ହେବ । କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ । ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି । ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି । ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ । ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜିର ରହିଛି ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ।

### ଜାଲରେ ପଡ଼ିଲେ...

ତିଆରି କରିବାରେ ବ୍ୟବହୃତ ହେଉଥିବାରୁ ଏହା ବିଦେଶକୁ ମଧ୍ୟ ରପ୍ତାନି କରାଯାଏ । ଏହାର କିଲୋ ପ୍ରତି ମୂଲ୍ୟ ୫୦,୦୦୦/ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଏ । ଇଂରାଜୀରେ ଏହାକୁ ଗୋଲଡ୍ ଫିସ୍ କୁହାଯାଉଥିବା ବେଳେ ଏହାର ବୈଜ୍ଞାନିକ ନାମ (ପ୍ରୋଟୋନିବେଆ ଡିଆକାନଥୁସ ।

ଏହି ପ୍ରଜାତିର ମାଛ ଇଣ୍ଡୋ-ପ୍ୟାସିଫିକ ସମୁଦ୍ରରେ ମିଳେ । ଓଡ଼ିଶାର ପାରାଦୀପ, ମହାରାଷ୍ଟ୍ର ଓ ଗୁଜରାଟ ସମୁଦ୍ର କୂଳରୁ ବେଳେବେଳେ ଧରାଯାଇଥାଏ । ଏହାର ମାଂସରେ ଓମେଗା-୩, ଆଇଓଡିନ୍, ଆଇରନ୍ ଆଦି ପୋଷକ ତତ୍ତ୍ୱ ରହିଛି । କିନ୍ତୁ ଏହାର ସ୍ୱିମ୍ ବ୍ଲାଡର (ପେଟରେ ଥିବା ପୋଷ୍ଟା) ସବୁଠାରୁ ମୂଲ୍ୟବାନ । ଚୀନ୍, ଜାପାନ୍ ଆଦିରେ ଔଷଧ ଓ ସୁପ୍‌ରେ ଏହାକୁ ବ୍ୟବହାର କରାଯାଏ ।

**AFFIDAVIT**
I, **Jaya Praksh Tripathy**, S/O- Saheb Tripathy, resident of Plot No. 1429 / 2238, 2239, Jagannath Nagar, Road No- 4, Jharpada, Near Curry Carnival, Rasulgarh, Bhubaneswar, Dist:- Khorda, State:- Odisha, PIN Code- 751025, Declare by this Affidavit No- 2276, Dated:- 09/10/2025 that now onwards I shall be known as **JAYA PRAKASH TRIPATHY** for all future purposes.

**AFFIDAVIT**
By virtue of an affidavit before the Executive Magistrate, Nilgiri vide No 975, 25/09/2025, I Anita Nayak, W/o- Himanshu Sekhar Nayak, At- K.Panposi, PO- Rugudi, Dist- Mayurbhanja, Odisha That I have changed my name from Anita to Anita Nayak. Henceforth I shall be known as **Anita Nayak** for all purpose.

**AFFIDAVIT**
I, **Jyotshnamayee Tripathy**, D/O- Dhrubaraj Mishra, resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2278, Dated:- 09/10/2025 that now onwards I shall be known as **JYOTSNAMAYEE MISHRA** for all future purposes.

**AFFIDAVIT**
By virtue of an affidavit sworn before Notary Public, Cuttack, dated 10.10.2025, I, KAHAKASA BANOO, Address: Vill- Matanagar, P.O.-Mirzapur, P.S.- Salipur, Dist.- Cuttack, PIN-754221, declare that I have changed my name from KYAKANSHA BANO to KAHAKASA BANOO. Henceforth, I shall be known as KAHAKASA BANOO for all purposes.
**SD/-KAHAKASA BANOO**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit Sl. No. 1694, dt.10.10.2025 in the court of the Executive Magistrate, Dhenkanal, I, Mamata Manjari Rout, have changed my name from Mamata Manjari Jena to Mamata Manjari Rout. Henceforth I shall be known as **Mamata Manjari Rout** for all purpose.
**Sd/- Mamata Manjari Rout**

**LOST**
I Dr. Ramakanta Nayak, S/o- Kanduri Charan Nayak, At/Po- Badapari, Ps-Tangi, Dist- Khordha states that on Dt- 09/10/25 morning I was coming from Banpur college Road to Medical I lost my bag containing my Original ROR of Khata no-1015 of mouza Kandhanayagarh & RSD no.- 1580, Dated-25/7/1983 documents are lost. If anyone finds it kindly contact to my no-9438310934 or Banpur police station.if anyone will misutilize it, we will not be responsible for it.

**AFFIDAVIT**
By virtue of an affidavit sworn before Executive Magistrate, Puri, dated 23/05/2025, I Susanta Routaray, At- Gaindol, Po- Chhaitana, Ps- Puri sadar, Dist- puri, Pin- 752002 declare that, I have changed the name of my Daughter from Lovely Routaray to SHREEYA SALIN ROUTARAY. Henceforth, she shall be known as SHREEYA SALIN ROUTARAY for all purposes.
**Sd/- Susanta Routaray**





## ଭୁବନେଶ୍ୱର ଜିଲ୍ଲା ଅଭିଯାନରେ ସାମିଲ ହେଲେ ସାହିତ୍ୟକ, ଲେଖକ, କବି

ଭୁବନେଶ୍ୱର,୧୨।୧୦(ସମିସ): ଭୁବନେଶ୍ୱର ସ୍ୱତନ୍ତ୍ର ଜିଲ୍ଲା ଅଭିଯାନରେ ରବିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ସାହିତ୍ୟକ, ଲେଖକ, କବି ପ୍ରମୁଖଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଭୁବନେଶ୍ୱର ଜିଲ୍ଲା ଅଭିଯାନ ମୁଖ୍ୟ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଏଥିରେ ଅଭିଯାନର ମୁଖ୍ୟ ଉପଦେଷ୍ଟା ତଥା ଖୋର୍ଦ୍ଧାର ପ୍ରଥମ ଜିଲ୍ଲାପାଳ ତଥା କେଦାରନାଥ ଗବେଷଣା ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ର ଯୋଗଦେଇ କହିଥିଲେ ଭୁବନେଶ୍ୱରକୁ ଜିଲ୍ଲା କରିବାରେ ସବୁ ସୁବିଧା ରହିଛି। ଲୋକ ସଂଖ୍ୟା ଓ ରାଜଧାନୀ ଦୃଷ୍ଟିରୁ ଏହା ଶିଘ୍ର ହେବା ଆବଶ୍ୟକ। ଏଥିରେ କବି ତନୟା ଦାସ ଗୋସ୍ୱାମୀ, ସାହିତ୍ୟକ ଡ. ଦେବାଶିଷ ମହାପାତ୍ର, ପ୍ରଫେସର ଶରତ ରଥ, ଡ. ବିବେକାନନ୍ଦ ପାଣିଗ୍ରାହୀ, ନିର୍ମଳ କୁମାର ମହାପାତ୍ର, ମନ୍ମଥ ଶତପଥି, ହାଇକୋର୍ଟ ଆଇନଜୀବୀ ସରୋଜ କୁମାର ସାହୁ, ଡ. ଅରୁଣ କୁମାର ନାୟକ ସମେତ ବହୁ ବରିଷ୍ଠ କବି, ଲେଖକ ଓ ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ। ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲ୍ଲା ହେବା ଯଥାର୍ଥ ବୋଲି ସେମାନେ ମତ ଦେଇଛନ୍ତି।




## ଭୁବନେଶ୍ୱରରେ ଜାତୀୟ ଆଦିବାସୀ ମହୋତ୍ସବ

**ପ୍ରଦର୍ଶିତ ହେଉଛି ୧୧ ରାଜ୍ୟ, ୧୭ ଜିଲ୍ଲାର ଜନଜାତି ସାମଗ୍ରୀ**

**ଜନଜାତି ନୃତ୍ୟ ଓ ସଙ୍ଗୀତରେ ଦୁଲୁକୁଛି ମଞ୍ଚ**

ଭୁବନେଶ୍ୱର,୧୨।୧୦(ସମିସ): ସା' ପରିଚୟ ଫାଉଣ୍ଡେସନ୍ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡିଆ ଠାରେ ଆରମ୍ଭ ହୋଇଛି ୧୨ତମ ଜାତୀୟ ଆଦିବାସୀ ମହୋତ୍ସବ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଶନିବାର ଏହି ମହୋତ୍ସବର ଶୁଭ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଉକ୍ତ ମହୋତ୍ସବରେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିଭିନ୍ନପ୍ରକାର ଉତ୍ପାଦ ୧୩୦ଟି ଷ୍ଟଲରେ ପ୍ରଦର୍ଶିତ ହେଉଛି। ୧୧ଟି ରାଜ୍ୟ ଏବଂ ଓଡ଼ିଶାର ୧୭ଟି ଜିଲାର ଉତ୍ପାଦକ ଗୋଷ୍ଠୀ ଏଠାରେ ଯୋଗ ଦେଇଛନ୍ତି। ଆଦିବାସୀ ସମ୍ପ୍ରଦାୟର ନିଚ୍ଛକ ଛବି ଏଠାରେ ଦେଖିବାକୁ ମିଳୁଛି। ଆଦିବାସୀ ପରମ୍ପରା ଆଧାରିତ ସାମଗ୍ରୀ, ହସ୍ତଶିଳ୍ପ, ହସ୍ତତନ୍ତ, ଜୈବିକ ଓ ବନଜାତ ଉତ୍ପାଦ ଆଦିର ସମ୍ଭାର ରହିଛି। ରାଜ୍ୟ ଏମଏସଏମଇ ବିଭାଗ, କେନ୍ଦ୍ର ବୟନ ମନ୍ତ୍ରାଳୟ, ଟେରିଫେଡ, ରାଜ୍ୟ ସଂସ୍କୃତି ବିଭାଗ ତଥା କଟକ ଡିଏଫ୍‌ଓଙ୍କ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ କଳାକାରଙ୍କ ଦ୍ୱାରା ଜନଜାତୀୟ କଳା, ସଂସ୍କୃତି, ପରମ୍ପରାର ଅପୂର୍ବ ନିଦର୍ଶନ ଦେଖିବାକୁ ମିଳୁଛି। ସଂଧ୍ୟାରେ ଜନଜାତିଙ୍କ ପାରମ୍ପାରିକ ଲୋକନୃତ୍ୟ ପରିବେଷଣ କରାଯାଉଛି। ମହୋତ୍ସବ ସ୍ଥଳରେ ଏକ ଆଦିବାସୀ ଗ୍ରାମର ଜୀବନ୍ତ ଚତ୍ର ଦର୍ଶକଙ୍କୁ ଆକୃଷ୍ଟ କରୁଛି। ବିଭିନ୍ନ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳ ସଦସ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସ' ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ଶୁଭାଶିଷ ଦାସ କହିଛନ୍ତି।




## ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଚେଷ୍ଟା ଗାର୍ଲ୍ସ ଫେଷ୍ଟ



ଭୁବନେଶ୍ୱର,୧୨।୧୦(ସମିସ): ଭିୟୁଜ ଏବଂ ଚେଷ୍ଟା ଗାର୍ଲ୍ସର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ବାଳିକା ଦିବସ ଆୟୋଜିତ ହୋଇଛି। ରାଜଧାନୀର ବସ୍ତି ତଥା ଅନୁନ୍ନତ ଅଞ୍ଚଳରେ ରହୁଥିବା କିଶୋରୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ କଥାକୁ ସଭିଙ୍କ ପାଖରେ ପହଞ୍ଚାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବସ୍ତି ଅଞ୍ଚଳର ଝିଅମାନଙ୍କ ଦ୍ୱାରା ଏକ ସୁନ୍ଦର ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭ୍ୟୁଜ ଅନୁଷ୍ଠାନର ପ୍ରୋଗ୍ରାମ ନିର୍ଦ୍ଦେଶକକ ସୁନୀଲ କୁମାର ଘଡ଼େଇ ଏହି ଅବସରରେ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ଝିଅମାନଙ୍କ ପାଇଁ ଏକ ସୁରକ୍ଷିତ, ସମାବେଶୀ ପରିବେଶ ସୃଷ୍ଟି କରିବା ପ୍ରତି ଯତ୍ନବାନ ହେବା ଏବଂ ସେମାନଙ୍କ ସ୍ୱର ଯେପରି ସବୁଠି ପହଞ୍ଚି ପାରିବ ସେଥିପ୍ରତି ଧ୍ୟାନ ଦେବା ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଧିବେଶନ ଆୟୋଜିତ ହୋଇଥିବାବେଳେ ବସ୍ତି ଅଞ୍ଚଳର ଝିଅମାନେ ଦୈନନ୍ଦିନ ଜୀବନରେ ବିଭିନ୍ନ ସାମାଜିକ ସମସ୍ୟା ଉପରେ ଆଲୋକପାତ କରାଥିଲେ। ପରେ ପୁରସ୍କାର ବିତରଣ ଏବଂ ଧନ୍ୟବାଦ ଅର୍ପଣ ସହ ସମସ୍ତ କାର୍ଯ୍ୟକ୍ରମ ଓ ଅଧିବେଶନ ଶେଷ ହୋଇଥିଲା।

## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ

ଭୁବନେଶ୍ୱର,୧୨।୧୦(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଶତାବ୍ଦୀ ବର୍ଷ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ସଂଘର ଭୁବନେଶ୍ୱର ମହାନଗର ତରଫରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ ରବିବାର ଅନୁଷ୍ଠିତ ହୋଇଛି। ଏହି ପଥ ସଞ୍ଚଳନ ଏକା ସଙ୍ଗରେ ୪ଟି ସ୍ଥାନ, ସହିଦ ନଗର ଦୁର୍ଗା ମଣ୍ଡପ, ଖାରବେଳ ନଗର, ୟୁନିଟ-୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ-୩, ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରିଥିଲା। ଘୋଷବାଦ୍ୟର ତାଳେତାଳେ ପାଦକୁ ପାଦ ମିଶାଇ ସ୍ୱୟଂସେବକମାନେ ବୀର ଦର୍ପରେ ଆଗେଇ ଚାଲିଥିଲେ। ଲୋୟର ପିଏମଜି ଛକରେ ଶୋଭାଯାତ୍ରା ସମାପ୍ତ ହୋଇଥିଲା। ଏବେ ସଂଘ କାର୍ଯ୍ୟର ଶତବାର୍ଷିକୀ ବର୍ଷ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ମହାନଗର ସଂଘଚାଳକ ଶ୍ରୀନିବାସ ମାନସିଂହ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାନଗର କର୍ଯ୍ୟବାହ କ୍ଷିରୋଦ ବିହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର କ୍ଷେତ୍ରୀୟ ଓ ପ୍ରାନ୍ତୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।



## ବୋଧଖଣ୍ଡିରେ ଗଜଲକ୍ଷ୍ମୀ ପୂଜା

ବାଲିଅନ୍ତା, ୧୨।୧୦(ସମିସ): ବାଲିଅନ୍ତା ବ୍ଲକ ପୁରଣପଧାନ ପଞ୍ଚାୟତ ଅଧୀନ ବୋଧଖଣ୍ଡି ଗ୍ରାମରେ ବାର୍ଷିକ ଗଜଲକ୍ଷ୍ମୀ ପୂଜାର୍ଚ୍ଚନା ଚାଲିଛି। ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହା ୭୫ ବର୍ଷ ଧରି ପାଳିତ ହୋଇ ଆସୁଛି। ଏନେଇ ପ୍ରତ୍ୟହ ସକାଳେ ଆଳତି, ବାଳ ଭୋଗ ଲାଗି କରାଯାଉଛି। ମଧ୍ୟାହ୍ନରେ ଖିରି, ଖେଚୁଡ଼ି, ଡାଲମା ଭୋଗ ଲାଗି କରାଯାଉଛି। ସନ୍ଧ୍ୟାରେ ଆଳତି ଚୂଡ଼ାଘଷା, ଏବଂ ଶଙ୍ଖୁଡ଼ି ଭୋଗ ଲାଗି କରାଯାଉଛି। ଏହି ଅବସରରେ ମା' ଙ୍କ ପୀଠରେ ବାଦି ପାଲା ପରିବେଷଣ ଚାଲିଛି। ବିଶ୍ୱନାଥ ସ୍ୱାଇଁ ଏବଂ ବିଜୟ କୁମାର ଓଝାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।



## ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବରିଷ୍ଠ ନାଗରିକ ଦିବସ



ଭୁବନେଶ୍ୱର,୧୨।୧୦(ସମିସ): ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ସମିତିର ୟୁନିଟ୍-୧ କାର୍ଯ୍ୟାଳୟରେ ଅନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ସ୍ୱର୍ଗତ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ମହାନ୍ତି ଓ ରବିନ୍ଦ୍ର କୁମାର ବଳଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଚଳିତ ମାସରେ ସଭ୍ୟମାନଙ୍କର ବିବାହ ଓ ଜନ୍ମ ବାର୍ଷିକ ପାଳନ ଅବସରରେ ମୁଖ୍ୟ ଅତିଥି ଡ. ଯୁଗଳ କିଶୋର ସାହୁ, ସାଧାରଣ ସଂପାଦକ, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସଭ୍ୟ ଆଦିକନ୍ଦ ବିଶ୍ୱାଳ ତାଙ୍କ ସ୍ୱରଚିତ କବିତା 'ମୁକ୍ତ ଆକାଶର ବିହଙ୍ଗ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରିଥିଲେ। ମୁଖ୍ୟ ଅତିଥି ଡ. ଯୁଗଳ କିଶୋର ସାହୁ, ସମିତିର ସାଧାରଣ ସମ୍ପାଦକ ବିଜୟ କୃଷ୍ଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଉପସଭାପତି ଦେବେନ୍ଦ୍ରନାଥ ଶତପଥୀ ଅନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପରେ ଆଲୋଚନା କରିଥିଲେ।

## ଗୋଆ ପର୍ପଲ ଫେଷ୍ଟିଭାଲରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ୍ ପ୍ରଶଂସିତ

ଭୁବନେଶ୍ୱର, ୧୨।୧୦ (ସମିସ): ଗୋଆ ସରକାରଙ୍କ ସହଯୋଗରେ ଦିବ୍ୟାଙ୍ଗ ପ୍ରସଙ୍ଗ ଉପରେ ଇଣ୍ଟରନ୍ୟାସନାଲ ପର୍ପଲ - 'ୱି କେୟାର ଫିଲ୍ମ ଫେଷ୍ଟିଭାଲ'ରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲର ସେନ୍ ଗ୍ଲୋବ୍‌ର କାର୍ଯ୍ୟ ବେଶ ପ୍ରଶଂସିତ ହୋଇଛି। କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ନ୍ୟୁରୋଡାଇଭର୍ଜେଣ୍ଟ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ଏବଂ ଅନ୍ତର୍ଭୁକ୍ତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ଅଭିଯାନ ଉପରେ ଆଲୋକପାତ କରାଯାଇଥିଲା। ଏହା ସହିତ ଚଳଚ୍ଚିତ୍ର 'ସିତାରେ ଜମିନ୍ ପର'ର କଳାକାରଙ୍କ ମାଆମାନଙ୍କ ସଂଘର୍ଷର କାହାଣୀ ଦର୍ଶକଙ୍କ ହୃଦୟକୁ ଗଭୀର ଭାବରେ ଛୁଇଁଥିଲା। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସେନ୍ ଗ୍ଲୋବ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁ କାର୍ଯ୍ୟ କରିଆସୁଛି, ତାହା ଅନ୍ତର୍ଭୁକ୍ତି ଦାନର କାର୍ଯ୍ୟ ନୁହେଁ ବରଂ ଏକ ମିଳିତ ଦାୟିତ୍ୱ। ଏହି ଅବସରରେ ବିବିଧତା ଏବଂ ଅନ୍ତର୍ଭୁକ୍ତିକୁ ପାଳନ କରିଥିବାରୁ ମହୋତ୍ସବର ପ୍ରତିବଦ୍ଧତାର ଅଂଶ ଭାବରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ 'ସିତାରେ ଜମିନ୍ ପର୍' ନ୍ୟୁରୋଡାଇଭର୍ଜେଣ୍ଟ ଷ୍ଟାର କାଷ୍ଟଙ୍କୁ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ଭାରତରେ ଜାତିସଂଘର ଆବାସିକ ସଂଯୋଜକ ଡ ଶୋମ୍ବି ଶାର୍ପ, ଭାରତ ଏବଂ ଭୁଟାନ ପାଇଁ ଜାତିସଂଘ ସୂଚନା କେନ୍ଦ୍ରର ନିର୍ଦ୍ଦେଶକ ଡାରିନ୍ ଫାରାଣ୍ଟ ଏବଂ ଗୋଆ ସରକାରଙ୍କ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତୀକରଣ ମନ୍ତ୍ରୀ ସୁଭାଷ ଫାଲ ଦେସାଇଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରତିକୂଳ ପରିସ୍ଥିତିରେ ଅସ୍ମିତାକୁ ବଜାୟ ରଖିଲେ ସଫଳତା ନିଶ୍ଚିତ

ଭୁବନେଶ୍ୱର, ୧୨।୧୦ (ସମିସ): ସାଧାରଣ ମଣିଷ ଅଭାବ ଅସୁବିଧାରେ ପଡ଼ିଲେ ନିଜର ଅସ୍ମିତାକୁ ଭୁଲି ଅସତ୍ ପଥରେ ଚାଲିବାକୁ ବାଧ ହୁଏ। ହେଲେ ମହତ ଲୋକ ନିଜ ଅସ୍ମିତାକୁ ଅଭାବ ଓ ପ୍ରତିକୂଳ ପରିସ୍ଥିତିରେ ଆହୁରି ଦୃଢ଼ କରନ୍ତି। ଜଣେ ସ୍ୱାଭିମାନୀ ଇଞ୍ଜିନିୟର ଜୀବନ ସାରା ପ୍ରତିକୂଳ ପରିସ୍ଥିତିରେ ନିଜ ଅସ୍ମିତାକୁ ବଜାୟ ରଖି କିପରି ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି ଏହା ଦେଖିବାକୁ ମିଳିଛି ନାଟକ 'ଅସ୍ମିତା'ରେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାର ନାଟକ ରାଉରକେଲା ସଂପର୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା 'ଅସ୍ମିତା'ନାଟକ ରବିବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଭାସ୍କର ଚନ୍ଦ୍ର ମହାପାତ୍ର ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ସଭାରେ ଓଡ଼ିଶା ନାଟ୍ୟ ସଂଘର ସଭାପତି ମନୋଜ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଶୁଭକାନ୍ତ ପାତ୍ରୀ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରଦୀପ କୁମାର ମିଶ୍ର, ନାଟ୍ୟ ସଙ୍ଘର ଉପଦେଷ୍ଟା ଲଲାଟେନ୍ଦୁ ରଥ, ସୁଧାଂଶୁ ମୋହନ ଦ୍ୱିବେଦୀ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଟ୍ୟକାର ପଞ୍ଚାନନ ଦାଶ, ନାଟ୍ୟ ସଂଘର ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ପୂଜାପଣ୍ଡା, ଉପ ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ, ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ ମହାରଣା ଏବଂ ବରିଷ୍ଠ ମଞ୍ଚ ଅଭିନେତା ଉପେନ୍ଦ୍ର ପତି ଅତିଥି ଭାବରେ ଯୋଗ ଦେଇଥିଲେ। ନାଟକର ନାଟ୍ୟକାର ତଥା ନିର୍ଦ୍ଦେଶକ ଭାସ୍କର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ସୁଶିଲ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସମ୍ପୂର୍ଣ୍ଣକ୍ରାନ୍ତି ହିଁ ଭାରତକୁ ସ୍ୱାଧୀନ ଓ ସମୃଦ୍ଧ ରଖିପାରିବ

ଭୁବନେଶ୍ୱର, ୧୨।୧୦ (ସମିସ): ପଚାଶ ବର୍ଷ ତଳେ ଗଣତନ୍ତ୍ର ଓ ସମ୍ବିଧାନ ଉପରେ ପ୍ରହାର ପରିପ୍ରେକ୍ଷୀରେ ଲୋକନାୟକ ଜୟ ପ୍ରକାଶ ନାରାୟଣ ସମ୍ପୂର୍ଣ୍ଣକ୍ରାନ୍ତିର ଡାକରା ଦେଇଥିଲେ। ତାହା ଆଜି ବି ପ୍ରାସଙ୍ଗିକ। ପୂର୍ବରୁ ତାଙ୍କ ରାଜନୈତିକ ଅନୁଜ ଓ ଭାରତଛାଡ଼ ଆନ୍ଦୋଳନର ସହ ଯୋଦ୍ଧା ରାମମନୋହର ଲୋହିଆ ସମ୍ପୂର୍ଣ୍ଣକ୍ରାନ୍ତି କରି ସ୍ୱାଧୀନ ଭାରତକୁ ଶୋଷଣ ମୁକ୍ତ ଦୁନିଆର ଉଦାହରଣ କରିବାକୁ ଆହ୍ୱାନ ଦେଇଥିଲେ। ଲକ୍ଷ୍ୟ ଥିଲା ଜାତି, ଧର୍ମ, ବର୍ଗ ବର୍ଣ୍ଣ, ଲିଙ୍ଗ ଓ ଅଞ୍ଚଳ ଭେଦ ନ ଥିବା ଏକ ସମାଜ ଗଢିବା ଯାହା ଚିରଦିନ ସ୍ୱାଧୀନ ଓ ସମୃଦ୍ଧ ହୋଇ ରହିପାରିବ। ସ୍ୱାଧୀନତା ଆନ୍ଦୋଳନର ଏହି ମୂଲ୍ୟବୋଧ ସମ୍ବିଧାନରେ ପ୍ରତିଫଳିତ ହୋଇ ଥିବାରୁ ଆଜି ଦିନରେ ସମ୍ବିଧାନକୁ ସମ୍ମାନ ଦେବା ତଥା ରକ୍ଷା କରିବା ପ୍ରତି ନାଗରିକର ପରମ କର୍ତ୍ତବ୍ୟ ବୋଲି ଡ. ରାମମନୋହର ଲୋହିଆଙ୍କ ସ୍ମରଣ ସଭାରେ ସର୍ବସମ୍ମତ ମତ ପ୍ରକାଶ ପାଇଛ। ରବି ରାୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସଭାରେ ଚିତ୍ତ ରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଅଖିଳ ଭାରତ ଲୋହିଆ ସଂସ୍ଥାର ସଭାପତି ଅଭିଷେକ ରଞ୍ଜନ ସିଂହ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଶିଶିର ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ସୁକାନ୍ତ ନାୟକ ପ୍ରମୁଖ ତାଙ୍କର ବକ୍ତବ୍ୟ ରଖିଥିଲେ। ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନର ବହୁ ଛାତ୍ର ଓ ଯୁବନେତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଅଂଶ ଗ୍ରହଣ କରି ଥିଲେ। ରବିରାୟ ଏକାଡେମୀର ସମ୍ପାଦକ ଇଂ କ୍ଷୀରୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଯାଁଳା କପ୍-୨୦୨୫ରେ ଯାଁଳା ଚାମ୍ପିଅନ

ଯାଁଳା, ୧୨।୧୦ (ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଯାଁଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଫାଇନାଲରେ ଗୁରୁଜଙ୍ଗକୁ ୭୮ ରନ୍‌ରେ ହରାଇ ଯାଁଳା ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଗୁରୁଜଙ୍ଗ୍ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଯାଁଳା ଦଳ ପ୍ରଥମେ ବ୍ୟାଟିଂ କରି ୨୦୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୬୧ ରନ୍ ସଂଗ୍ରହ କରିଥିଲେ। ଜବାବ୍‌ରେ ଗୁରୁଜଙ୍ଗ ୧୨୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଯାଁଳା ଦଳର ଅଭିମନ୍ୟୁ ସ୍ୱାଇଁ ଟୁର୍ଣ୍ଣାମେଣ୍ଟର ବେଷ୍ଟ ପ୍ଲେୟର ଓ ଫାଇନାଲ୍‌ର ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଅନିଲ ମହାପାତ୍ର, ଅନିଲ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ଜଟଣୀର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଓ ସମ୍ମାନନୀୟ ଅତିଥି ରୂପେ ରବି ନାରାୟଣ ସ୍ୱାଇଁ, ପ୍ରଦୀପ୍ ପଟ୍ଟନାୟକ, ଜିତେନ୍ଦ୍ର ସେନାପତି, ଜୟଶ୍ରୀ ପଟ୍ଟନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ସୁଶୀଲ ପରିଡା, ପ୍ରଦୋଷ ବଳିୟାରସିଂ ଓ ବୁଲା ବାରିକ ଆଦି ଯୋଗଦାନ କରିଥିଲେ।



# ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ; କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୧୨।୧୦ (ସମିସ): ପାଠ ପଢ଼ାଇବାକୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ଅଧ୍ୟାପକ ନାହାନ୍ତି। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨%ରୁ ଅଧିକ ଏବଂ ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦%ରୁ ଅଧିକ ପଦ ଖାଲି ପଡ଼ିଛି। ଅପରପକ୍ଷେ, ଅନେକ ଅଧ୍ୟାପକ ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ ନିୟୋଜିତ ହୋଇଛନ୍ତି। ଥରେ ବିଭାଗକୁ ବଦଳି ହୋଇଗଲେ ଫେରିବାକୁ କୁଣ୍ଠାବୋଧ କରୁଛନ୍ତି। ଯେନତେନ ପ୍ରକାରେ ଗାଦି ମାଡ଼ି ବସିବାକୁ ରାଜନୈତିକ ଚାପ ପ୍ରୟୋଗ କରୁଛନ୍ତି। ଫଳରେ ଶିକ୍ଷାନୁଷ୍ଠାନକୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦେଶନାମାକୁ ମଧ୍ୟ ଖାତିର୍ କରୁନାହାନ୍ତି। ନିର୍ଦ୍ଦେଶନାମାକୁ ମାସାଧିକ କାଳ ବିତିଥିଲେ ମଧ୍ୟ ଶିକ୍ଷାନୁଷ୍ଠାନରେ ଯୋଗ ଦେଉନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

ରାଜଧାନୀର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଶୁଭ୍ରାଂଶୁ କୁମାର ବେହେରା ଦୀର୍ଘ ଦିନରୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ଯାଇଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ ତାଙ୍କୁ ବିଜେବି କଲେଜକୁ ପ୍ରତ୍ୟାବର୍ତ୍ତନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ମାସାଧିକ କାଳ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଅନୁରୂପ ଭାବେ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦେବା ଅଭିଯୋଗ ହେବା ପରେ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ଡ. ପାଣ୍ଡବ ପ୍ରଧାନଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ପଠାଯାଇଥିଲା। ଗତ ସେପ୍ଟେମ୍ବର ୨୩ ତାରିଖରେ ତାଙ୍କୁ ନୂଆପଡ଼ାସ୍ଥିତ ମଡେଲ୍ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ମଧ୍ୟ ପ୍ରାୟ ୨୦ଦିନ ବିତିଥିଲେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଏପରିକି, ଉଭୟଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରିଲିଭ୍ ମଧ୍ୟ କରାଯାଉନାହିଁ। ରାଜନୈତିକ ଚାପ ପ୍ରୟୋଗ କରି ଯେନତେନ ଉପାୟରେ ବିଭାଗରେ ହିଁ ରହିବାକୁ ଉଭୟେ କସରତ କରୁଥିବା ଅଭିଯୋଗ ହୋଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମାକୁ ମଧ୍ୟ ଏମାନେ ଖାତିର୍ କରୁନାହାନ୍ତି।

**■ ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶନାମାକୁ ଅବମାନନା କରୁଛନ୍ତି ଗାଦିମଡ଼ା**
**■ ରାଜନୈତିକ ଚାପ ଆଗରେ ଅଧିକାରୀ ନାଚାର**

ସେହିପରି ବିଜେବି କଲେଜରେ ମାନବଶାସ୍ତ୍ର (ଆନ୍ଥ୍ରୋପୋଲୋଜି) ବିଭାଗର ସହକାରୀ ପ୍ରାଧ୍ୟାପିକା ସମ୍ପ୍ରୀତି ପଣ୍ଡା ଉଚ୍ଚଶିକ୍ଷା ବିଭାଗରେ ଓ ଅର୍ଥନୀତି ବିଭାଗର ସହକାରୀ ପ୍ରାଧ୍ୟାପିକା ଲିପ୍‌ସା ମିଶ୍ର ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ମଧ୍ୟ ଡେପୁଟେସନ୍‌ରେ ଅଛନ୍ତି। ଅନୁରୂପ ଭାବେ ରାଜଧାନୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ହୃଷୀକେଶ ନାୟକ, କଟକ ଶୈଳବାଳା ମହିଳା ମହାବିଦ୍ୟାଳୟର ଗଣିତ ବିଭାଗର ସହକାରୀ ଅଧ୍ୟାପିକା ପ୍ରଭାତୀ ମଞ୍ଜରୀ ମହାନ୍ତି, ପୁରୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସହକାରୀ ପ୍ରଧ୍ୟାପକ ଶରତ ମାଝୀ, ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପିକା ରୂପଶ୍ରୀ ମହାପାତ୍ର ପ୍ରମୁଖ ଡେପୁଟେସନ୍‌ରେ ଯାଇ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସହ ବିଭିନ୍ନ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଅଧ୍ୟାପକ ଅଭାବରୁ ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଛି। ଅପରପକ୍ଷେ, ୟୁଜିସି ସ୍କେଲ୍‌ରେ ଦରମା ପାଉଥିବା ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକାମାନେ ବିଭାଗକୁ ଯାଇ କିରାଣି କାମ କରୁଛନ୍ତି। ଅନେକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବାରୁ କେବଳ ହାଜିରା ଦେଇ ଫେରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ସରକାରଙ୍କ ଦାୟିତ୍ୱହୀନ ଓ ଦୂରଦୃଷ୍ଟିବିହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଡେପୁଟେସନ୍‌ରେ ନେବା ବା ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତି ଚାପ ପକାଉଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକପ୍ରକାର ପ୍ରତିଯୋଗିତା ଲାଗି ରହିଛି। ଫଳରେ ବିଭାଗରେ ମଧ୍ୟ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ସେ କହିଛନ୍ତି।

**ଗୁଣି ଗାରେଡ଼ି ସନ୍ଦେହରେ ଗଛରେ ବାନ୍ଧି ମାଡ଼ ଘଟଣା**

# ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

ସୋର, ୧୨।୧୦ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲ୍ଲିଚୁଆ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ୩ଜଣଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଥିଲା। ଏଥିରେ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କର ଗତକାଲି ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଛି। ମୃତ ମହିଳାଜଣଙ୍କ ହେଲେ ସୋର ଥାନା ମହୁମୁହାଣ ପଞ୍ଚାୟତ ମଲ୍ଲିଚୁଆ ଗ୍ରାମର ଟୁନି ସିଂ (୫୨)। ଏହି ମାମଲାରେ ପୁଲିସ ଆଜି ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଆଜି ଅପରାହ୍ଣରେ ଟୁନିଙ୍କ ଶବ ଗ୍ରାମରେ ପହଞ୍ଚିବା ପରେ ପୁଲିସ ଗ୍ରାମରେ ପହଞ୍ଚି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି। ସନ୍ଧ୍ୟାରେ ସମ୍ପର୍କୀୟ ପୁଲିସ ଉପସ୍ଥିତି ରେ ଟୁନିଙ୍କ ଅନ୍ତିମ ସଂସ୍କାର କରାଯାଇଛି।

**୫ ଗିରଫ**

କିଛି ମାସ ତଳେ ଏହି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଗୁଣିଗାରେଡ଼ି କାରଣରୁ ଯୁବକଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ଗତ ସେପ୍ଟେମ୍ବର ୨୧ ତାରିଖରେ ଗ୍ରାମବାସୀ ଗ୍ରାମର ଚଇତା ସିଂ, ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂ (୫୨)ଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳକୁ ଯାଇଥିଲେ ହେଁ ଗ୍ରାମବାସୀ ପୁଲିସକୁ ମଧ୍ୟ ଅଟକ ରଖିଥିଲେ। ଦୁଇଘଣ୍ଟା କାଳ ବୁଝାସୁଝା ପରେ ପରିବେଶ ଶାନ୍ତ ପଡ଼ିବାରୁ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା।

ଚଇତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଟୁନି ସିଂ ଓ ମୁନି ସିଂ ଘରେ ରହି ଚିକିତ୍ସିତ ହେଉଥିଲେ। ୨୨ ତାରିଖରେ ଟୁନିଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାରଲୋକେ ତାଙ୍କୁ ପ୍ରଥମେ ବାଲେଶ୍ୱର



ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ବାବଦରେ ସେତେବେଳେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ଟୁନିର ମୃତ୍ୟୁ ହୋଇଥିଲା। ଏହି ଖବର ଜଣାପଡିବା ପରେ ସୋର ପୁଲିସ ଆଜି ମଧ୍ୟାହ୍ନରେ ୫ ଜଣଙ୍କୁ ଗିରଫ କରିଛି।

# ୩୦ କିଲୋ ଗଞ୍ଜେଇ ଜବତ; ଆଇନଜୀବୀ ଗିରଫ

ଧରାକୋଟ, ୧୨।୧୦(ସମିସ): କନ୍ଧମାଳରୁ ଆସ୍କା ଦେଇ ଭଦ୍ରକକୁ ଚାଲାଣ ହେଉଥିବା ବେଳେ ଅବକାରୀ ପୁଲିସ ଆଜି



ମୁଣ୍ଡମରେଇ ଛକ ନିକଟରୁ ୩୦କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲିଗୁଡ଼ା ଥାନା ସୁଦିରିଗାଁର କପିଳାସ ଦିଗାଲ ଓ ସୁନାପଙ୍ଗାର ତରୁଣ କୁମାର ଜେନା। ଅଭିଯୁକ୍ତଙ୍କ ମଧ୍ୟରୁ କପିଳାସ ଦିଗାଲ ଜଣେ ଓକିଲ। ସେ ହିଁ ଏହି ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ। ସେମାନଙ୍କଠାରୁ ଗୋଟିଏ କାର୍ ଓ ବାଇକ୍ ଜବତ ହୋଇଛି। ପ୍ରକାଶ ଥାଉକି କପିଳାସଙ୍କ ନିକଟରୁ ଜବତ ମୋବାଇଲରେ ଗଞ୍ଜେଇ ମାଫିଆଙ୍କ ଅନେକ ଯୋଗାଯୋଗ ନମ୍ବର ମିଳିଥିବାରୁ ତାଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଚଢ଼ଉରେ ଅଜିତ ନାୟକ ଏସ୍‌ଆଇ, ପ୍ରବିରା ସାମଲ, କପିଳାଶ ଭତ୍ରା, ସନ୍ତୋଷ ନାୟକ ପ୍ରମୁଖ ସାମିଲ ଥିଲେ।

# ମଧୁପଲ୍ଲୀରେ ଗୋଷ୍ଠୀ ସଂଘର୍ଷ; ୫ ଆହତ



ପୋଲସରା,୧୨।୧୦(ସମିସ): ପୋଲସରା ଥାନା ଅନ୍ତର୍ଗତ ମଧୁପଲ୍ଲୀ ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ରବିବାର ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଥିବା ବେଳେ ଉଭୟ ଗୋଷ୍ଠୀର ଆଉ କିଛି ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ଅଛନ୍ତି। ଗୁରୁତର ମଧୁପଲ୍ଲୀ ଗ୍ରାମର ପ୍ରଦୀପ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନଙ୍କୁ ବ୍ରହ୍ମପୁର ପଠାଯାଇଛି। ଆହତମାନଙ୍କ ମଧ୍ୟରେ ବାଳକୃଷ୍ଣ ପ୍ରଧାନ, କୁନି ପ୍ରଧାନ, ସୂର୍ଯ୍ୟନାରାୟଣ ପ୍ରଧାନ, ରାମକୃଷ୍ଣ ପ୍ରଧାନ ପ୍ରମୁଖ ରହିଛନ୍ତି। ପୋଲସରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏହି ଘଟଣା ୨୦୧୯ର ରାଜନୈତିକ ଶତ୍ରୁତାରୁ ଘଟିଛି ବୋଲି ସୂଚନା ମିଳିଛି। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି।

**ହାତୀ ମୃତ୍ୟୁର କାରଣ ଖୋଜୁଛି ବନ ବିଭାଗ**

# ବିଲରୁ ବାଉଁଶ କିଲା ଓ ଜିଆଇ ତାର ଜବତ




ନୀଳଗିରି,୧୨।୧୦(ସମିସ): ନୀଳଗିରି କୁଳଡ଼ିହା ଅଭୟାରଣ୍ୟର ପାଦଦେଶ ଗରଡ଼ି ପଞ୍ଚାୟତ ଆମ୍ବଝର ନିକଟ ଏକ ବିଲରୁ ଗତକାଲି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା। ତେବେ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି, ସେନେଇ ଆଜି ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ରବିବାର ସକାଳେ

**ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା**

ଜଏଣ୍ଟ ଟାସ୍କଫୋର୍ସର ଅଧିକାରିଣୀ ରେଣୁବାଳା ସାହୁ, ଆରସିସିଏଫ୍ ପ୍ରକାଶଚାନ୍ଦ ଗୁଗନାନୀ, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ୍ ତଟିନି ସେଠି, କୁଲଡିହା ରେଞ୍ଜର୍ ସୁବ୍ରତ କୁମାର ବେହେରା, ସ୍ଥାନୀୟ ଫରେଷ୍ଟର୍ ହୃଷୀକେଶ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହାତୀଟିର ମୃତ୍ୟୁ ସ୍ୱାଭାବିକ ନା ଦାନ୍ତ ତସ୍କରୀ ପାଇଁ ହତ୍ୟା କରାଯାଇଛି, ସେନେଇ ବନ ବିଭାଗ ଖୋଳତାଡ଼ କରୁଛି। ସେହିପରି ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ ଦିଗକୁ ନେଇ ମଧ୍ୟ ତଦନ୍ତ କରିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳରୁ ବନ ବିଭାଗ ପୋତାଯାଇଥିବା ଏକ ବାଉଁଶ କିଲା ଓ ବନ୍ଧା ହୋଇଥିବା ଏକ ଜିଆଇ ତାର ଜବତ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, କୁଲଡିହାରେ ଶିକାରୀଙ୍କ ଉପଦ୍ରବକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଗତ ତିନି, ଚାରି ବର୍ଷ ଭିତରେ କୁଲଡ଼ିହା ଅଭୟାରଣ୍ୟରେ କ୍ରମାଗତ ଭାବେ ଏକାଧିକ ହାତୀଙ୍କ ମୃତ୍ୟୁ ହେଲାଣି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ଯାଉଛି ହାତୀଙ୍କ ଜୀବନ। ହାତୀ ବଂଶ ଲୋପ ପାଉଥିବାରୁ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ସ୍ଥାନୀୟ ଲୋକେ ବନବିଭାଗର ଅପାରଗତାକୁ ପ୍ରଶ୍ନ କରିଛନ୍ତି।

# ଚାଷୀଙ୍କ ଅଜାଣତରେ ଋଣ କରି ଟଙ୍କା ହଡ଼ପ ଅଭିଯୋଗ

ବଲାଙ୍ଗିର, ୧୨।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀଙ୍କୁ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ୟାକ୍ସରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର୍ ଓ ପିଅନ ମିଶି ଚାଷୀଙ୍କ ଅଗୋଚରରେ ତାଙ୍କ ନାମରେ ଋଣ କରି ଟଙ୍କା ଉଠାଇ ନେଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ବୁର୍ଡା ଗାଁର ଚାଷୀ ମୁକୁନ୍ଦ ସାହୁ ରୋଗାଗ୍ରାସ୍ତ ହୋଇ ଅକ୍ଷମ ହୋଇଥିବା ବେଳେ ତାଙ୍କ ନାମରେ ଏହିଭଳି ଠକେଇ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ପଞ୍ଜୀକରଣ ନାମରେ ତାଙ୍କ ପାଖରୁ ଟିପଚିହ୍ନ ନେଇ ୬୫ ହଜାର ଟଙ୍କା ଋଣ ଉଠାଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ବଡ଼ କଥା ହେଲା, ଏତେ ବଡ଼ ଠକେଇ ବିଷୟରେ ଏହି ପ୍ୟାକ୍ସ ଦାୟିତ୍ୱରେ ଥିବା ସମ୍ପାଦକ କିଛି ଜାଣି ନଥିବା କହିଛନ୍ତି। ଏହାର ଆପୋସ ସମାଧାନ କରିବା ପାଇଁ ତାଙ୍କୁ ଚାପ ପକାଯାଉଥିବା ସେ କହିଛନ୍ତି।

# ଗଣଦୁଷ୍କର୍ମକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ସିପିଏମ୍

ଜଳେଶ୍ୱର, ୧୨।୧୦ (ସମିସ): ପଶ୍ଚିମବଙ୍ଗସ୍ଥିତ ଆର.ଜି କର ମେଡିକାଲ କଲେଜର ଡାକ୍ତର ଛାତ୍ରୀଙ୍କୁ ବଳାତ୍କାର ଓ ବୀଭତ୍ସ ହତ୍ୟାକାଣ୍ଡକୁ ଲୋକେ ଭୁଲି ନଥିବା ବେଳେ ଦୁର୍ଗାପୁରଠାରେ ଅବସ୍ଥିତ ଆଉ ଏକ ଘରୋଇ ମେଡିକାଲ କଲେଜର ଛାତ୍ରୀ ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହି ଅମାନୁଷିକ ଘଟଣାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଘୋର୍ ନିନ୍ଦା କରାଯାଇଛି। ଏହି ଘଟଣା ଯେ ସେଠାକାର ସରକାରକୁ କାଠଗଡ଼ାରେ ଛିଡ଼ା କରାଇ ଦେଇଛି, ଏଥିରେ ସନ୍ଦେହ ନାହିଁ। ଦୁଷ୍କର୍ମର ଶିକାର ହୋଇଥିବା ଡାକ୍ତର ଛାତ୍ରୀ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱର ଅଞ୍ଚଳର ଜଣାପଡ଼ିବା ପରେ ପାର୍ଟିର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବୁଝାସୁଝା କରିବା ସହ ଏଭଳି ବିପଦ ବେଳେ ଦଳ ପରିବାର ପାଖରେ ଛିଡ଼ା ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛି।

**ଜୁଆ ଆଡ୍ଡାରେ ଚଢ଼ଉ**

# ୫ ମହିଳାଙ୍କ ସମେତ ୧୧ ଗିରଫ

ଛତ୍ରପୁର,୧୨।୧୦(ସମିସ): ଶନିବାର ବିଳମ୍ବିତ ରାତ୍ରରେ ଛତ୍ରପୁର ପୁଲିସ ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୨ଲକ୍ଷ ୨ ହଜାର ୫୭୦ ଟଙ୍କା ଜବତ କରିବା ସହ ଗୋଟିଏ ମାମଲା ରୁଜୁ କରି ୫ଜଣ ମହିଳା ଓ ୬ଜଣ ପୁରୁଷଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ କାର୍ ଓ ୧୪ଟି ମୋବାଇଲ ଫୋନ୍ ଜବତ କରିଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ପୂର୍ବାଣି ଋତୁକୁ ଦୃଷ୍ଟିରେ ରଖି ଜୁଆ ଆଡ଼ା ଓ ବେଆଇନ ବାଣ କରବାର ଚଢ଼ଉ କରିବାକୁ ଥାନା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟମ୍ବର ୧୫ରୁ ୧୧ ଅକ୍ଟୋବର ମଧ୍ୟରେ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ୧୧୧ଟି ଜୁଆ ଆଡ୍ଡାରେ ଚଢ଼ଉ କରାଯାଇ ୨୫ ଲକ୍ଷ ୮୩ହଜାର ୩୨୦ ଟଙ୍କା ଜବତ ସହ ୬୭୦ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨୨୨ଟି ମୋବାଇଲ ଫୋନ ୩୫ ଗାଡ଼ି ଜବତ କରାଯାଇଛି। ସେହିପରି ଗଞ୍ଜାମ ପୁଲିସ ଜିଲ୍ଲାରେ ୩୮ଟି ବେଆଇନ ବାଣ କାରବାର ମାମଲା ରୁଜୁ ହେବା ସହ ୬୦ ଲକ୍ଷ ୭୮ ହଜାର ଟଙ୍କାର ବାଣ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ଜାରି ରହିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି।

**■ ଉତ୍କଳ ସାହିତ୍ୟ ସମାଜ ନିର୍ବାଚନ**

# ଗୋବିନ୍ଦ ସଭାପତି; ରାଜୀବ ସାଧାରଣ ସମ୍ପାଦକ

କଟକ,୧୨।୧୦(ସମିସ): ଉତ୍କଳ ସାହିତ୍ୟ ସମାଜର ନିର୍ବାଚନରେ ସଭାପତି ଭାବେ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ରାଜୀବ କୁମାର ଷଡ଼ଙ୍ଗୀ ବିଜୟ ହାସଲ କରିଛନ୍ତି। ସଭାପତି ଶ୍ରୀ ଚାନ୍ଦ ତାଙ୍କର ନିକଟତମ



ପ୍ରତିଦ୍ୱନ୍ଦ୍ୱୀ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ପରାସ୍ତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଶ୍ରୀ ଷଡ଼ଙ୍ଗୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସରୋଜିନୀ ମିଶ୍ରଙ୍କୁ ହରାଇଛନ୍ତି। ଉପ-ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜୀବନାନନ୍ଦ ଅଧିକାରୀଙ୍କୁ ହରାଇଥିଲେ। ସଙ୍ଗଠନ ସମ୍ପାଦକ ଭାବେ ଶଶିକାନ୍ତ ରାଉତ ବିଜୟୀ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଡଃ ରବୀନ୍ଦ୍ର କୁମାର ବିହାରୀଙ୍କୁ ପରାସ୍ତ କରିଥିଲେ। ପାଠାଗାର ସମ୍ପାଦକ ଭାବେ ବ୍ରହ୍ମାନନ୍ଦ ମହାନ୍ତି ଡ. ନିରଞ୍ଜନ ସାହୁଙ୍କୁ ହରାଇ ବିଜୟ ହାସଲ କରିଛନ୍ତି। କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ କୁମାର ଦାସ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅଭୟ କୁମାର ରାଉତଙ୍କୁ ହରାଇ ବିଜୟୀ ହୋଇଛନ୍ତି। ଏହାଛଡ଼ା କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଭାବେ ଆଦିତ୍ୟ ପ୍ରତାପ ଧଳ, ଡ. ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଅମିତାଭ ଖିଲାର, ଗାୟତ୍ରୀ ଦେବୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ରଘୁ ସାହୁ, ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ବିଜୟ ଲାଭ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍କଳ ସାହିତ୍ୟ ସମାଜର ନିର୍ବାଚନରେ ସଭାପତି ଭାବେ ୩ଜଣ, ଉପସଭାପତି ୪ଜଣ, ସାଧାରଣ ସମ୍ପାଦକ ୨ଜଣ, ସଂଗଠନ ସମ୍ପାଦକ ୪ ଜଣ, ପାଠାଗାର ସମ୍ପାଦକ ୩ଜଣ, କୋଷାଧ୍ୟକ୍ଷ ୨ଜଣ ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଭାବେ ୨୫ ଜଣ ନିର୍ବାଚନ ଲଢ଼ିଥିଲେ।

**ବିଜେପି କୋର୍ କମିଟି ବୈଠକ**

# ଆଜି ଘୋଷଣା ହୋଇପାରେ ଜୟ ଢୋଲକିଆଙ୍କ ପ୍ରାର୍ଥିତ୍ୱ

ଭୁବନେଶ୍ୱର,୧୨।୧୦(ସମିସ): ରବିବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନୂଆପଡ଼ା ଉପ ନିର୍ବାଚନ ନେଇ ବ୍ୟାପକ ବିଚାର ବିମର୍ଶ ପରେ ଦଳୀୟ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ କୋର୍ କମିଟି ଚୂଡ଼ାନ୍ତ କରିଛି। ଏହି ନାମକୁ କେନ୍ଦ୍ରୀୟ ସଂସଦୀୟ ବୋର୍ଡକୁ ପଠାଇ ଦିଆଯାଇଛି ଓ ସୋମବାର ବିଧିବଦ୍ଧ ଭାବରେ ତାଙ୍କ ନାମ ଘୋଷଣା ହୋଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋର୍ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, ସାଂସଦ ସମ୍ବିତ ପାତ୍ର, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବ ସଭାପତି ବସନ୍ତ ପଣ୍ଡା, ସମୀର ମହାନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ନୂଆପଡ଼ା ଉପ ନିର୍ବାଚନରେ ଦଳର ସ୍ଥିତି, ପ୍ରାର୍ଥୀ ଚୂଡ଼ାନ୍ତ, ନିର୍ବାଚନ



ପରିଚାଳନା ଏବଂ ରଣନୀତି ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇ ଜୟ ଢୋଲକିଆଙ୍କୁ ପ୍ରାର୍ଥିତ୍ୱକୁ ସମର୍ଥନ କରାଯାଇଥିଲା। ଏହି ନାମକୁ ଦିଲ୍ଲୀକୁ ପଠାଇ ଦିଆଯାଇଥିବା ବେଳେ ଆସନ୍ତାକାଲି ସୁଦ୍ଧା ଦଳୀୟ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

କୋର୍ କମିଟି ବୈଠକ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଆଜି ବୈଠକରେ ନୂଆପଡ଼ା ଉପନିର୍ବାଚନ, ପ୍ରାର୍ଥୀଙ୍କ ଠାରୁ ଆରମ୍ଭକରି ପ୍ରସ୍ତୁତି ପର୍ଯ୍ୟନ୍ତ ସବୁ ପ୍ରସଙ୍ଗରେ ଆଲୋଚନା ହୋଇଛି। ବୁଥ କମିଟି ନବୀକରଣ, ନୂଆ ବୁଥ ଗଠନ ପାଇଁ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ନିର୍ବାଚନରେ ବିଜେପି ନିଶ୍ଚିତ ଭାବେ ଜିତିବ। ସେହିପରି ପିସିସି ସଭାପତି ଭକ୍ତ ଦାସଙ୍କ ଭଳି ଯେଉଁମାନେ ଜିତାପଟ ନେଇ ଆକଳନ କରୁଛନ୍ତି ସେମାନେ ବୋଧହୁଏ ଜ୍ୟୋତିଷ ଅଟନ୍ତି। ଏଯାବତ୍ ମ୍ୟାଚ ଆରମ୍ଭ ହୋଇ ନଥିବା ବେଳେ ସେମାନେ ଜିତି ସାରିଥିବା କଥା କହୁଛନ୍ତି। ଏଭଳି ଆସ୍ଫାଳନ କରିବା ଭୁଲ ବୋଲି ସେ କହିଛନ୍ତି।

**ଶାଶୂଘରେ ସାକାର ହେଲା ସ୍ୱାବଲମ୍ବନର ସ୍ୱପ୍ନ...**

# ଗଞ୍ଜାମର ଝିଅ ରାୟଗଡ଼ାରେ ଯୋଗାଇଲେ ରୋଜଗାର

ବ୍ରହ୍ମପୁର,୧୨।୧୦(ସମିସ)

ପ୍ରତ୍ୟେକ ନାରୀ ସ୍ୱପ୍ନ ଦେଖନ୍ତି। ତାକୁ ସାକାର କରିବାକୁ ଉଦ୍ୟମ ବି କରନ୍ତି। ଏହି ଉଦ୍ୟମ ହିଁ ତାଙ୍କୁ ସଫଳତା ଦିଏ। ହେଲେ ଆର୍ଥିକ ଅଟନଟ ଭିତରେ ବଢ଼ିଥିବା ଝିଅର ସ୍ୱପ୍ନ ବି ସାକାର ହୁଏ। ମନରେ ଥିବା ଉଚ୍ଚାଭିଳାଷ ବାପଘରେ ନ ହେଲେ ବି ଶାଶୂଘରେ ସଫଳତା ଦେଇଥାଏ। ଏପରି ଜଣେ ମହିଳା ହେଉଛନ୍ତି ଗଞ୍ଜାମର ଝିଅ ପାପିନି ମହାରଣା। ଏବେ ସେ ରାୟଗଡ଼ାର ବୋହୂ। ନିଜ ବୁଦ୍ଧି ବଳରେ ସେ ରୋଜଗାରକ୍ଷମ ହୋଇ ଅନ୍ୟମାନଙ୍କୁ ମଧ୍ୟ ରାହା ଦେଖାଇଛନ୍ତି। ସମ୍ପ୍ରତି ସେ ନାରୀ ସମାଜ ଲାଗି ପ୍ରେରଣାର ଉତ୍ସ ସାଜିଛନ୍ତି। ଘରେ ରହି ମାସକୁ ଅଢ଼େଇଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ସହ ୩୦ ପ୍ରତିଶତ ଲାଭବାନ ହେଉଛନ୍ତି। ଗାଁ ଗହଳି ଓ ଏହାର ପାଣି ପବନରେ ବଢ଼ିଥିବା ପାପିନି ସ୍ୱାବଲମ୍ବନର ନୂଆ ରାସ୍ତା ଦେଖାଇଛନ୍ତି।

ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ବରମୁଣ୍ଡଳି ଗାଁର ଝିଅ ପାପିନି ଜଣେ ଉଚ୍ଚଶିକ୍ଷିତା। ଯୁକ୍ତ ତିନି ଅଧ୍ୟୟନ କରିଥିବା ବେଳେ ପିଲାଟି ଦିନରୁ ଅଭାବ ଓ ଅନଟନକୁ ବେଶ୍ ପାଖରୁ ଦେଖିଛନ୍ତି। ଏଥିଲାଗି ନିଜେ ସ୍ୱାବଲମ୍ବୀ ହେବାକୁ ସବୁବେଳେ ସ୍ୱପ୍ନ ଦେଖୁଥିଲେ। ଏହି ସ୍ୱପ୍ନ ବାପ ଘରେ ସାକାର



ହୋଇପାରିନଥିଲା। କାରଣ ଗାଁ ଗହଳିର ଝିଅକୁ ଦୁନିଆ ଦେଖିବାର ସ୍ୱପ୍ନ ବାରଣ ଥିଲା। ଅନେକ ପରିବାର ସେମାନଙ୍କ ଝିଅକୁ ରୋଜଗାର ଲାଗି ବାହାରକୁ ଛାଡ଼ିବାକୁ କୁଣ୍ଠାବୋଧ କରୁଥିଲେ। ଫଳରେ ବହୁ ଝିଅଙ୍କ ସ୍ୱପ୍ନ ଅଧାରେ ରହୁଥିଲା। ସମ୍ପ୍ରତି ଏହା ଦୂର ହୋଇଛି। ଅନ୍ୟପକ୍ଷରେ ଯେଉଁ ଝିଅମାନେ ଯୁବାବସ୍ଥାରେ କିଛି କରିବାର ସ୍ୱପ୍ନକୁ ବିବାହ ପରେ ମଧ୍ୟ ସାକାର କରୁଛନ୍ତି। ଏହାର ଏକ ସଦ୍ୟତମ ଉଦାହରଣ ପାପିନି।

ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ପାପିନିଙ୍କ ପରିବାରବର୍ଗ ତାଙ୍କୁ ୨୦୧୨ରେ ବାହା କରିଦିଅନ୍ତି। ହେଲେ ତାଙ୍କ ମନ ଭିତରେ ସ୍ୱାବଲମ୍ବନର ଚିତା ସବୁବେଳେ ଜଳୁଥିଲା। ସ୍ୱାମୀଙ୍କ ସହଯୋଗରେ ସେ ୨୦୧୮ରେ ଆରମ୍ଭ କରନ୍ତି ସ୍ୱାଧୀନ ଫୁଡ଼ସ। ବିଭିନ୍ନ କିସମର ମିକ୍ସର, ମିଠା ଆଦି ପ୍ରସ୍ତୁତ କରି ରାୟଗଡ଼ାର ଗ୍ରାମାଞ୍ଚଳରେ ବିକ୍ରିବଟା କରିବାରେ ସଫଳ ହୁଅନ୍ତି। ସ୍ୱାମୀଙ୍କ ପରାମର୍ଶ ନେଇ ପ୍ରଥମେ ଛୋଟଛୋଟ ଆକାରରେ ପାରମ୍ପରିକ ରୀତିରେ ସେ ମିକ୍ସର ତିଆରି କରିଥିଲେ। ସ୍ୱାଦ ଭଲ ଥିବାରୁ ଏହାକୁ ସମସ୍ତେ ପସନ୍ଦ କରିଥିଲେ। ପରେ ଦିନକୁ ୫କିଲୋ ଓ ପରେ ୧୫କିଲୋ ମିକ୍ସର ତିଆରି କଲେ। ୨୦୧୮ରେ ଭାରତୀୟ ଯୁବଶକ୍ତି ଅନୁଷ୍ଠାନର ସେ ସହଯୋଗ ଲୋଡ଼ିଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ତାଙ୍କୁ ୧ଲକ୍ଷ ୮୦ହଜାର ଟଙ୍କାର ଋଣ ପ୍ରଦାନ ସହ ବ୍ୟବସାୟରେ ଅଗ୍ରଗତି ନେଇ ତାଲିମ ପ୍ରଦାନ କରାଯାଇଥିଲା। ପରେ ସେ ଋଣ ଟଙ୍କାରେ ତିନୋଟି ମେସିନ୍ କିଣିଥିଲେ। ଏବେ ଏକା ସାଙ୍ଗରେ ଦିନକୁ ୨୫ କିଲୋ ମିକ୍ସର ସମେତ ମିଠା ପ୍ରସ୍ତୁତ କରିପାରୁଛନ୍ତି। ବର୍ତ୍ତମାନ ତାଙ୍କ ନିକଟରେ ୫ ଜଣ ମହିଳା କାମ କରୁଥିବା ବେଳେ ମାସକୁ ୪୦ଟଙ୍କାର ଲାଭ ମିଳୁଥିବା ସେ କହିଛନ୍ତି। ସବୁଠାରୁ ବଡ଼ କଥା ହେଲା ପାପିନି ମିକ୍ସର ପ୍ରସ୍ତୁତି ଆଦି ସମ୍ପର୍କରେ ୟୁଟ୍ୟୁବ୍‌ରୁ ଶିକ୍ଷା ପାଇଥିଲେ। ତତପରେ ସ୍ୱାମୀ ଅଜୟ ମହାରଣାଙ୍କ ପରାମର୍ଶ ଓ ସହଯୋଗରେ ସେ 'ସ୍ୱାଧୀନ ଫୁଡ଼ସ' ଖୋଲିବା ସହ ଏବେ ସ୍ୱାବଲମ୍ବନର ନୂଆ ରାସ୍ତା ପାଇଛନ୍ତି। ସ୍ୱାମୀ ମଧ୍ୟ ସହଯୋଗ କରୁଥିବା ସେ କହିଛନ୍ତି। ତେବେ ସ୍ୱାବଲମ୍ବନ ଲାଗି କୌଣସି ସରକାରୀ ସହଯୋଗ କିମ୍ବା ପ୍ରୋତ୍ସାହନ ନେଇନଥିବା ପାପିନି ଦକ୍ଷିଣ ଓଡ଼ିଶାର ନାରୀସମାଜ ଲାଗି ଉଦାହରଣ ନିଶ୍ଚୟ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୦ ● ପାଉଣ୍ଡ ୧୧୮.୧୨
- ୟୁରୋ ୧୦୨.୧୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୬୫୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୫୦୦.୦୦
- ନିଫ୍ଟି ୨୫,୨୮୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ବର୍ଷକରେ ରୁପା ଦର ୭୮ ହଜାର ବଢ଼ିଛି | ସପ୍ତାହକରେ ୧୯ ହଜାର ମହଙ୍ଗା

# ସୁନାଠୁ ବି ଅଧିକ ଚମକୁଛି ଚାନ୍ଦି

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି)

ଘରୋଇ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଏବଂ ରୁପା ଦର। ଦୈନିକ ଭାଙ୍ଗୁଛି ରେକର୍ଡ। ଇତିହାସ ରଚିଲାଣି ସୁନା ଓ ରୁପା ଦର। ବଜାର ଦରରେ ଲାଗୁନି ଲଗାମ୍। ବର୍ତ୍ତମାନ ପରିସ୍ଥିତି ଏମିତି ଯେ ସୁନାକୁ ବି ବଳିଗଲାଣି ରୁପାର ଚାହିଦା। ସୁନାଠୁ ବି ଅଧିକ ଚମକୁଛି ଚାନ୍ଦି। ବଜାରରେ ମାତ୍ର ସପ୍ତାହକ ମଧ୍ୟରେ ରୁପା ଦର ୧୯ ହଜାର ମହଙ୍ଗା ହୋଇଯାଇଛି। ଗୋଟିଏ ସପ୍ତାହକ ମଧ୍ୟରେ ସୁନା ୪% ଏବଂ ରୁପା ଦର ୧୩% ବଢ଼ିଛି। ସେହିପରି ବର୍ଷକର ତଥ୍ୟ ଦେଖିଲେ ସୁନା ଦରଠାରୁ ରୁପା ଦର ଡ଼େଢ଼ଗୁଣ ଅଧିକ ବଢ଼ିଯାଇଛି। କାରଣ ବର୍ଷକରେ ସୁନା ମୂଲ୍ୟ ୪୫ ହଜାର ଏବଂ ରୁପା ୭୮ ହଜାର ବଢ଼ିଯାଇଥିବା ଜଣାପଡିଛି।

ଚଳିତ ସପ୍ତାହରେ ସୁନା ଏବଂ ରୁପା ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଖାଯାଇଛି। ଇଣ୍ଡିଆନ୍ ବୁଲିଅନ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ,



ଆଜି ଘରୋଇ ବଜାରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୪୫୭୧(୪%) ବୃଦ୍ଧି ପାଇ ୧,୨୧,୫୨୫ ଟଙ୍କାରେ ପହଞ୍ଚିଛି। ଗତ ସପ୍ତାହ ଅର୍ଥାତ୍ ଚଳିତମାସ ୩ ତାରିଖରେ ସୁନା ଦର ୧,୧୬,୯୫୪ ଟଙ୍କା ରହିଥିଲା। ଏହି ସମୟରେ, ରୁପା ମୂଲ୍ୟରେ ଆହୁରି ଅଧିକ ବୃଦ୍ଧି ଦେଖାଯାଇଛି। ଅକ୍ଟୋବର ୩ ତାରିଖରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୧,୪୫,୬୧୦ ଟଙ୍କା ରହିଥିଲା, ଯାହା ଅକ୍ଟୋବର ୧୦ ସୁଦ୍ଧା ୧୮,୮୯୦ ଟଙ୍କା (୧୨.୯୦%) ବୃଦ୍ଧି ପାଇ ୧,୬୪,୫୦୦ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ଘରୋଇ ବଜାରରେ ସୁନା ମୂଲ୍ୟ ବୃଦ୍ଧିର ତିନୋଟି ପ୍ରମୁଖ କାରଣ ହେଉଛି, ପର୍ବପର୍ବାଣୀ ଚାହିଦା, ଭୂ-ରାଜନୈତିକ ଉତ୍ତେଜନା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ଦ୍ୱାରା ଅତ୍ୟଧିକ କ୍ରୟ। ଅପରପକ୍ଷେ ରୁପା

**ଯୋଗାଣ ଅଭାବ ବଢ଼ାଉଛି ଦର**

ମୂଲ୍ୟରେ ହେଉଥିବା ବୃଦ୍ଧିର ଚାରୋଟି ପ୍ରମୁଖ କାରଣ ହେଉଛି, ସୁନା ପରି, ଦୀପାବଳି ଏବଂ କରୱା ଚୌଥ ଭଳି ପର୍ବ ରୂପାର ଚାହିଦା ବୃଦ୍ଧି କରିଛି। ଟଙ୍କା ଦୁର୍ବଳ ହେବା ଯୋଗୁଁ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବା, ଇଲେକ୍ଟ୍ରୋନିକ୍ସ ଏବଂ ସୌର ପ୍ୟାନେଲ ଭଳି ଶିଳ୍ପରେ ରୁପାର ଚାହିଦା ବୃଦ୍ଧି ମଧ୍ୟ ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି, ଯାହା ଫଳରେ ରୁପା ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱବ୍ୟାପୀ ରୁପା ଯୋଗାଣରେ ଅଭାବ ମଧ୍ୟ ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। ଚଳିତବର୍ଷ ସୁନା ୧୦ଗ୍ରାମ ପିଛା ୪୫,୩୬୩ ଟଙ୍କା ଏବଂ ରୁପା କିଲୋ ପିଛା ୭୮,୪୮୩ ଟଙ୍କା ମହଙ୍ଗା ହୋଇଛି। ୨୦୨୪ ଡିସେମ୍ବର ୩୧ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ରହିଥିଲା, ଯାହା ଏବେ ୧,୨୧,୫୨୫ ଟଙ୍କା ଛୁଇଁଛି। ହେଲେ ଏହି ସମୟ ମଧ୍ୟରେ ରୁପା ମୂଲ୍ୟ କିଲୋ ପିଛା ୭୮,୪୮୩ ଟଙ୍କା ବୃଦ୍ଧି ପାଇଛି। ଡିସେମ୍ବର ୩୧ରେ ଏକ କିଲୋଗ୍ରାମ ରୂପାର ମୂଲ୍ୟ ୮୬,୦୧୭ ଟଙ୍କା ଥିଲା, ଯାହା ଏବେ କିଲୋଗ୍ରାମ ପିଛା ୧,୬୪,୫୦୦ ଟଙ୍କା ହୋଇଛି।

**● ଘନଉଛି ଯୋଗାଣ ସଙ୍କଟ**

## ରୁପା ଇଟିଏଫ୍‌ରେ ନିବେଶ ବନ୍ଦ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଭାରତରେ ବଢୁଥିବା ରୁପା ମୂଲ୍ୟ ପାଣ୍ଠି(ଫଣ୍ଡ) ପରିଚାଳକମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଯୋଗାଣ ଅଭାବ ଯୋଗୁଁ ରୁପା ମୂଲ୍ୟ ବୃଦ୍ଧି ପାଉଛି। ବର୍ତ୍ତମାନ ସ୍ଥିତି ଏମିତି ଯେ, ରୁପା ଇଟିଏଫ୍‌ରେ ନିବେଶ ବନ୍ଦ ହୋଇଯାଇଛି। ୟୁଟିଆଇ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଶନିବାର ଘୋଷଣା କରିଛି ଯେ ୟୁଟିଆଇ। ସିଲଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡରେ ନୂତନ ଏକକାଳୀନ ଏବଂ ସ୍ୱିଚ୍-ଇନ୍ ନିବେଶକୁ ଅକ୍ଟୋବର ୧୨ ରୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି। କମ୍ପାନୀ କହିଛି ଯେ ବଜାର ପରିସ୍ଥିତି ଏବଂ ଦେଶରେ ଭୌତିକ ରୁପାର ଅଭାବ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ଆନ୍ତର୍ଜାତୀୟ ବଜାର ତୁଳନାରେ ରୁପା ମୂଲ୍ୟ ଏକ ପ୍ରିମିୟମ୍ ସ୍ତରରେ ପହଞ୍ଚିଛି, ଯାହା ପାଣ୍ଠିର ମୂଲ୍ୟାଙ୍କନକୁ ପ୍ରଭାବିତ କରୁଛି। ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ରୁପା-ଭିତ୍ତିକ ପାଣ୍ଠିରେ ନୂତନ ନିବେଶ ବନ୍ଦ କରାଯାଇଛି।




ପୂର୍ବରୁ, କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ ମଧ୍ୟ ଏହାର ସିଲଭର ଇଟିଏଫ୍ ଫଣ୍ଡରେ ନୂତନ ନିବେଶ ବନ୍ଦ କରିଦେଇଥିଲା। କୋଟାକ୍ କହିଛି ଯେ ଦୀପାବଳି ପରେ ଯୋଗାଣରେ ଉନ୍ନତି ହେବା ପରେ ଏହି ରୋକ୍‌ପ୍ରତ୍ୟାହାର କରାଯିବ। ଗୁରୁବାର ସ୍ପଟ୍ ବଜାରରେ ରୁପା ମୂଲ୍ୟ ପ୍ରତି ଆଉନ୍ସ ୫୧.୨୨ ଡଲାରର ଏକ ନୂତନ ରେକର୍ଡ ସ୍ତରରେ ପହଞ୍ଚିଛି, ଯାହା ପ୍ରଥମ ଥର ପାଇଁ ୫୧ ଡଲାର ଉପରେ ପହଞ୍ଚିଛି। ଭାରତରେ ସମ୍ପ୍ରତି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୭୪,୦୦୦ ଟଙ୍କାଠାରୁ ଢ଼େର ଉପରେ ରହିଛି। ବିଶ୍ୱର ସର୍ବବୃହତ ରୁପା ଗ୍ରାହକ ଭାରତରେ, ପର୍ବପର୍ବାଣୀ ଋତୁ ଯୋଗୁଁ ରୁପାର ଚାହିଦା ବୃଦ୍ଧି ପାଇଛି, ଯେତେବେଳେ କି ଯୋଗାଣ କମ୍ ଅଛି। ବଜାର ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ନିବେଶକମାନେ ରୁପା ଆଡକୁ ମୁହାଁଇଛନ୍ତି।

## ଚାନ୍ଦି ଭଣ୍ଡାର ପକ୍ଷରୁ 'ପଦ୍ମିରା' ସମ୍ଭାର

ଭୁବନେଶ୍ୱର,୧୨।୧୦(ସମିସ): ଦୀପାବଳିର ଉତ୍ସାହିତ ହୋଇ ରୁପା ଗହଣାର ଅନନ୍ୟ ସୋ'ରୁମ୍ ଚାନ୍ଦି ଭଣ୍ଡାର ଆଣିଛି 'ପଦ୍ମିରା' କଲେକ୍ସନ। କମଳ ବା ପଦ୍ମ ଫୁଲ ଏବଂ



ମୟୂର ପଞ୍ଝାରେ ସଜ୍ଜିତ ଏହା ଏକ ସେଲିବ୍ରେଶନ୍ । ଶୁଦ୍ଧ ଷ୍ଟର୍ଲିଂ ରୁପା ଏବଂ ୧୮ କ୍ୟାରେଟ୍ ସୁନା ଲେପରେ ତିଆରି ପଦ୍ମିରା ହେଉଛି ପରମ୍ପରା ଏବଂ କଳାର ଏକ ଉଜ୍ୱଳ ମିଶ୍ରଣ, ଯାହାକୁ କେବଳ ଆଲୋକର ପର୍ବ ପାଇଁ ପ୍ରସ୍ତୁତ କରାଯାଇଛି। ପଦ୍ମିରା ସମ୍ଭାରରେ ଥିବା ପ୍ରତ୍ୟେକ ଗହଣା ଦୀପାବଳିକୁ ପରିଭାଷିତ କରୁଥିବା ଉଷ୍ମତା ଏବଂ ନବକୃତିର ପ୍ରତିଫଳନ।

ପଦ୍ମିରା କଲେକ୍ସନ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ରଙ୍କ ସହ ଶୁଭାରମ୍ଭ କରାଯାଇଛି, ଯାହାଙ୍କ ସୌନ୍ଦର୍ଯ୍ୟ ଏବଂଆକର୍ଷଣ ଏହି କଲେକ୍ସନର ଉତ୍ସବ ଭାବନାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିପାଦିତ କରିଥାଏ। ଗହଣା ସହିତ ଚାନ୍ଦି ଭଣ୍ଡାର ସିଲ୍‌ଭର ଲାଇଫଷ୍ଟାଇଲ୍‌ର ଏକ ବ୍ୟାପକ ଅନୁଭୂତି ପ୍ରଦାନ କରୁଛି। ପାରମ୍ପରିକ ରୁପା ସାମଗ୍ରୀ ଏବଂ ଭକ୍ତିପୂର୍ଣ୍ଣ କଳାକୃତିଠାରୁ ଆରମ୍ଭ କରି ଆଧୁନିକ ଜୀବନଶୈଳୀ ପର୍ଯ୍ୟନ୍ତ ଏହି ବ୍ରାଣ୍ଡ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସେବା ଯୋଗାଇଥାଏ। ମହିଳାମାନେ 'ପଦ୍ମିରା' ଭଳି କଲେକ୍ସନ ମାଧ୍ୟମରେ କଳାତ୍ମକ ରୁପା ଗହଣାକୁ ଗ୍ରହଣ କରିପାରିବେ ଏବଂ ପୁରୁଷମାନେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ସହିତ ଆମୋଘ କଲେକ୍ସନର ଶୁଦ୍ଧ ସାହସିକତାକୁ ଅନ୍ୱେଷଣ କରିପାରିବେ। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ଆମ ପାଇଁ

**ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିଆତି**

ଦୀପାବଳିର ପ୍ରକୃତ ଅର୍ଥକୁ 'ପଦ୍ମିରା' ପ୍ରତିଫଳିତ କରୁଛି। ତାହା ହେଲା ସୌନ୍ଦର୍ଯ୍ୟ, ଉଲ୍ଲାସ ଏବଂ ସେଲିବ୍ରେଶନ। ଏହି କଲେକ୍ସନ ମାଧ୍ୟମରେ ଆମେ ଉତ୍ସବର ଅଳଙ୍କାରକୁ ଏକ ଅନୁଭୂତିରେ ପରିଣତ କରିବାକୁ ଚାହୁଁଥିଲୁ, ଯାହା କଳା ଏବଂ ଉତ୍ସବ ସହ ପ୍ରତିଧ୍ୱନିତ ହୁଏ। ପାର୍ବଣ ଲକ୍ଷ୍ୟକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର ଅକ୍ଟୋବର ୧୦ରୁ ୨୦ ପର୍ଯ୍ୟନ୍ତ ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । ଏଥିସହିତ ଏହା ଦିବ୍ୟ ଏବଂ କାଳଜୟୀ ଗହଣା କିଣିବା ପାଇଁ ପ୍ରକୃଷ୍ଟ ସମୟ। ଚାନ୍ଦି ଭଣ୍ଡାର ବଲାଙ୍ଗୀରରେ ଏହାର ୨୪ତମ ଷ୍ଟୋର୍ ଘୋଷଣା କରିଛି।

## ଏକ-ତୃତୀୟାଂଶ ୟୁପିଆଇ କାରବାର ଅସୁରକ୍ଷିତ

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି)

ଭାରତରେ ଡିଜିଟାଲ ପେମେଣ୍ଟର ପରିସର ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଏହାସହିତ ସାଇବର ଠକେଇର ଭୟ ମଧ୍ୟ ବଢି ଚାଲିଛି। ନିକଟରେ ଦୂରସଞ୍ଚାର ବିଭାଗ (ଡିଓଟି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏପରି ଆଶ୍ଚର୍ଯ୍ୟ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଦେଶରେ ହେଉଥିବା ପ୍ରତ୍ୟେକ ୩ରୁ ଗୋଟିଏ ୟୁପିଆଇ ପେମେଣ୍ଟ ସୁରକ୍ଷିତ ନୁହେଁ। ଏହାର କାରଣ ହେଉଛି 'ଗୁଗଲ ପେ' ଏ ପର୍ଯ୍ୟନ୍ତ ସରକାରଙ୍କ ଫ୍ରଡ ରିସ୍କ ଇଣ୍ଡିକେଟର (ଏଫଆରଆଇ) ଟୁଲକୁ ନିଜ ସିଷ୍ଟମରେ ଲାଗୁ କରିନାହାନ୍ତି।

ଏଫଆରଆଇ ଏକ ଟେକ୍ନିକାଲ ଟୁଲ, ଯାହାକୁ ଡିଓଟି ବିକଶିତ କରିଛନ୍ତି। ଏହା ଦ୍ୱାରା ମୋବାଇଲ ନମ୍ବର ଓ ଆକାଉଣ୍ଟକୁ ଫ୍ରଡ ରିସ୍କ ଅନୁସାରେ ବର୍ଗିକୃତ କରାଯାଇପାରିବ। ଏହି ଟୁଲ କୌଣସି ନେଣଦେଣ ପୂର୍ବରୁ ସାମ୍ନାରେ ଥିବା ନମ୍ବର ଅଥବା ଆକାଉଣ୍ଟ 'ଲୋ', 'ମିଡିୟମ' ଅଥବା 'ହାଇ ରିସ୍କ' ଶ୍ରେଣୀର ଜଣାଇଦେବ। ଏଥିରେ




**ଟେଲିକମ୍ ବିଭାଗ ରିପୋର୍ଟ**

ଯଦି ରିସ୍କ ଅଧିକ ଥାଏ ତେବେ ନେଣଦେଣକୁ ରୋକା ଯାଇ ପାରିବ ନଚେତ ୟୁଜରଙ୍କୁ ସତର୍କ କରାଯାଇ ପାରିବ। ଏହାର ଉଦ୍ଦେଶ୍ୟ ଅନଲାଇନ ପେମେଣ୍ଟସରେ ବଢୁଥିବା ଫିସିଂ ଓ ସ୍କାମରୁ ଲୋକଙ୍କୁ ବଞ୍ଚାଇବା।


ଡିଓଟି ଅଧିକାରୀଙ୍କ ଅନୁସାରେ ଗୁଗଲ ପେ ଦେଶର ମୋଟ ୟୁପିଆଇ ନେଣଦେଣର ୩୦ରୁ ୩୫% ସମ୍ଭାଳୁଛି। ହେଲେ ସେ ଏ ପର୍ଯ୍ୟନ୍ତ ପେମେଣ୍ଟ ସିଷ୍ଟମରେ ଏଫଆରଆଇ ଲାଗୁ କରି ନାହାଁ। ଏହାର ଅର୍ଥ ସବୁ ମାସରେ କୋଟିକୋଟି ନେଣଦେଣ ବିନା କୌଣସି ସରକାରୀ ଫ୍ରଡ ସୁରକ୍ଷା ଯାଞ୍ଚରେ ପୁରା ହେଉଛି। ତେବେ ଗୁଗଲ ଇଣ୍ଡିଆ ପବ୍ଲିକ ପଲିସି ମୁଖ୍ୟ ରାଜେଶ ରଞ୍ଜନ କହିଛନ୍ତି ଯେ ତାଙ୍କ କମ୍ପାନୀ ଡିଓଟି ସହିତ ଏଫଆରଆଇ ଲାଗୁ କରିବା ପାଇଁ ଆଲୋଚନା କରୁଛନ୍ତି, ହେଲେ ଏହା ଏ ପର୍ଯ୍ୟନ୍ତ ଇଣ୍ଟିଗ୍ରେସନ ହୋଇ ନାହିଁ। ସେ କହିଛନ୍ତି ଯେ ଗୁଗଲ ନିକଟରେ ପୂର୍ବରୁ ନିଜର ଏଆଇ ଆଧାରିତ ଠକେଇ ନିୟନ୍ତ୍ରଣ ପ୍ରଣାଳୀ 'ଡିଜି କବଚ' ଅଛି, ଯାହା ସନ୍ଦିଗ୍ଧ ଗତିବିଧି ଚିହ୍ନଟ ପାଇଁ କାମ କରୁଛି।

ତେବେ ଫୋନ୍ ପେ' ଓ ପେଟିଏମ ଭଳି ୟୁପିଆଇ ପେମେଣ୍ଟ ସିଷ୍ଟମ ଏଫଆରଆଇ ଟୁଲକୁ ନିଜ ସିଷ୍ଟମରେ ଇଣ୍ଟିଗ୍ରେଟେଡ କରିଛନ୍ତି। ଡିଓଟିଙ୍କ ଅନୁସାରେ ଏହି କମ୍ପାନୀମାନେ ଟୁଲ ସହାୟତାରେ କୋଟିକୋଟି ଟଙ୍କାର ସମ୍ଭାବିତ ଠକେଇକୁ ରୋକି ପାରିଛନ୍ତି। ଏଥିରେ ଫୋନ ପେ ଏ ପର୍ଯ୍ୟନ୍ତ ପାଖାପାଖି ୧୨୫ କୋଟି ଓ ପେଟିଏମ ଗ୍ରାହକଙ୍କୁ ୬୮ କୋଟି ଟଙ୍କା ଠକେଇରୁ ରକ୍ଷା କରିପାରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଜୁନ ୨୦୨୫ରେ ସବୁ ବ୍ୟାଙ୍କ ଓ ପେମେଣ୍ଟ କମ୍ପାନୀଙ୍କୁ ଏଫଆରଆଇ ସିଷ୍ଟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆରବିଆଇଙ୍କ କହିବା କଥା ହେଉଛି ଏହି ପଦକ୍ଷେପ ଦେଶରେ ଡିଜିଟାଲ ନେଣଦେଣକୁ ସୁରକ୍ଷିତ କରିବା ଲାଗି। ଡିଓଟିଙ୍କ ଅନୁସାରେ ଦେଶରେ ୨୦୨୨ ମସିହାରେ ପାଖାପାଖି ୧୦.୨୯ ଲକ୍ଷ ସାଇବର ଫ୍ରଡ ମାମଲା ରୁଜୁ ହୋଇଥିଲା। ୨୦୨୪ ବେଳକୁ ଏହା ବଢି ୨୨.୬୮ ଲକ୍ଷକୁ ପହଞ୍ଚି ଯାଇଥିଲା। ସରକାର ଏ ପର୍ଯ୍ୟନ୍ତ ଠକେଇ ମାମଲାରେ ୯.୪ଲକ୍ଷ ସିମକାର୍ଡ ଓ ୨.୬ଲକ୍ଷ ଆଇଏମଇଆଇ ନମ୍ବର ବ୍ଲକ୍ କରିଛନ୍ତି।

## ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ପାଇଁ ମିଶନ୍ ଆରମ୍ଭ

**୧୧,୪୪୦ କୋଟି ବ୍ୟୟଅଟକଳ**

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଦେଶର ଡାଲି କ୍ଷେତ୍ରକୁ ସୁଦୃଢ଼ କରିବା ଉପରେ କେନ୍ଦ୍ର ସରକାର ବେଶ ଗୁରୁତ୍ୱ ଦେଉଛନ୍ତି। ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆରଆଇ)ରେ ଏକ ସ୍ୱତନ୍ତ୍ର କୃଷି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ (ଦଲହନ୍ ଆତ୍ମନିର୍ଭରତା ମିଶନ) ଆରମ୍ଭ କରିଛନ୍ତି। ଏହି ମିଶନ୍‌ର ମୋଟ ବ୍ୟୟ ଅଟକଳ ୧୧,୪୪୦ କୋଟି ଟଙ୍କା ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଡାଲି ଚାଷ ସହିତ ଜଡିତ ଚାଷୀଙ୍କ ସହ ଆଲୋଚନା କରିଥିଲେ ଏବଂ କୃଷି ତଥା ଆନୁଷଙ୍ଗିକ କ୍ଷେତ୍ରରେ ମୂଲ୍ୟ ଶୃଙ୍ଖଳ ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଯେ , ଉକ୍ତ ମିଶନର ଲକ୍ଷ୍ୟ କେବଳ ଡାଲି ଉତ୍ପାଦନ ବୃଦ୍ଧି କରିବା ନୁହେଁ ବରଂ ଏକ ସ୍ଥାୟୀ ଏବଂ ସଶକ୍ତ



ଭବିଷ୍ୟତ ନିର୍ମାଣ କରିବା। ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ କେନ୍ଦ୍ର ବଜେଟ୍ ୨୦୨୫-୨୬ରେ ଘୋଷଣା କରାଯାଇଥିଲା ଏବଂ ୧ ଅକ୍ଟୋବର ୨୦୨୫ରେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯାଇଥିଲା। ଏହା ୨୦୨୫-୨୬ ରୁ ୨୦୩୦-୩୧ ମଧ୍ୟରେ କାର୍ଯ୍ୟକାରୀ ହେବ। ଏହା ଘରୋଇ ଉତ୍ପାଦନକୁ ବୃଦ୍ଧି, ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ଡାଲି କ୍ଷେତ୍ରରେ «ଆତ୍ମନିର୍ଭର ଭାରତ» ପାଇଁ ପଥ ପ୍ରଶସ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ପୋଷକ ମିଶନ (ଏନଏଫଏସଏନଏମ) ଅଧୀନରେ ନିରନ୍ତର ସରକାରୀ ପ୍ରୟାସ ୨୦୧୩-୧୪ରେ ୧୯୨.୬ ଲକ୍ଷ ଟନରୁ ଉତ୍ପାଦନକୁ ୨୦୨୪-୨୫ରେ ୨୫୨.୩୮ ଲକ୍ଷ ଟନ (୩ୟ ଅଗ୍ରିମ ଆକଳନ) କୁ ବୃଦ୍ଧି କରିଛି, ଯାହା ୩୧ ପ୍ରତିଶତରୁ ଅଧିକ ପ୍ରଭାବଶାଳୀ ଅଭିବୃଦ୍ଧିକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ୨୦୨୭ ଡିସେମ୍ବର ସୁଦ୍ଧା ଭାରତକୁ ଡାଲି କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ପାଇଁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ହରଡ଼, ବିରି ଏବଂ ମସୁର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି। ନୂତନ ମିଶନ ଘରୋଇ ଉତ୍ପାଦନ ମାଧ୍ୟମରେ ଭାରତର ଭବିଷ୍ୟତ ଡାଲି ଚାହିଦା ପୂରଣ କରିବା ଲକ୍ଷ୍ୟ ରଖି ଏହି ଦୃଷ୍ଟିକୁ ଦୃଢ଼ କରୁଛି।

## ଅଢ଼େଇ ଲକ୍ଷ କୋଟି ଛୁଇଁବ ବାଣିଜ୍ୟ ନିଅଣ୍ଟ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ସେପ୍ଟେମ୍ବରରେ ଦେଶର ବାଣିଜ୍ୟ ନିଅଣ୍ଟ ପ୍ରାୟ ୧୩,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ଭାରତର ବାଣିଜ୍ୟ ନିଅଣ୍ଟ ୨୮.୦ ବିଲିୟନ ଡଲାର (୨.୪୮ ଲକ୍ଷ କୋଟି) ଛୁଇଁବ। ଏହି ସଂଖ୍ୟା ଅଗଷ୍ଟରେ ୨୬.୫ ବିଲିୟନ ଡଲାର (୨.୩୫ ଲକ୍ଷ କୋଟି) ତୁଳନାରେ ୧.୫ ବିଲିୟନ ଡଲାର ଅଧିକ। ଦେଶର ବାଣିଜ୍ୟ ନିଅଣ୍ଟରେ ଏହି ବିଶାଳ ବୃଦ୍ଧିର ସବୁଠାରୁ ବଡ଼

**ସୁନା ଆମଦାନୀରେ ବୃଦ୍ଧି ମୁଖ୍ୟ କାରଣ**

କାରଣ ହେଉଛି ଦେଶରେ ସୁନା ଆମଦାନୀ ବଢ଼ିବା। ସେପ୍ଟେମ୍ବରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ସୁନା ଆମଦାନୀ ପ୍ରାୟ ଦ୍ୱିଗୁଣିତ ହେବା ଦ୍ୱାରା ଏଭଳି ସ୍ଥିତି ଉପୁଜିଛି। ଚଳିତବର୍ଷ ସୁନା ମୂଲ୍ୟ ୪୫,୩୬୩ ଟଙ୍କା ବୃଦ୍ଧି ପାଇଛି, କିନ୍ତୁ ଲୋକମାନେ ସେମାନଙ୍କର କ୍ରୟ ହ୍ରାସ କରିନାହାଁନ୍ତି। ସୁନା ଆମଦାନୀ ବ୍ୟତୀତ ଭାରତର ରପ୍ତାନି ମଧ୍ୟ ମନ୍ଥର ରହିଛି। ଯାହାର ମୁଖ୍ୟ କାରଣ ହେଉଛି ବିଶ୍ୱ ଚାହିଦାରେ ହ୍ରାସ ଏବଂ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ।

**■ ଚୀନ୍ ସାମଗ୍ରୀ ଉପରେ ଟ୍ରମ୍ପଙ୍କ ୧୦୦% ଟାରିଫ୍ ପ୍ରସଙ୍ଗ**

## ଚୀନ୍‌ର ଜବାବ୍; ଆମେ ଲଢ଼ିବାକୁ ଭୟ କରୁନୁ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଶତ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି। ଯାହାକୁ ଚୀନ୍ ଡବଲ ଷ୍ଟାଣ୍ଡାର୍ଡ ଏବଂ ଅନୁଚିତ ବାଣିଜ୍ୟ ଅଭ୍ୟାସ କହି କଡ଼ା ନିନ୍ଦା କରିଛି। ହେଲେ ଟ୍ରମ୍ପ୍‌ଙ୍କ ଏହି ପଦକ୍ଷେପ ବିରଳ ଖଣିଜ ପଦାର୍ଥ ରପ୍ତାନି ଉପରେ ଚୀନର କଡ଼ା ନିୟନ୍ତ୍ରଣର ଜବାବରେ ନିଆଯାଇଥିଲା।

ଚୀନ ସ୍ପଷ୍ଟ କରିଛି ଯେ ନିୟନ୍ତ୍ରଣଗୁଡ଼ିକ ବୈଧ ଏବଂ ବିଶ୍ୱ ଶିଳ୍ପ ଏବଂ ଯୋଗାଣ ଶୃଙ୍ଖଳର ସୁରକ୍ଷା ବଜାୟ ରଖିବା ପାଇଁ ସମସ୍ତ ଦେଶ ସହିତ ଆଲୋଚନା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବାକୁ ପ୍ରସ୍ତୁତ। ଏହି ସମୟରେ ଆମେରିକା ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତିରେ ଉନ୍ନତି ନ ହୁଏ, ତେବେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଏହି ମାସରେ ହେବାକୁ ଥିବା ବୈଠକ ବାତିଲ ହୋଇପାରେ। ଚୀନ୍ ଅଭିଯୋଗ କରିଛି ଯେ ସେପ୍ଟେମ୍ବର ମାସରୁ ଆମେରିକା ଚୀନ୍ ଉପରେ ଆର୍ଥିକ ଚାପ ବୃଦ୍ଧି କରିଛି। ଜଣେ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି, ଏହି କାର୍ଯ୍ୟଗୁଡ଼ିକ ଚୀନ୍‌ର ସ୍ୱାର୍ଥକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଛି ଏବଂ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନାର ବାତାବରଣକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ବାଣିଜ୍ୟ ମନ୍ତ୍ରଣାଳୟ ଏହା ମଧ୍ୟ କହିଛି, ପ୍ରତ୍ୟେକ ସମୟରେ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେବା ଚୀନ୍ ସହିତ ଆଲୋଚନା କରିବାର ସଠିକ୍ ଉପାୟ ନୁହେଁ। ଚୀନ୍ ଟ୍ରମ୍ପ ପ୍ରଶାସନକୁ ତା'ର ବାଣିଜ୍ୟ ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଚୀନ୍ ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ ଯଦି ଆମେରିକା ତା'ର ଭୁଲ ନୀତି ଜାରି ରଖେ, ତେବେ ଚୀନ୍ ତା'ର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବ। ଚୀନ୍ ମୁଖପାତ୍ର ଆହୁରି କହିଛନ୍ତି, ଚୀନ୍‌ର ନୀତି ସ୍ପଷ୍ଟ। ଆମେ ବାଣିଜ୍ୟ ଯୁଦ୍ଧ ଚାହୁଁନାହୁଁ, କିନ୍ତୁ ଆମେ ଏଥିରୁ ଭୟଭୀତ ମଧ୍ୟ ନୁହେଁ। ଆମେ ଆମେରିକାକୁ ତା'ର ଭୁଲ ଅଭ୍ୟାସଗୁଡ଼ିକୁ ତୁରନ୍ତ ସଂଶୋଧନ କରିବାକୁ ଅନୁରୋଧ କରୁଛୁ।

**ବଢୁଛି ଆମେରିକାର ଋଣ ସଙ୍କଟ**

## ଚୀନ୍ ସହ ଲଢ଼େଇ ଆମେରିକାକୁ ମହଙ୍ଗା ପଡ଼ିବ

ୱାଶିଂଟନ୍,୧୨।୧୦(ଏଜେନ୍ସି)

ଆମେରିକାର ବର୍ଦ୍ଧିତ ଋଣ ଏବେ ଚିନ୍ତାର କାରଣ ପାଲଟିଛି। ଏହା ଏବେ ବିଶ୍ୱ ଆର୍ଥିକ ଅସ୍ଥିରତା ସୃଷ୍ଟି କରିପାରେ,ଯାହା ଆଗାମୀ ଦିନରେ ଡଲାରର ସ୍ଥିତିକୁ ଦୁର୍ବଳ କରିପାରେ। ବର୍ତ୍ତମାନେ ପ୍ରଶ୍ନ ଉଠୁଛି, ଯଦି ବିଶ୍ୱର ସର୍ବବୃହତ ଋଣଗ୍ରହୀତା ଧୀରେ ଧୀରେ ଋଣ ପରିଶୋଧ କରିବାରେ ବିଫଳ ହୁଏ ତେବେ କ'ଣ ହେବ। ଏହାର ଏକ ବଡ଼ କାରଣ ହେଉଛି, ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ଆମେରିକାରୁ ସେମାନଙ୍କର ପାଣ୍ଠି ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଚେତାବନୀ ଦେଇଛି ଯେ ଆମେରିକା ଏବେ ଋଣ ଜାଲରେ ଫସିବାରେ ଲଗିଛି। ବର୍ତ୍ତମାନ ସମୟରେ ଆମେରିକାରଋଣ ପରିମାଣ ୟୁରୋପ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ମିଳିତ ଜିଡିପି ଅପେକ୍ଷା ଅଧିକ ରହିଛି। ପ୍ରତ୍ୟେକ ଆମେରିକୀୟଙ୍କ ମୁଣ୍ଡ ଉପରେ ୧ ଲକ୍ଷ ଡଲାରଠାରୁ ଅଧିକ ଋଣ ରହିଛି।

ଆଇଏମ୍ଏଫ୍ ଦ୍ୱାରା ୩୬ ଟ୍ରିଲିୟନ ଡଲାରର ଆମେରିକାର ସଂଘୀୟ ଋଣ ଉପରେ ସାମ୍ପ୍ରତିକ ତଥ୍ୟ ପ୍ରକାଶ କରିବା ପରେ ଏହି ଚେତାବନୀ ଆସିଛି। ଏହି ଋଣ ମୁଖ୍ୟତଃ ୨୦୦୮ ପରବର୍ତ୍ତୀ ବେଲଆଉଟ୍, ରେକର୍ଡ ପ୍ରତିରକ୍ଷା ଖର୍ଚ୍ଚ ଏବଂ ମହାମାରୀ ସମୟରେ ପ୍ରୋତ୍ସାହନ ପ୍ୟାକେଜ ଯୋଗୁଁ ବୃଦ୍ଧି ପାଇଛି। ବର୍ତ୍ତମାନ, ଆମେରିକାର ସବୁଠାରୁ ବଡ଼ ଋଣଗ୍ରହୀତା ସେମାନଙ୍କର ଟଙ୍କା ଫେରସ୍ତ ଚାହୁଁଛନ୍ତି। ଚୀନ୍, ଜାପାନ, ବ୍ରିଟେନ୍ ଏବଂ କାନାଡା ଭଳି ଦେଶଗୁଡ଼ିକ ଚୁପଚାପ୍ ଆମେରିକାର ଟ୍ରେଜେରୀ ବଣ୍ଡ ବିକ୍ରି କରିବା ଆରମ୍ଭ କରିଛନ୍ତି। ଆମେରିକାର ସବୁଠାରୁ ବଡ଼ ଋଣଗ୍ରହୀତା ଚୀନ୍ ପୂର୍ବରୁ ଏହା କରିବା




**ତଳକୁ ଖସିବ ଡଲାର**

ଆରମ୍ଭ କରିସାରିଛି। ଜାପାନ ମଧ୍ୟ ସେହି ନୀତି ଅବଲମ୍ବନ କରୁଛି। ଆମେରିକା ନିବେଶକମାନଙ୍କୁ ବଜାରରେ ସ୍ଥିତି ବଜାୟ ରଖିବା ପାଇଁ ସୁଧ ହାର ବୃଦ୍ଧି କରୁଛି। ତଥାପି, ଏହା ସଙ୍କଟକୁ ଆହୁରି ଘନିଭୂତ କରୁଛି। ବାର୍ଷିକ ସୁଧ ଦେୟ ବର୍ତ୍ତମାନ ପେଣ୍ଟାଗନର (ଆମେରିକା ପ୍ରତିରକ୍ଷା ବିଭାଗ) ବଜେଟକୁ ଅତିକ୍ରମ କରି ୧ ଟ୍ରିଲିୟନ ଡଲଉର ଅତିକ୍ରମ କରିଛି। ବିଶ୍ୱ ପୁଞ୍ଜି ପ୍ରବାହରେ ଏହି ପରିବର୍ତ୍ତନ ପୂର୍ବରୁ ଦୃଶ୍ୟମାନ ହେଉଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା ଆଡ଼କୁ ମୁହାଁଇଛନ୍ତି।

ଆମେରିକାର ଋଣ ବଢ଼ିବା ପରେ ଏହି ସମ୍ଭାବ୍ୟ ସଙ୍କଟକୁ ଏଡାଇବା ପାଇଁ ଭାରତକୁ ଏକ ବହୁମୁଖୀ ରଣନୀତି ଗ୍ରହଣ କରିବାକୁ ପଡିବ। ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଡି-ଡଲାରାଇଜେସନ୍। ଏଥିପାଇଁ ଭାରତକୁ ଡଲାର ଅସ୍ଥିରତାର ପ୍ରଭାବକୁ ହ୍ରାସ କରିବା ପାଇଁ ରୁଷ ଏବଂ ୟୁଏଇ ଭଳି ଦେଶ ସହିତ ସ୍ଥାନୀୟ ମୁଦ୍ରା (ଯେପରିକି ଟଙ୍କା) ରେ ବାଣିଜ୍ୟକୁ ପ୍ରୋତ୍ସାହିତ କରିବାକୁ ପଡିବ। ଦ୍ୱିତୀୟତଃ, ଭାରତକୁ "ମେକ୍ ଇନ୍ ଇଣ୍ଡିଆ" ଏବଂ ପିଆଇଆଇ ଯୋଜନା ମାଧ୍ୟମରେ ଏକ ନିର୍ଭରଯୋଗ୍ୟ ବିଶ୍ୱ ଉତ୍ପାଦନ କେନ୍ଦ୍ର ହୋଇ ବିଦେଶୀ ନିବେଶ ଆକର୍ଷିତ କରିବାକୁ ପଡିବ, ଯାହା ଏହାକୁ ଚୀନ୍ ବାହାରକୁ ଯାଉଥିବା କମ୍ପାନୀଗୁଡ଼ିକ ପାଇଁ ଏକ ଆକର୍ଷଣୀୟ ବିକଳ୍ପ କରିବ। ତୃତୀୟତଃ, ଭାରତୀୟ ରିଜର୍ଭ ବ୍ୟାଙ୍କ କୁ ଏହାର ବିଦେଶୀ ମୁଦ୍ରା ଭଣ୍ଡାରକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାକୁ ପଡିବ। ଏଥିପାଇଁ ବିପଦ ହ୍ରାସ କରିବା ପାଇଁ ସୁନା ଏବଂ ଅନ୍ୟାନ୍ୟ ଶକ୍ତିଶାଳୀ ମୁଦ୍ରାର ଧାରଣ ବୃଦ୍ଧି କରିବାକୁ ପଡିବ। ସେହି ସମୟରେ, ଟଙ୍କାର ଆଭ୍ୟନ୍ତରୀଣ ମୂଲ୍ୟ ସ୍ଥିର ରହିବାକୁ ନିଶ୍ଚିତ କରିବା ପାଇଁ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଏବଂ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବା ଅତ୍ୟନ୍ତ ଜରୁରୀ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ।

**ବୃଷ:** ବନ୍ଧୁଙ୍କ ବ୍ୟବହାର ବ୍ୟଥିତ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଅନ୍ୟମାନଙ୍କ ଉପରେ ଅଧିକ ବିଶ୍ୱାସ କରନ୍ତୁନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ସଫଳତା ପାଇଁ କଠିନ ପରିଶ୍ରମ କରିବେ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କର୍କଟ:** ନୂତନ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ପରିବାର ଲୋକଙ୍କ ମଧ୍ୟରେ ସମୟ ଅତିବାହିତ କରିବେ। ଧ୍ୟାନର ସହିତ ନିଜ କାର୍ଯ୍ୟ କରନ୍ତୁ। ତରବରିଆ ଭାବେ ନିବେଶ କରନ୍ତୁ ନାହିଁ।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ।

**କନ୍ୟା:** ନିଜ ପାଇଁ ସମୟ ବାହାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ତୁଳା:** ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସମାଜ ସେବାରେ ସମୟ ଅତିବାହିତ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି। ଅଚାନକ ଖୁସି ଖବର ପାଇବେ।

**ଧନୁ:** ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶାରୀରିକ ପୀଡ଼ା ଅନୁଭବ କରିବେ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ।

## ଆଜିର ଇତିହାସ

- ୧୯୪୩- ଇଟାଲୀ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୬- ବଲିଭିଆରେ ବୋଇଂ ଜେଟ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।
- ୧୯୯୯- ଅଟଳ ବିହାରୀ ବାଜପେୟୀ ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୩- ମଧ୍ୟପ୍ରଦେଶର ଦତିଆ ଜିଲ୍ଲାରେ ଏକ ପୋଲ ଉପରେ ଦଳାଚକଟା ଯୋଗୁଁ ୧୦୯ ଜଣଙ୍କ ମୃତ୍ୟୁ।

## କୁକୁର ପାଇଁ କର




ଇଟାଲିରେ ଏବେ ଲୋକଙ୍କ ସହ କୁକୁରଙ୍କ ଉପରେ ବି ଟୁରିଷ୍ଟ ଟ୍ୟାକ୍ସ ଲଗାଇବା ଯୋଜନା କରାଯାଇଛି। ବୋଲଜାନୋ ସହରର ଡୋଲୋମାଇଟ୍ ପାହାଡ଼ ପାଖରେ ୨୦୨୬ ମସିହାରୁ ବାହାରୁ ଆସୁଥିବା କୁକୁରଙ୍କ ଉପରେ ପ୍ରତିଦିନ ଦୁଇ ଡଲାର ଟ୍ୟାକ୍ସ ଲାଗିବ। କେବଳ ସେତିକି ନୁହେଁ, ଏଠାରେ ଯେଉଁ ସ୍ଥାନୀୟ ଲୋକଙ୍କ ପାଖରେ କୁକୁର ଅଛି, ସେମାନଙ୍କୁ ମଧ୍ୟ ପ୍ରତିବର୍ଷ ୧୦୦ ୟୁରୋ ଦେବାକୁ ପଡ଼ିବ। ତେବେ ଏଭଳି ନିୟମ ହେବା ପଛରେ କାରଣ ମଧ୍ୟ ରହିଛି। ଟିକସ ଅର୍ଥରେ ରାସ୍ତା ସଫେଇ କାର୍ଯ୍ୟ କରାଯିବା ସହ କୁକୁରଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ତିଆରି କରାଯିବ। ତେବେ ଏହି ଟ୍ୟାକ୍ସ ଏକ ବଡ଼ ନିୟମ ପରେ ଆସିଛି। ଉକ୍ତ ନିୟମ ଅନୁଯାୟୀ, ମାଲିକମାନଙ୍କୁ ନିଜ କୁକୁରଙ୍କର ଡିଏନ୍‌ଏ ପଞ୍ଜିକରଣ କରିବାକୁ ହୋଇଥାଏ। ଯଦି କୌଣସି ମାଲିକ ନିଜ କୁକୁରର ମଳ ନ ଉଠାଇବେ, ସେମାନଙ୍କ ଉପରେ ଡିଏନଏନ୍ ମେଳ କରାଯାଇ ୬୦୦ ୟୁରୋ ଜରିମାନା ଲଗାଯିବ। ସେହିପରି ଯେଉଁମାନେ ପୂର୍ବରୁ ଡିଏନ୍‌ଏ ରେଜିଷ୍ଟ୍ରେସନ କରିସାରିଛନ୍ତି, ସେମାନଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି କରରୁ ମୁକ୍ତି ମିଳିବ। ଏହି ନିୟମ ଆଣିଥିବା କାଉନସିଲର ଲୁଇସ୍ ୱାଲଚରଙ୍କ ମତରେ ଏହା ଏକ ଉଚିତ ପଦକ୍ଷେପ। ଅନ୍ୟପଟେ ଏଭଳି ନିଷ୍ପତ୍ତିରେ ସମସ୍ତେ ଖୁସି ନାହାନ୍ତି। ପ୍ରାଣୀ ସୁରକ୍ଷା ସଂଗଠନ ଇଏନ୍‌ପିଏର ସଦସ୍ୟ କାର୍ଲା ରୋଚି ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଏହା ଏକ ଭୁଲ ନିଷ୍ପତ୍ତି। କାରଣ ଏହା କେବଳ ପରିବାର ଏବଂ ପର୍ଯ୍ୟଟକଙ୍କୁ ବିଚଳିତ କରିବ ନାହିଁ, ବରଂ ଏହା ପଶୁମାନଙ୍କୁ କରଦାତା କରି ଏକ ଭୁଲ ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି। ସେହିପରି ପ୍ରାଣୀ ପରିବାରର ଏକ ଅଂଶ। ସେମାନଙ୍କ ଉପରେ ଟ୍ୟାକ୍ସ ଲଗାଇବା ସମସ୍ୟାର ସମାଧାନ ନୁହେଁ। ଏହାଦ୍ୱାରା ଲୋକେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲାବୁଲି କମ୍ କରିବେ। ଏପରିକି ଲୋକେ ପୋଷା ଜୀବଜନ୍ତୁ ରଖିବାରୁ ନିବୃତ୍ତ ରହିବେ। ଅନ୍ୟପେଟ ଏହି ସ୍ଥାନ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ଏଠାରେ ସେହି ଲୋକଙ୍କୁ ଟାର୍ଗେଟ୍ କରାଯାଉଛି, ଯେଉଁମାନେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲୁଛନ୍ତି।

## "୧୦୦ କୋଟି ଦେଲେ ବି ସଞ୍ଜୟଙ୍କ ସହ କାମ କରିବିନି"




ବଲିଉଡ୍‌ର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି ସଞ୍ଜୟ ଲୀଳା ଭଁସାଲି। ସଞ୍ଜୟ ସଙ୍ଗୀତ ନିର୍ଦ୍ଦେଶକ ଇସ୍ମାଇଲ୍ ଦରବାରଙ୍କ ସହ 'ଦେବଦାସ', 'ହମ୍ ଦିଲ୍ ଦେ ଚୁକେ ସନମ୍' ଫିଲ୍ମରେ କାମ କରିଛନ୍ତି। ଏହି ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଅନେକ ସମୟରେ ସଞ୍ଜୟ ଓ ଇସ୍ମାଇଲଙ୍କ ମଧ୍ୟରେ ବିବାଦକୁ ନେଇ ଚର୍ଚ୍ଚା ହୋଇଛି। ନିକଟରେ ଇସ୍ମାଇଲ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସଞ୍ଜୟଙ୍କ ସହ ତାଙ୍କ ବିବାଦକୁ ନେଇ ମୁହଁ ଖୋଲିଛନ୍ତି। ସେ ସଞ୍ଜୟଙ୍କୁ ଅହଙ୍କାରୀ କହିବା ସହ ୧୦୦ କୋଟି ଦେଲେ ବି ତାଙ୍କ ସହ କାମ କରିବେନି ବୋଲି କହିଛନ୍ତି। ଇସ୍ମାଇଲ୍ ଆହୁରି ମଧ୍ୟ କହିଛନ୍ତି, ୨୦୧୦ରେ ସେ 'ଗୁଜାରିଶ୍' ଫିଲ୍ମରେ ସଞ୍ଜୟଙ୍କ ସହ କାମ କରିଥାନ୍ତେ। କିନ୍ତୁ 'ହମ୍ ଦିଲ୍ ଦେ ଚୁକେ ସନମ୍' ସେଟ୍‌ରୁ ଆରମ୍ଭ ହୋଇଥିବା ବିବାଦ 'ଦେବଦାସ ଫିଲ୍ମ ସମୟରେ ଆହୁରି ବଢ଼ି ଯାଇଥିଲା ଯେତେବେଳେ ସଞ୍ଜୟ ତାଙ୍କ ପିଆର୍ ଟିମ୍‌କୁ ଇସ୍ମାଇଲ୍‌ଙ୍କୁ ସାକ୍ଷାତକାରରୁ ଦୂରେଇ ରଖିବାକୁ କହିଥିଲେ। ସଞ୍ଜୟଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି'ର ସଙ୍ଗୀତ ଦାୟିତ୍ୱ ମଧ୍ୟ ଇସ୍ମାଇଲଙ୍କ ହାତକୁ ଆସିଥିଲା। ତେବେ ଏକ ଆର୍ଟିକଲ୍‌ରେ 'ହୀରମଣ୍ଡି'ର ସଙ୍ଗୀତ ତା'ର ମେରୁଦଣ୍ଡ ବୋଲି ପ୍ରକାଶ ପାଇବା ପରେ ଏହା ଇସ୍ମାଇଲ୍ କରିଛନ୍ତି ବୋଲି ସଞ୍ଜୟ ଭାବିଥିଲେ। ଏହାପରେ ସଞ୍ଜୟ ଇସ୍ମାଇଲ୍‌ଙ୍କୁ ତାଙ୍କ ଅଫିସ୍‌କୁ ଡାକି ଏବାବଦରେ ପଚାରିଥିଲେ। ସଞ୍ଜୟ ତାଙ୍କୁ ଏଭଳିସ୍ଥିତିରେ ପକାଇବେ ଯାହା ତାଙ୍କୁ ଏହି ୱେବ୍‌ସିରିଜ୍ ଛାଡ଼ିବାକୁ ବାଧ୍ୟକରିବ ଆଶା କରି ଇସ୍ମାଇଲ୍ ଏଥିରୁ ଓହରି ଯାଇଥିଲେ। ଯଦି ସଞ୍ଜୟ ତାଙ୍କୁ ୧୦୦ କୋଟି ଦେଇ ତାଙ୍କ ଫିଲ୍ମର ସଙ୍ଗୀତ ଦେବାକୁ କୁହନ୍ତି ସେ ତାଙ୍କୁ ଶୀଘ୍ର ଏଠାରୁ ଚାଲି ଯାଆନ୍ତୁ ବୋଲି କହିବେ ବୋଲି ଇସ୍ମାଇଲ୍ କହିଛନ୍ତି।



## ଚର୍ଚ୍ଚାରେ ବିବାହ ବିଜ୍ଞାପନ

ଆଜିକାଲି ଅନେକ ଯୁବକ, ଯୁବତୀ ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକରୁ ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ଏଭଳି ବିଜ୍ଞାପନଗୁଡ଼ିକ ବେଶ୍ ସାଧାରଣ ହୋଇଥାଏ। ଏଇ ଯେଭଳି ଯୁବକ କିମ୍ବା ଯୁବତୀ ସୁନ୍ଦର ହୋଇଥିବେ, ଭଲ ଚାକିରି କରିଥିବେ, ସଂସ୍କାରୀ ପରିବାରର ହୋଇଥିବେ ଆଦି ବିଜ୍ଞାପନରେ ଉଲ୍ଲେଖ କରାଯାଇଥାଏ। ହେଲେ ଏବେ ଏକ ମ୍ୟାଟ୍ରିମୋନିଆଲ ବିଜ୍ଞାପନ ଚର୍ଚ୍ଚାରେ ଅଛି। କାରଣ ଏହି ବିଜ୍ଞାପନ ସାଧାରଣ ମ୍ୟାଟ୍ରିମୋନିଆଲ ବିଜ୍ଞାପନର ସମ୍ପୂର୍ଣ୍ଣ ବିପରୀତ। ବିଜ୍ଞାପନଟି ବିହାରର ଜଣେ ବେକାରୀ ଦନ୍ତ ଚିକିତ୍ସକ ଦେଇଛନ୍ତି। ତେବେ ସେ ନିଜ ପାଇଁ ଯେଉଁ ପ୍ରକାର କନ୍ୟା ଖୋଜୁଛନ୍ତି, ତାକୁ ଦେଖି ଲାଗୁଛି, ସେ ଜଣେ ସୁପର୍‌ଓମ୍ୟାନ୍ ସନ୍ଧାନରେ ଅଛନ୍ତି। ସେ ତାଙ୍କ ବିଜ୍ଞାପନରେ ଲେଖିଛନ୍ତି, ଯୁବତୀ ଜଣକ ସୁନ୍ଦରୀ ଓ ଗୌରବର୍ଣ୍ଣ ହୋଇଥିବେ। ସଚ୍ଚୋଟ, ଭରସାଯୋଗ୍ୟ, ସାହସୀ ହେବା ସହ ଧନୀ ଓ ଦେଶଭକ୍ତ ହୋଇଥିବେ। ଭାରତର ସୈନ୍ୟ ଓ କ୍ରୀଡ଼ା କ୍ଷମତାକୁ ବଢ଼ାଇବା ଦିଗରେ ଆଗ୍ରହୀ ଥିବେ। ଯୁବତୀ ଜଣକ ଦୟାଳୁ ହେବା ସହ ଛୋଟ ପିଲାଙ୍କର ଦେଖାଶୁଣା କରିପାରୁଥିବେ। ରୋଷେଇ ମଧ୍ୟ ଭଲ ଜାଣିଥିବେ। କେବଳ ସେତିକି ନୁହେଁ, ସେ ବିହାର କିମ୍ବା ଝାଡ଼ଖଣ୍ଡର ହିନ୍ଦୁ ବ୍ରାହ୍ମଣ ପରିବାରରୁ ହେବା ସହ କର୍ମଜୀବୀ ହୋଇଥିବେ। ତେବେ ଏତିକିରେ ତାଙ୍କ ବିଜ୍ଞାପନ ଶେଷ ହେବା ଭାବିବା ସ୍ୱାଭାବିକ। ହେଲେ ପୂରା କୁଣ୍ଡଳି ମେଳ ସହିତ ୩୬ ଗୁଣ ମେଳ ମଧ୍ୟ ଅନିବାର୍ଯ୍ୟ ବୋଲି ସେ ଶେଷରେ ଲେଖିଛନ୍ତି। ଏହି ବିଜ୍ଞାପନର ସ୍କ୍ରିନସଟ୍ ରେଡ୍ଡିଟ୍‌ରେ ପୋଷ୍ଟ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହା ଉପରେ ଲୋକେ ବେଶ୍ ମଜାଳିଆ ପ୍ରତିକ୍ରିୟା ଦେଉଛନ୍ତି।




## କାର୍ତ୍ତିକ ସ୍ନାନର ମହତ୍ତ୍ୱ



**ଚାଲିଛି ପବିତ୍ର କାର୍ତ୍ତିକ ମାସ। ତେବେ କାର୍ତ୍ତିକ ମାସରେ ସ୍ନାନ, ବ୍ରତ, ତୁଳସୀ ପୂଜା, ଦୀପଦାନ ଓ ଦାନ ଦ୍ୱାରା ପାପରୁ ମୁକ୍ତି ମିଳିଥାଏ। ତା'ସହ ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମାଙ୍କ ଉପାସନା ଲାଗି ଖୁବ୍ ମହତ୍ତ୍ୱପୂର୍ଣ୍ଣ। ତେବେ ଏହି ମାସରେ ସ୍ନାନର ମହତ୍ତ୍ୱ କ'ଣ ରହିଛି, ସେ ସମ୍ପର୍କରେ ଜାଣିବା।**

**ମହତ୍ତ୍ୱ:** କାର୍ତ୍ତିକ ମାସରେ ସ୍ନାନର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ଅତ୍ୟନ୍ତ ପୁଣ୍ୟଦାୟକ ବୋଲି କୁହାଯାଇଛି। ଏହି ମାସରେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଗଙ୍ଗା, ଯମୁନା ତଥା କୌଣସି ପବିତ୍ର ନଦୀରେ ସ୍ନାନ କରିବାକୁ ଶ୍ରେଷ୍ଠ ବୋଲି ବିଚାର କରାଯାଏ। ଯଦି ପବିତ୍ର ନଦୀରେ ସ୍ନାନ ସମ୍ଭବ ନୁହେଁ, ତେବେ ପାଣିରେ ଗଙ୍ଗା ଜଳ ମିଶାଇ ଘରେ ସ୍ନାନ କରିପାରିବେ। ଏହାଦ୍ୱାରା ଶରୀର ଏବଂ ଆତ୍ମା ଶୁଦ୍ଧ ହୁଏ ଏବଂ ପାପରୁ ମୁକ୍ତି ମିଳେ। ଭଗବାନ ବିଷ୍ଣୁ ଏବଂ ମା ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୁଏ। ଜୀବନରେ ଧନ, ସୁଖ ଓ ସମୃଦ୍ଧି ପ୍ରାପ୍ତ ହୁଏ। ଶରୀର ସୁସ୍ଥ ଓ ମନ ଶାନ୍ତ ରହେ। କାର୍ତ୍ତିକ ମାସ ଯାକ ନିୟମିତ ପୂଜା ପାଠ କରିବା ଦ୍ୱାରା ଆଧ୍ୟାତ୍ମିକ ବିକାଶ ଘଟେ।

**ନିୟମ**

- ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠିବା ଉଚିତ।
- ପବିତ୍ର ନଦୀରେ ସ୍ନାନ କରିବା ଦରକାର।
- ସ୍ନାନ ସମୟରେ ଭଗବାନ ବିଷ୍ଣୁଙ୍କ ନାମ ସ୍ମରଣ କରିବା ଉତ୍ତମ।
- ସ୍ନାନ ପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରନ୍ତୁ।
- ଏହା ପରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ବୃନ୍ଦାବତୀଙ୍କ ପୂଜା କରିବା ଦରକାର।
- ଏହାବାଦ୍ ପ୍ରତିଦିନ ତୁଳସୀ ଗଛ ମୂଳରେ ଘିଅ ଦୀପ ପ୍ରଜ୍ୱଳିତ କରନ୍ତୁ।

## ଭୁଲରେ ବି ତଳେ ରଖନ୍ତୁନି ଠାକୁରଙ୍କ ମୂର୍ତ୍ତି

ପ୍ରତ୍ୟେକ ହିନ୍ଦୁଙ୍କ ଘରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଏ। ଏହା ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ତେବେ ପୂଜା ସମୟରେ କିଛି ଜିନିଷକୁ ତଳେ ଭୁଲବଶତଃ ରଖିବା ଦ୍ୱାରା ଖରାପ ପ୍ରଭାବ ପଡ଼ିଥାଏ। ଯାହା ଅନେକ ଜାଣି ନାହାନ୍ତି। ସାଧାରଣତଃ ସଫାସଫି କରିବା ସମୟରେ ଲୋକମାନେ ଠାକୁରଙ୍କ ମୂର୍ତ୍ତିକୁ ତଳେ ଭୁଲବଶତଃ ରଖି ଦିଅନ୍ତି। ତେବେ ଏଭଳି କରିବା ଅନୁଚିତ। କୁହାଯାଏ, ଠାକୁରଙ୍କ ମୂର୍ତ୍ତିକୁ ତଳେ ରଖିବା ଦ୍ୱାରା ତାଙ୍କ ପ୍ରତି ଅପମାନ ହୋଇଥାଏ। ଏହାଦ୍ୱାରା ଘରେ ଅଶାନ୍ତି ଦେଖାଦିଏ। ଠାକୁର ଘର ସଫା ବା ପରିଷ୍କାର କରିବା ସମୟରେ ମୂର୍ତ୍ତିକୁ ତଳେ ରଖନ୍ତୁ ନାହିଁ। ତେବେ ମୂର୍ତ୍ତିକୁ ନାଲି କପଡ଼ାରେ ଗୁଡ଼ାଇ ଥାଳିରେ ରଖିବା ଉଚିତ।



## ସ୍ୱସ୍ତି

## ଧନତେରାସ୍



**କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀକୁ ଧନ୍ୱନ୍ତରୀ ତ୍ରୟୋଦଶୀ ବା 'ଧନତେରାସ୍' ବୋଲି କୁହାଯାଏ। ଦୀପାବଳିର ଦୁଇଦିନ ପୂର୍ବରୁ ଏହାକୁ ପାଳନ କରାଯାଏ। ଏହିଦିନ ସୁନା, ରୁପା କିଣାକିଣିକୁ ଶୁଭ ବୋଲି ବିବେଚନା କରାଯାଏ।**

ପୌରାଣିକ କାହାଣୀ ଅନୁସାରେ, ସମୁଦ୍ର ମନ୍ଥନ ଶେଷରେ ଦେବବୈଦ୍ୟ ଧନ୍ୱନ୍ତରୀ ଅମୃତ କଳସରେ ପ୍ରକଟ ହୋଇଥିଲେ। ସେ ହିଁ ଦୁନିଆକୁ ଆୟୁର୍ବେଦ ବିଦ୍ୟାର ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲେ। ଏହି ପର୍ବ ଦୀପାବଳିର ଦୁଇ ଦିନ ପୂର୍ବରୁ ଆସିଥାଏ। ଏହିଦିନ ଧନର ଦେବତା କୁବେରଙ୍କ ପୂଜାର ମହତ୍ତ୍ୱ ରଖେ। ଅନ୍ୟ ଏକ ମାନ୍ୟତାନୁସାରେ, ଏହିଦିନ ଯମରାଜାଙ୍କଠାରୁ ରାଜା ହିମଙ୍କ ପୁତ୍ରଙ୍କୁ ତାଙ୍କ ପତ୍ନୀ ରକ୍ଷା କରିଥିଲେ। ସେହିପରି ସନ୍ଧ୍ୟାରେ ଧନ୍ୱନ୍ତରୀଙ୍କୁ ଦୀପଦାନ କରିବା ଶୁଭ ବୋଲି କୁହାଯାଇଛି। ଏହାଦ୍ୱାରା ଯମରାଜ ଖୁସି ହୁଅନ୍ତି ଏବଂ ଅକାଳ ମୃତ୍ୟୁରୁ ରକ୍ଷା ମିଳେ।

ପ୍ରାଚୀନକାଳରୁ ହିଁ ଧନତେରାସ୍‌ରେ କିଛି ନା କିଛି କିଣିବାର ପରମ୍ପରା ରହିଛି। ଏହିଦିନ କିଣାଯାଉଥିବା ଜିନିଷ ନଷ୍ଟ ହେଉ ନ ଥିବା ବିଶ୍ୱାସ ଅଛି। ଅନେକ ଲୋକ ଏହି ଦିନରେ ସୁନା, ରୁପା ଆଦି କିଣିଥାନ୍ତି। କିଛି ଲୋକ ଝାଡ଼ୁ ନିହାତି ଏହିଦିନ କିଣନ୍ତି। ଝାଡ଼ୁକୁ ମା' ଲକ୍ଷ୍ମୀଙ୍କ ରୂପ ଭାବେ ବିବେଚନା କରାଯାଏ। ଏହା ସୁଖ ସହିତ ଖରାପ ଶକ୍ତି ନାଶ କରୁଥିବା ବିଶ୍ୱାସ ଅଛି। ମା' ଲକ୍ଷ୍ମୀ ସମୃଦ୍ଧି ପ୍ରଦାନ କରନ୍ତି।

ଏହିଦିନ ମା'ଲକ୍ଷ୍ମୀ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି କିଣିବା ଦ୍ୱାରା ଘର ଧନଧାନ୍ୟରେ ଭରପୂର ହୋଇଥାଏ। ଏହା ସହିତ ଦକ୍ଷିଣାବର୍ତ୍ତୀ ଶଙ୍ଖ, ରୁଦ୍ରାକ୍ଷ, ଧାର୍ମିକ ପୁସ୍ତକ ଓ ପଦ୍ମମାଳା କିଣିବା ଶୁଭ। ସେହିପରି ଏହିଦିନ ବାସନ କିଣିବା ମଧ୍ୟ ଶୁଭ। ବାସନରେ କିଛି ଶସ୍ୟ, ନଚେତ୍ ଟଙ୍କା ଭରି ଆଣିବା ଦ୍ୱାରା ଘର ସବୁବେଳେ ଧନଧାନ୍ୟରେ ଭରି ରହିଥାଏ ବୋଲି ଏହା ଦର୍ଶାଏ। ଅନ୍ୟପକ୍ଷରେ ଷ୍ଟିଲ୍, ଆଲୁମିନିୟମ, ପ୍ଲାଷ୍ଟିକ୍, କାଚ ବାସନ କିଣିବା ଅଶୁଭ ହୋଇଥାଏ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ'ରେ ଉପାଖ୍ୟାନ ସମ୍ପର୍କରେ କୁହାଯାଇଥିଲା। ଏଥର ଏହାର ତତ୍ତ୍ୱ ସମ୍ପର୍କରେ କୁହାଯାଇଛି।)

ଏବେ ଉପାଖ୍ୟାନର ତତ୍ତ୍ୱ କୁ ବୁଝିବାକୁ ଚେଷ୍ଟା କରିବା।

ଏହି ଗଳ୍ପର ଚରିତ୍ର ଗୁଡିକ ହେଉଛନ୍ତି:

ପୁରଞ୍ଜନ : ଜୀବତ୍ମା
ଅଭିଜ୍ଞାତ : ପରମାତ୍ମା
ପୂରଞ୍ଜନୀ : ଜୀବର ମତୀ / ବୁଦ୍ଧି
ନବ ଦ୍ୱାର ସମ୍ପନ୍ନ ପ୍ରାସାଦ : ମଣିଷର ଶରୀର
ନଅ ଗୋଟି ଦ୍ୱାର : ମଣିଷର ମୁହଁରେ ସାତ ଗୋଟି ଦ୍ୱାର (ନାକ-୨ ,କାନ -୨ , ଆଖି -୨ ,ପାଟି-ଏକ )
ନିମ୍ନରେ ଦୁଇଟି ଦ୍ୱାର ( ମଳ ଦ୍‌ବାର ଓ ମୂତ୍ର ଦ୍ୱାର )
ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର : ମଣିଷ ଶରୀର ର ପଞ୍ଚ କୋଷ ( ଅନ୍ନମୟ ,ପ୍ରାଣମୟ ,ମନୋମୟ ,ବିଜ୍ଞାନମୟ ,ଆନନ୍ଦମୟ )
ପୂରଞ୍ଜନୀର ଦଶ ଅଙ୍ଗ ରକ୍ଷକ : ଜୀବର ପାଞ୍ଚ କର୍ମେନ୍ଦ୍ରିୟ (ହାତ ,ମୁହଁ ,ଗୋଡ ,ଲିଙ୍ଗ ,ଗୁର୍ଦା )
ପାଞ୍ଚ ଜ୍ଞାନେନ୍ଦ୍ରିୟ ( ଆଖି, କାନ ,ନାକ ,ଜିଭ ,ଚର୍ମ )
ପୁରଞ୍ଜନୀର ସେନାପତି : ଜୀବର ମନ
ପାଞ୍ଚ ଫଣା ବିଶିଷ୍ଟ ସର୍ପ : ପାଞ୍ଚ ପ୍ରାଣ (ପ୍ରାଣ ,ଆପାନ ,ବ୍ୟାନ ,ଉଧାନ ,ସାମାନ )
ପାଞ୍ଚ ଟି ଘୋଡା : ପାଞ୍ଚ ଇନ୍ଦ୍ରୀୟ (ଶ୍ରବଣ , ଘ୍ରାଣ ,ଦର୍ଶନ ,ସ୍ପର୍ଶ ,ସ୍ୱାଦ )
ଦୁଇ ଚକ ବିଶିଷ୍ଟ ରଥ : ମଣିଷ ର ଦୁଇ ଗୋଡ
ଜରା : ବୃଦ୍ଧାବସ୍ଥା
ଚଣ୍ଡବେଗ : କାଳ ଚକ୍ର
ଚଣ୍ଡବେଗର କଳା ,ଧଳା ସୈନ୍ୟ : ଦିନ (ଧଳା ) ଓ ରାତି (କଳା )

ଏବେ ସମ୍ପୂର୍ଣ୍ଣ ଘଟଣାଟି ଆଲୋଚନା କରିବା।

ଏକଦା ପୁରଞ୍ଜନ (ଜୀବତ୍ମା ) ଏବଂ ଅଭିଜ୍ଞାତ (ପରମାତ୍ମା ) ଦୁଇ ଅନ୍ତରଙ୍ଗ ବନ୍ଧୁ ଥିଲେ। ଯେ ପର୍ଯ୍ୟନ୍ତ ପୁରଞ୍ଜନ (ଜୀବତ୍ମା ) ଅଭିଜ୍ଞାତ (ପରମାତ୍ମା )ଙ୍କ ସହିତ ନିବିଡ଼ ଥିଲା, ପୁରଞ୍ଜନ ଅତ୍ୟନ୍ତ ଆନନ୍ଦରେ ଥିଲା। ହଠାତ୍ ପୁରଞ୍ଜନ (ଜୀବତ୍ମା )ର ଇଚ୍ଛା ହେଲା କିଛି ନଗର ( ବିଭିନ୍ନ ଯୋନିରେ) ଭ୍ରମଣ କରିବାକୁ। ବିଭିନ୍ନ ସହର (ଚୌରାଶି ଲକ୍ଷ ଯୋନି) ବୁଲିବା ପରେ ହିମାଳୟର ଦକ୍ଷିଣ ଦିଗ (ଭାରତ ) ରେ ଆସି ପହଞ୍ଚିଲା। ସେଠାରେ ନବ ଦ୍ୱାର ବିଶିଷ୍ଟ ଏକ ପ୍ରାସାଦ (ମଣିଷ ଶରୀର ) ଦେଖିଲା। ଏହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ଥିଲା (ପ୍ରାଚୀର ଗୁଡିକୁ ଉପରେ ବ୍ୟାଖ୍ୟା କରାଯାଇ ଅଛି)। ଉକ୍ତ ପ୍ରାସାଦରେ ଜଣେ ସୁନ୍ଦରୀ କନ୍ୟା (ନାମ ପୂରଞ୍ଜନୀ) (ମଣିଷ ର ମତି / ବୁଦ୍ଧି / ଅବିଦ୍ୟା ) ବାସ କରୁ ଥିଲା। ଏହି କନ୍ୟାଙ୍କୁ ଦଶ ଜଣ ଅଙ୍ଗ ରକ୍ଷକ (ଉପରେ ବ୍ୟାଖ୍ୟା କରା ଯାଇ ଅଛି) ଘେରି ରହିଥିଲେ ଏବଂ କନ୍ୟାର ଜଣେ ସେନାପତି ( ମଣିଷ ର ମନ ) ଥିଲେ। ସୁନ୍ଦରୀ ଯୁବତୀ ଅବିବାହିତ ଥିଲେ- ପୁରଞ୍ଜନଙ୍କୁ ବିବାହ ନିମନ୍ତେ ଆଗ୍ରହ କରିବାରୁ ପୁରଞ୍ଜନ ପୂରଞ୍ଜନୀ ଙ୍କୁ ବିବାହ କଲେ ( ମଣିଷ ଯୋନିରେ ପ୍ରବେଶ କଲେ)।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## କୁଳଦୀପଙ୍କୁ ୫ ୱିକେଟ୍; ୱେଷ୍ଟଇଣ୍ଡିଜ୍ ୨୪୮ ରେ ଆଉଟ୍

# ଫଲୋଅନ୍ ପରେ ଲଢ଼ିଲେ ହୋପ୍-କ୍ୟାମ୍ପବେଲ୍

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି)





ଦୁଇ ବାମହାତୀ ସ୍ପିନର କୁଳଦୀପ ଯାଦବ ୫ ଓ ରବୀନ୍ଦ୍ର ଜାଡେଜା ୩ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ୫ ୱିକେଟରେ ୫୧୮ (ଘୋଷଣା) ରନ୍ ଜବାବରେ ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଫଳରେ ୨୭୦ରନ୍‌ରେ ପଛରେ ରହି ୱେଷ୍ଟଇଣ୍ଡିଜ୍ ଫଲୋଅନ୍ ହୋଇଛି। ଫଲୋଅନ୍ ପରେ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଲଢୁଆ ବ୍ୟାଟିଂ କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ୱିକେଟରେ ୧୭୩ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ କ୍ୟାମ୍ପବେଲ ୮୭ ଓ ହୋପ୍ ୬୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡ଼ିରୁ ୧୩୮ ରନ୍ ସଂଗ୍ରହ କରିବା ଫଳରେ ୨୦୧୬ ପରେ ପ୍ରଥମଥର ମ୍ୟାଚ୍ ଚତୁର୍ଥ ଦିନକୁ ଯାଇଛି। ଦଳ ପକ୍ଷରୁ ଟାଗେନାରିନ୍ ଚନ୍ଦରପଲ ୧୦ ଓ ଆଲିକ୍ ଆଥାନାଜେ ୭ ରନ୍‌ରେ ଆଉଟ ହୋଇଥିଲେ। ମହମ୍ମଦ୍ ସିରାଜ ଓ ୱାଶିଂଟନ ସୁନ୍ଦର ଭାରତ ପକ୍ଷରୁ ଉପରୋକ୍ତ ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି।

### ପ୍ରଥମ ଇନିଂସରେ ସ୍ପିନରଙ୍କର ପ୍ରାଧାନ୍ୟ

ଏହି ଟେଷ୍ଟର ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୪ ୱିକେଟରେ ୧୪୦ ରନ୍‌ରୁ ଖେଳ ଆରମ୍ଭ କରି ସତର୍କତାର ସହ ଖେଳିଥିଲେ ୱେଷ୍ଟଇଣ୍ଡିଜ୍‌ର ସାଇ ହୋପ୍ ଓ ଟେଭିନ ଇମ୍‌ଲାଚ୍। ତୃତୀୟ ଦିନ ୱେଷ୍ଟଇଣ୍ଡିଜ୍ ଆଉ ୧୬ ରନ୍ ଯୋଡ଼ିବା ପରେ ହୋପ୍‌ଙ୍କୁ ୩୬ ରନ୍‌ରେ ବୋଲ୍ଡ କରି କୁଳଦୀପ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାର ୭ ରନ୍ ପରେ ପୂର୍ବଦିନର ଅନ୍ୟତମ ଅପରାଜିତ ବ୍ୟାଟର ଇମ୍‌ଲାଚ୍ (୨୧) ମଧ୍ୟ କୁଳଦୀପଙ୍କ ଶିକାର ବନିଥିଲେ। ଏହି ସମୟରେ ଦଳ ସାମୟିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଭ୍ରମଣକାରୀ ଦଳ ୧୭୫ ରନ୍‌ରେ ୮ମ ୱିକେଟ ହରାଇବା ପରେ ଖାରୀ ପିଏରେ ଓ ଆଣ୍ଡରସନ ଫିଲିପ୍ ୯ମ ୱିକେଟରୁ ୪୬ ରନ୍, ଫିଲିପ୍ ଓ ଜେଡେନ ସିଲ୍ସ ୨୭ ରନ୍ ଉଠାଇଥିଲେ। ଏହା ଫଳରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୨୪୮ ରନ୍ କରିଥିଲେ ମଧ୍ୟ ଫଲୋଅନ ହୋଇଥିଲା।

ଏଠାରେ ବ୍ୟାଟିଂ କରିବା ସହଜ ହୋଇଥିଲେ ମଧ୍ୟ ଭାରତୀୟ ସ୍ପିନରମାନେ ସୁଯୋଗ ସୃଷ୍ଟି କରି ୱିକେଟ ହାସଲ କରିଥିଲେ। ଦଳ ପକ୍ଷରୁ ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ସର୍ବାଧିକ ୫ଟି ଓ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ପାଇଥିଲେ। ଜାଡେଜାଙ୍କୁ ଦ୍ୱିତୀୟ ଦିନ ସମସ୍ତ ୩ଟି ଯାକ ୱିକେଟ ମିଳିଥିଲାବେଳେ ତୃତୀୟ ଦିନ ବିଫଳ ହୋଇଥିଲେ। ଆଜି ୱେଷ୍ଟଇଣ୍ଡିଜ୍ ହରାଇଥିବା ୬ଟି ୱିକେଟ ମଧ୍ୟରୁ କୁଳଦୀପଙ୍କୁ ୫ ୱିକେଟ ମିଳିଥିଲା। ବୁମ୍‌ରା ଅନ୍ୟ ଜଣଙ୍କୁ ଆଜି ଆଉଟ କରିଥିଲେ।

### ଏ ବର୍ଷର ରେକର୍ଡ ପାର୍ଟନରସିପ୍

ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦୁଇଟି ସହଜ ୱିକେଟ ହରାଇଥିଲା। ୩୫ ରନ୍‌ରେ ୨ ୱିକେଟ ହରାଇଥିବା ପରେ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଅବିଭକ୍ତ ତୃତୀୟ ୱିକେଟରୁ ୧୩୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ ୱିକେଟରେ ୧୭୩ ରନ୍ କରିଥିଲା। ଏହି ପାର୍ଟନରସିପ୍ ଚଳିତବର୍ଷ ୱେଷ୍ଟଇଣ୍ଡିଜ୍ ଲାଗି ସର୍ବାଧିକ। ସେହିପରି କାଉଣ୍ଟର ଆଟାକ କରିଥିବା କ୍ୟାମ୍ପବେଲ ମଧ୍ୟ ଟେଷ୍ଟ କ୍ରିକେଟରେ ସର୍ବାଧିକ ୮୭ ରନ୍ କରିଛନ୍ତି। ହୋପ୍ ୩୧ଟି ଇନିଂସ ପରେ ଅର୍ଦ୍ଧଶତକ ହାସଲ କରି ୬୬ ରନ୍‌ରେ ଅପରାଜିତ ରହିଛନ୍ତି। ଏହା ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ହାତରେ ୮ଟି ୱିକେଟ ବାକି ରଖି ଏବେ ମଧ୍ୟ ୯୭ ରନ୍‌ରେ ପଛରେ ରହିଛି।

#### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ : ୫୧୮ / ୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/ ୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ : ୨୪୮ , ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଳଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ : ୧୭୩/୨, ୪୯ ଓଭର** (କ୍ୟାମ୍ପବେଲ-ବ୍ୟାଟିଂ-୮୭, ହୋପ୍-ବ୍ୟାଟିଂ-୬୬, ସିରାଜ-୧/୧୦, ସୁନ୍ଦର-୧/୪୪)।

## ଜୟସ୍ୱାଲଙ୍କ ଉପରକୁ ବଲ ପକାଇ ସିଲ୍ସ ଦଣ୍ଡିତ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ୱେଷ୍ଟଇଣ୍ଡିଜ୍ ଫାଷ୍ଟ ବୋଲର ଜେଡେନ ସିଲ୍ସ ତାଙ୍କ ଉପରକୁ ବଲ ଫିଙ୍ଗି ଦଣ୍ଡିତ ହୋଇଛନ୍ତି। ଦଣ୍ଡ ଆକାରରେ ମ୍ୟାଚ୍ ରେଫରି ତାଙ୍କ ମ୍ୟାଚ୍ ଫି'ର ୨୫ ଶତକଡ଼ା କାଟିନେଇଛନ୍ତି ଓ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ଦେଇଛନ୍ତି। ଏଭଳି ଆଚରଣ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଓ ବିପଜ୍ଜନକ ବୋଲି ମ୍ୟାଚ୍ ରେଫରିଙ୍କର ହୃଦ୍‌ବୋଧ ହୋଇଛି। ଘଟଣାରୁ ଜଣାଯାଇଛି, ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ଭାରତୀୟ ଇନିଂସର ୨୯ତମ ଓଭରରେ ଏହି ଅଘଟଣ ଘଟିଥିଲା। ଏହି ଓଭରରେ ଜେଡେନ୍ ସିଲ୍ସ ଫଲୋ ଥ୍ରୁ'ରେ ବଲ ଧରିବା ପରେ ଜୟସ୍ୱାଲଙ୍କ ଉପରକୁ ବଲ ଫିଙ୍ଗିଥିଲେ। ବଲ୍‌ଟି ତାଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହା ଫଳରେ କୌଣସି କ୍ଷତି ହୋଇ ନ ଥିଲା। ଏହାକୁ କିନ୍ତୁ ଗମ୍ଭୀରତାର ସହ ନେଇଥିଲେ ଓ ବିଚାର ବେଳେ ସିଲ୍ସ ଏହାକୁ ଅସ୍ୱୀକାର କରିଥିଲେ। ରନ୍ ଆଉଟ କରିବା ଲାଗି ସିଲ୍ସ ଯେତେ କହିଥିଲେ ମଧ୍ୟ ଏହା ଅଣଖେଳୱାଡ ଓ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରୁଛି ବୋଲି ମ୍ୟାଚ୍ ରେଫରି କହିଥିଲେ। ଏହା ପରେ ଦଣ୍ଡ ସ୍ୱରୂପ ୨୫ ଶତକଡ଼ା ମ୍ୟାଚ୍ ଫି କାଟିନେବା ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେବାକୁ ନିଷ୍ପତ୍ତି ନେଇଥିଲେ।

## ସାଙ୍ଘାଇ ମାର୍ଷ୍ଟସ ଜିତି ଇତିହାସ ରଚିଲେ ଭାଲେଣ୍ଟିନ



ସାଙ୍ଘାଇ, ୧୨।୧୦ (ଏଜେନ୍ସି): ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୨୦୪ତମ ସ୍ଥାନରେ ରହିଥିବା ମୋନାକୋର ଭାଲେଣ୍ଟିନ ଭାଚେରୋଟ୍ ଏଠାରେ ଅନୁଷ୍ଠିତ ସାଙ୍ଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟ ଜିତି ଇତିହାସ ରଚିଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ଯୋଗ୍ୟତା ଅର୍ଜନକାରୀ ଭାଲେଣ୍ଟିନ ୪-୬, ୬-୩, ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ରହିଥିବା ଫ୍ରାନ୍ସର ଅର୍ଥର ରିଣ୍ଡେର୍କନେଚଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୬ ବର୍ଷୀୟ ଭାଲେଣ୍ଟିନ ଏଟିପି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତିବାରେ ବିଶ୍ୱର ସର୍ବନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ଏହି ରେକର୍ଡ କ୍ରୋଏସିଆର ବୋର୍ନା କୋରିକଙ୍କ ନାମରେ ରହିଥିଲା। ୨୦୨୨ରେ ବୋର୍ନା ୧୫୨ତମ ସ୍ଥାନରେ ରହିଥିବାବେଳେ ଏଟିପି-୧୦୦୦ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ସିନ୍‌ସିନାଟି ଓପନ୍ ଟାଇଟଲ୍ ଜିତିଥିଲେ। ଉଲ୍ଲେଖଯୋଗ୍ୟ, ଭାଲେଣ୍ଟିନ ପ୍ରଥମେ ଯୋଗ୍ୟତା ପର୍ଯ୍ୟାୟ ଦେଇ ସାଙ୍ଘାଇ ମାଷ୍ଟର୍ସର ମୁଖ୍ୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ସେମିଫାଇନାଲରେ ସେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଚାମ୍ପିଅନ ହେବା ସହ ସେ ୯ କୋଟି ୯୭ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି।

### ● ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତା

## ୯ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୮ ପଦକ



ଭୁବନେଶ୍ୱର,୧୨।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତାର ତୃତୀୟ ତଥା ଶେଷ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ପଦକ ରହିଛି। ମହିଳା ଖେଳାଳି ଅନୁପମା ସ୍ୱାଇଁ କଣ୍ଟାକ୍ଟ ଫାଇଟିଙ୍ଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ହ୍ୟାଟ୍ରିକ୍ ସ୍ୱର୍ଣ୍ଣ। ଅମରେଶ୍ୱର ସ୍ୱାଇଁ ଆଜିର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ଓ ଦ୍ୱିତୀୟ ଦିନରେ ୧୪ଟି ପଦକ ମିଳିଥିଲା। ମୋଟରେ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୯ଟି କାଂସ୍ୟ ସହ ଓଡ଼ିଶା ୨୮ଟି ପଦକ ଜିତି ଶ୍ରେଷ୍ଠ ସଫଳତା ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଦିନ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିପରି ପ୍ରଥମ ଦିନରେ ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ● ବାସୁଦେବ ମହାନ୍ତି ସ୍ମାରକୀ ଚେସ୍

## ପ୍ରୀତିକା ପ୍ରଧାନଙ୍କୁ ଟାଇଟଲ୍



ଭୁବନେଶ୍ୱର,୧୨।୧୦(ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରୀତିକା ପ୍ରଧାନ ବାସୁଦେବ ମହାନ୍ତି ସ୍ମାରକୀ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ୫ ରାଉଣ୍ଡ ଖେଳ ଶେଷସୁଦ୍ଧା ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ପ୍ରୀତିକା ଅନ୍ୟମାନଙ୍କୁ ପଛରେ ପକାଇ ଟାଇଟଲ କବ୍‌ଜା କରିନେଇଥିଲେ। ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ନିଶାଦ ସେନାପତି ଦ୍ୱିତୀୟ, ପୋଖରୀପୁଟ ଡିଏଭି ସ୍କୁଲ୍‌ର ଦିବ୍ୟାଂଶ ମହନ୍ତ ତୃତୀୟ, ଭୁବନେଶ୍ୱର କେଭି ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ୫ମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ଓ ମାନପତ୍ର ଆୟୋଜକଙ୍କଠାରୁ ପ୍ରଦାନ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏହାକୁ ଆୟୋଜିତ କରିଥିଲା। ଏହାର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

### ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

## ହଂକଂଠୁ ହାରି ଭାରତ ବିଦା



ଭୁବନେଶ୍ୱର,୧୨।୧୦(ସମିସ): ହଂକଂଠାରୁ ୩-୦ ବ୍ୟବଧାନରେ ପରାଜିତ ହୋଇ ଭାରତୀୟ ପୁରୁଷ ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ରୁ ବିଦାୟ ନେଇଛି। ଆଜି ଅପରାହ୍ନରେ ଖେଳାଯାଇଥିବା ମୁକାବିଲାରେ ହଂକଂ ପ୍ରଥମ ୩ଟି ମୁକାବିଲାକୁ ଜିତିନେବା ପରେ ଆଉ କୌଣସି ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା। ହଂକଂ ଖେଳାଳିମାନେ ଶୃଙ୍ଖଳିତ, ଦୃଢ଼ ମାନସିକ ଓ ଟେକ୍ନିକାଲି ଦୃଢ଼ ଥିବାରୁ ଭାରତୀୟମାନେ ସେମାନଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଗତ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଭାରତ ୨ଥର କାଂସ୍ୟ ପଦକ ଜିତିଥିଲା। ମାନୁସ ଶାହ, ମାନବ ଠାକର ଓ ଯୁବ ଖେଳାଳି ଅଙ୍କୁର ଭଟ୍ଟାଚାର୍ଯ୍ୟ ପ୍ରତିଦ୍ୱନ୍ଦ୍ୱୀ ହଂକଂ ଖେଳାଳିଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଏବେ ୫ମ ସ୍ଥାନ ଲାଗି ଭାରତ ଓ କୋରିଆ ମଧ୍ୟରେ ମୁକାବିଲା ହେବ। ଆଜିର ଅନ୍ୟ ମୁକାବିଲାରେ ଜାପାନ ୩-୧ରେ କୋରିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମହିଳା ବିଭାଗରେ ଦକ୍ଷିଣ କୋରିଆ ଓ ଜାପାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

### ସୁଲତାନ ଜୋହର କପ୍

## ଭାରତର ଦ୍ୱିତୀୟ ବିଜୟ

ଜୋହର ବାହରୁ, ୧୨।୧୦: ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ଜୁନିଅର ପୁରୁଷ ଦଳ ୪-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ଅର୍ଶଦୀପ୍ ସିଂହ ଓ ୧୫ତମ ମିନିଟ୍‌ରେ ପିବି ସୁନିଲ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଅରଜିତ୍ ସିଂହ ହୁଣ୍ଡାଲ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଓଡ଼ିଆ ଖେଳାଳି ରୋଶନ କୁଜୁର ଦଳ ପାଇଁ ଅନ୍ତିମ ତଥା ୪ର୍ଥ ଗୋଲ୍‌ଟି ଦେଇଥିଲେ।

### ● ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ଜାଭେଲିନ୍‌ରେ କୁନିଙ୍କୁ ରୌପ୍ୟ ସଫଳତା



ଭୁବନେଶ୍ୱର, ୧୨।୧୦ (ସମିସ): ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶା ଦଳର ପଦକ ବିଜୟଧାରା ଜାରି ରହିଛି। ପ୍ରତିଯୋଗିତାର ତୃତୀୟ ଦିବସରେ ରବିବାର ଓଡ଼ିଶାର କୁନି ରାଜଗୋଣ୍ଡା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ବାଳିକା ୧୪ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ କୁନି ଏହି ସଫଳତା ପାଇଛନ୍ତି। ସେ ୩୭.୫୫ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ହରିୟାଣାର ଆରାଧ୍ୟା ସିଂହ (୩୮.୬୪ ମିଟର) ଓ ପଶ୍ଚିମବଙ୍ଗର ଅନୁଶ୍ରୀ ବିଶ୍ୱାସ (୩୬.୫୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ୍ ସମୀକ୍ଷା ସ୍ୱର୍ଣ୍ଣପ୍ରେମୀ ୨୦.୧୫ ମିଟର ଜାଭେଲିନ ଫିଙ୍ଗି ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଦିବସରେ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ଓଡ଼ିଶାର ପ୍ରତୀକ ମହାରଣା ରୌପ୍ୟ ଏବଂ ୨ୟ ଦିବସରେ ଆଲୋକିକା ସ୍ୱାଇଁ ମହିଳା ୧୮ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ଜିତିଥିଲେ।



### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ଭାରତକୁ ହରାଇଲେ ହିଲୀ; ଅଷ୍ଟ୍ରେଲିଆର ରେକର୍ଡ ଚେଜ୍

ବିଶାଖାପାଟନମ, ୧୨।୧୦ (ଏଜେନ୍ସି)



ସ୍ମୃତି ମନ୍ଧାନା

ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଏଠାରେ ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୩ ୱିକେଟରେ ଭାରତକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୩୧ ରନର ରେକର୍ଡ ଟାର୍ଗେଟ୍‌କୁ ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ଗୋଟିଏ ଓଭର ପୂର୍ବରୁ ବିଜୟୀ ହୋଇଥିଲା। ଏଲିସା ହିଲୀ ୧୪୨ ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳି ଭାରତକୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ପତ୍ନୀ ହିଲୀ ୧୦୭ ବଲରେ ଏହି ପାଳିରେ ୨୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲିସେ ପେରୀ ୪୭, ଆସଲେ ଗାର୍ଡନର ୪୫, ଫୋଏବେ ଲିଚଫିଲ୍ଡ ୪୦ ରନ କରିଥିଲେ। ଭାରତ ପକ୍ଷରୁ ଶ୍ରୀଚରଣୀ ୩ ଏବଂ ଦୀପ୍ତି ଶର୍ମା ଓ ଅମନଜୋତ୍ କୌରଙ୍କୁ ୨ଟି ୱିକେଟ୍ ମିଳିଥିଲା। ମହିଳା ଦିନିକିଆରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ପୂର୍ବରୁ ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କା ୩୦୨ ରନକୁ ସଫଳତାର ସହ ପିଛା କରିଥିଲା। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଦୁଇ ଓପନର୍ ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନା ପ୍ରଥମ ୱିକେଟ୍‌ରେ ୧୫୫ ରନର ଭାଗୀଦାରି ଗଢ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ଫଳରେ ଭାରତ ୪୮.୫ ଓଭରରେ ୩୩୦ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମନ୍ଧାନା ୬୦ ବଲରୁ ୯ ଚୌକା ଓ ୩ ଛକା ସହ ୮୦ ଓ ପ୍ରତୀକା ୭୫ ରନ କରିଥିଲେ। ମଧ୍ୟକ୍ରମରେ ମଧ୍ୟରେ ହର୍ଲିନ ଦେଓଲ ୩୮, ଜେମିମା ରୋଡ୍ରିଗ୍ସେଜ ୩୩, ରିଚା ଘୋଷ ୩୨, ଅଧିନାୟିକା ହରମନପ୍ରୀତ୍ କୌର ୨୨ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ମଧ୍ୟଗତିର ବୋଲର ସଦରଲାଣ୍ଡ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଅଷ୍ଟ୍ରେଲିଆ ଚତୁର୍ଥ ମ୍ୟାଚରୁ ୩ ବିଜୟ ଓ ଗୋଟିଏ ବାତିଲ ସହ ଅଷ୍ଟ୍ରେଲିଆ ୭ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅପରପକ୍ଷରେ ପୂର୍ବ ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଭାରତ ୪ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ଆସନ୍ତା ୧୯ରେ ଇଂଲଣ୍ଡକୁ ଭେଟିବ ଭାରତ।

#### ମ୍ୟାଚ୍‌ରେ କୀର୍ତ୍ତିମାନ

**୫ ହଜାର ରନ** : ମିତାଲି ରାଜ (୭୮୦୫ ରନ)ଙ୍କ ପରେ ୨ୟ ଭାରତୀୟ ଭାବେ ମନ୍ଧାନା (୫୦୨୨) ଦିନିକିଆରେ ୫ ହଜାର ରନ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱରେ ସର୍ବକନିଷ୍ଠ (୨୯ ବର୍ଷ), ସବୁଠୁ କମ୍ ଇନିଂସ (୧୧୨) ଓ ସବୁଠୁ କମ୍ ବଲ୍ (୫୫୬୯) ଖେଳି ୫ ହଜାର ରନ ସଂଗ୍ରହ କରିବାରେ ମନ୍ଧାନା କୀର୍ତ୍ତିମାନ କରିଛନ୍ତି। ଷ୍ଟିଫାନୀ ଟେଲର (୧୨୯ ଇନିଂସ) କମ୍ ଇନିଂସ ଓ ସୁଜି ବେଟ୍ସ (୬୧୮୨) କମ୍ ବଲ୍ ଖେଳି ୫ ହଜାର ରନ ସଂଗ୍ରହ କରିଥିଲେ।

**୧୦୦୦ ରନ** : ବିଶ୍ୱର ପ୍ରଥମ ମହିଳା କ୍ରିକେଟର୍ ଭାବେ ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ଦିନିକିଆ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ଗୋଟିଏ ବର୍ଷରେ ସର୍ବାଧିକ ରନ ବେଲିଣ୍ଡା କ୍ଲାର୍କ (୯୭୦ ରନ, ୧୯୯୭ ମସିହା)ଙ୍କ ନାମରେ ରହିଥିଲା।

**୧୫୫ ରନ** : ମନ୍ଧାନା ଓ ପ୍ରତୀକା ଓପନିଂ ଯୋଡ଼ିରେ ୧୫୫ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଦଳର ସର୍ବାଧିକ ଓପନିଂ ପାର୍ଟନରସିପ୍।

**୩୩୦ ରନ** : ଦିନିକିଆ ବିଶ୍ୱକପ୍ ଇତିହାସରେ ଭାରତ ଏହାର ସର୍ବାଧିକ ଦଳଗତ ସ୍କୋର ହାସଲ କରିଛି। ୨୦୨୨ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩୧୭ ରନ କରିଥିଲା।

**୩୦୦+** : ବିଶ୍ୱକପ୍‌ରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ମହିଳା ବିପକ୍ଷରେ କୌଣସି ଦଳ ୩୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS